# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 334 ଭାଗ ୩୩ | ସଂଖ୍ୟା ୩୩୪ | Thursday 26 February 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୨୬ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ନ୍ୟାୟପାଳିକା ଉପରେ ଏହା ଇଚ୍ଛାକୃତ ଆକ୍ରମଣ

ପୃଷ୍ଠା ୫


## ସହସମ୍ପାଦକ ଆବଶ୍ୟକ

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776


# ତୁସି ଗ୍ରେଟ୍ ହୋ

- କଳାଟଙ୍କାରେ କୁବେର ଖଣି ଉପନିର୍ଦ୍ଦେଶକ
- ଅଲୋଡ଼ା ରେକର୍ଡର ଅଧିକାରୀ ହେଲେ ବାବୁ
- ନଗଦ ଟଙ୍କା ଠାବରେ ଭିଜିଲାନ୍ସର ରେକର୍ଡ
- ତଦନ୍ତ କରିପାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ





**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ) :** ଖଣି ବିଭାଗ କଟକ ସର୍କଲର ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି। ମଙ୍ଗଳବାର ରାତିରେ ଜଣେ କୋଇଲା ଭେଣ୍ଡରଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ତାଙ୍କୁ ପ୍ରମାଣ ସହ ଧରିଥିଲା ଭିଜିଲାନ୍ସ। ଆଉ ବୁଧବାର ସକାଳୁ ପଟିଆ ନେଚର୍ସ କ୍ରେଷ୍ଟ୍ ଆପାର୍ଟମେଣ୍ଟରେ ବାବୁଙ୍କ ଭଡ଼ା ଘରେ ଚଢ଼ାଉ ସମୟରେ ସମସ୍ତେ ହୋଇଯାଇଥିଲେ ତାଜୁବ। କେବଳ ଏକ ଟ୍ରଲି ବ୍ୟାଗରୁ ମିଳିଥିଲା ନଗଦ ୪ କୋଟି। ୫ ଶହ ଟଙ୍କିଆ ବଣ୍ଡଲଗୁଡ଼ିକ ଗଣି ଗଣି ହାଲିଆ ହୋଇଯାଉଥିଲେ ଭିଜିଲାନ୍ସ ଅଧିକାରୀମାନେ। ରାଜ୍ୟରେ ଆଜି ପର୍ଯ୍ୟନ୍ତ ଭିଜିଲାନ୍ସ ଯେଉଁଠି ବି ଚଢ଼ାଉ କରିଛି, ସେଠାରୁ ଉଦ୍ଧାର ହୋଇଥିବା ନଗଦ ମଧ୍ୟରେ ଏହା ହେଉଛି ସର୍ବାଧିକ। ଅଫିସ, ଭଦ୍ରକ ପୈତୃକ ବାସଭବନ, ପାହାଳରେ ଅର୍ଦ୍ଧନିର୍ମିତ ଗୃହରେ ଚଢ଼ାଉ ସମୟରେ ମିଳିଛି ନଗଦ ୪ କୋଟି ୨୭ ଲକ୍ଷ ଟଙ୍କା। ଗଚ୍ଛିତ କଳା ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଶ୍ରୀ ମହାନ୍ତିଙ୍କୁ ଗିରଫ କରାଯାଇଛି। ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଟେକ୍ନିକାଲ ଟିମ ବାବୁଙ୍କ ଆକାଉଣ୍ଟ ଯାଞ୍ଚ କରୁଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସପି ସରୋଜ ସାମଲ।

ମାତ୍ର ୮ ହଜାର ଟଙ୍କା ଦରମାରେ ୨୦୦୪ରେ ଜୁନିୟର ମାଇନିଂ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ ବାବୁ ଜଣଙ୍କ। ପରେ ବଲାଙ୍ଗୀର, ବାରିପଦା, ବ୍ରହ୍ମପୁର, କଟକ, ଭୁବନେଶ୍ୱରରେ କାମ କରିଛନ୍ତି। ୨୦୦୯ରେ ଏହି ଲାଞ୍ଚଖୋର ବାବୁଙ୍କ ନାଁରେ ଭିଜିଲାନ୍ସ କେସ ଏବେ ବି ବିଚାରାଧୀନ ରହିଛି। କିନ୍ତୁ ଟଙ୍କା ଖାଇ ଟିଙ୍କ ବନିଥିବା ଏହି ଡିଡିଏମ ଜଣଙ୍କ ମନ ଦରମା ଟଙ୍କାରେ ଆଦୌ ବୁଝୁ ନ ଥିଲା। ପାହାଳଠାରେ ଏକ ୨୪ ଶହ ବର୍ଗଫୁଟର ୨ ମହଲା ଘର ତିଆରି କରୁଥିବା ବେଳେ ସହିଦ ନଗରର ପ୍ରାଇମ ଲୋକେସନରେ ଫ୍ଲାଟ କିଣିବାର ସ୍ୱପ୍ନ ଦେଖୁଥିଲେ ସେ। ତେଣୁ ଭେଣ୍ଡର ଓ ଖଣି ମାଲିକଙ୍କଠାରୁ ମାସିକିଆ ବଟି ନେବା ସହ ପରପିଢ଼ି ପାଇଁ ଠୁଳ କରିଚାଲିଥିଲେ କୋଟି କୋଟି ଟଙ୍କା। ଶ୍ରୀ ମହାନ୍ତିଙ୍କୁ ଗିରଫ କରାଯିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପରିବାର ଓ ସମ୍ପର୍କୀୟଙ୍କ ନାଁରେ କେତେ ଟଙ୍କା କେଉଁ ସ୍ଥାନରେ ବିନିଯୋଗ ହୋଇଛି, ସେନେଇ ମଧ୍ୟ ଖୋଳତାଡ଼ ଚାଲିଛି। ସେସବୁ ନେଇ ଅଧିକ ପ୍ରମାଣ ମିଳିଲେ ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ ଦଣ୍ଡବିଧାନ ହୋଇପାରିବ ବୋଲି ସୂଚନା ଦେଇଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠ୍ୱା।

## କୋଟିପତି ଅଫିସରଙ୍କ ଲମ୍ବା ତାଲିକା

ଆଗରୁ ବି ଭିଜିଲାନ୍ସ ଜାଲରେ ଧରାପଡ଼ିଥିଲେ ବହୁ କୋଟିପତି ବାବୁ। ୨୦୨୨ ଏପ୍ରିଲ ୭ ତାରିଖରେ ଭଞ୍ଜନଗର ଏମଆଇ ଡିଭିଜନର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କଠାରୁ ଜବତ ହୋଇଥିଲା ନଗଦ ୩ କୋଟି ୪୧ ଲକ୍ଷ ୬୬ ହଜାର ଟଙ୍କା। ସେହିଭଳି ନବରଙ୍ଗପୁରର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କଠାରୁ ୨୦୨୩ ଜୁନ ୨୨ ଓ ୨୩ ତାରିଖର ଚଢାଉରେ ଧରାପଡ଼ିଥିଲା ୩ କୋଟି ୧୨ ଲକ୍ଷ ୩୦ ହଜାର ଟଙ୍କା। ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ନିକଟରୁ ୨୦୨୫ ମେ' ୩୦ରେ ଠାବ ହୋଇଥିଲା ୨ କୋଟି ୫୬ ଲକ୍ଷ ଟଙ୍କା। ମାଲକାନଗିରି ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ ଶାନ୍ତନୁ ମହାପାତ୍ରଙ୍କ ନିକଟରୁ ୨୦୨୫ ଫେବ୍ରୁଆରୀ ୬ରେ ଭିଜିଲାନ୍ସ ଜବତ କରିଥିଲା ୨ କୋଟି ୮ ଲକ୍ଷ ଟଙ୍କା। ଆହୁରି ୨୦୨୩ ମାର୍ଚ୍ଚ ୩ ତାରିଖରେ ଅତିରିକ୍ତ ଖଣି ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଜେନାଙ୍କ ଅଫିସ ଓ ଘରୁ ଜବତ ହୋଇଥିଲା ନଗଦ ୧ କୋଟି ୬୪ ଲକ୍ଷ ଟଙ୍କା। ସେହିଭଳି ଜୟପୁର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ପାଖରୁ ଭିଜିଲାନ୍ସ ୨୦୨୫ ଜୁଲାଇ ୨୫ ତାରିଖରେ ଚଢ଼ାଉ କରି ➪ ପୃଷ୍ଠା-୬



# ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର

## ଯୋଗଦେଲେ ମୁଖ୍ୟମନ୍ତ୍ରୀ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ। ଏହା ଆସ୍ଥା, ସଂସ୍କୃତି ଏବଂ ଆଧାତ୍ମିକ ଚେତନାର ପୁନଃଜାଗରଣ ବୋଲି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ଗଙ୍ଗା ଆରତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ସେ କହିଥିଲେ ଯେ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡ଼ିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଥାଏ। ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ➪ ପୃଷ୍ଠା-୬

**ଆସ୍ଥା, ଓ ଆଧାତ୍ମିକ ଚେତନାର ପୁନଃଜାଗରଣ: ମୁଖ୍ୟମନ୍ତ୍ରୀ**

# କିଶୋରୀଙ୍କୁ ଦିଆଯିବ କ୍ୟାନ୍ସର ଟିକା

- ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପ
- ଆସନ୍ତା ୨୮ରେ ଓଡ଼ିଶାରେ ଆରମ୍ଭ ହେବ ଅଭିଯାନ



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଏକ ଐତିହାସିକ ତଥା ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। କିଶୋରୀମାନଙ୍କୁ ସର୍ଭାଇକାଲ୍ କ୍ୟାନ୍ସର ବା ଗର୍ଭାଶୟ ମୁଖ କର୍କଟରୁ ସୁରକ୍ଷିତ ରଖିବା ପାଇଁ ଖୁବଶୀଘ୍ର ସାରା ଭାରତରେ ଏଚ୍‌ପିଭି ବା ହ୍ୟୁମାନ ପାପିଲୋମା ଭାଇରସ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଓଡ଼ିଶାରେ ଆସନ୍ତା ୨୮ରୁ ଏହି ଟିକାକରଣ ଅଭିଯାନ ଆରମ୍ଭ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଏହି ଅଭିଯାନ ଅଧୀନରେ ୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀମାନଙ୍କୁ ଟିକାର ଏକକ ଡୋଜ୍ ବା ସିଙ୍ଗଲ ଡୋଜ୍ ପ୍ରଦାନ କରାଯିବାକୁ ଥିବା ବେଳେ ୧୪ ବର୍ଷରୁ ଊର୍ଦ୍ଧ୍ୱ ଓ ବିବାହ ପର୍ଯ୍ୟନ୍ତ ଯୁବତୀମାନଙ୍କୁ ୩ଟି ଡୋଜ୍ ଟିକା ଦିଆଯିବ। ଏନେଇ କେନ୍ଦ୍ର ସରକାର ଗାଇଡଲାଇନ୍ ମଧ୍ୟ ଆଣିଛନ୍ତି। ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ମାଧ୍ୟମରେ ପ୍ରତିବର୍ଷ ଦେଶର ପ୍ରାୟ ୧.୧୫ କୋଟି ୧୪ ବର୍ଷର କିଶୋରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା ଦିଆଯିବ ଓ ଏହି ସୁବିଧା ସମସ୍ତ ➪ ପୃଷ୍ଠା-୬

### ବଳଦେବ ଜୀଉଙ୍କ ରଥଟଣାରେ ହେବନି ବିଭ୍ରାଟ

# ରଥ ନିର୍ମାଣ ଲାଗି କୋଟିଏ ସ୍ୱତନ୍ତ୍ର ଅନୁଦାନ



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନ ଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁନଥିଲା ଓ ପାଖାପାଖି ଦୁଇଦିନ ବିଳମ୍ବ ହେଉଥିଲା। ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ମଧ୍ୟ ପ୍ରକାଶ ପାଇଛି। ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

### ରାଜ୍ୟରେ ଆରମ୍ଭ ହେବ 'ପିଏମ୍-ରାହତ୍' ଯୋଜନା

# ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର 'ପ୍ରଧାନମନ୍ତ୍ରୀ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ସ ହସ୍ପିଟାଲାଇଜେସନ ଆଣ୍ଡ ଆସ୍ୟୁର୍ଡ ଟ୍ରିଟମେଣ୍ଟ' (ପିଏମ ରାହତ) ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଲୋକସେବାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଯୋଜନାରେ ସଡ଼କ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୭ ଦିନ ପର୍ଯ୍ୟନ୍ତ କିମ୍ବା ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏହି ବ୍ୟବସ୍ଥା ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ ହେବ ଓ ଏହାର ସମସ୍ତ ଖର୍ଚ୍ଚ ମୋଟର ଭେହିକିଲ ଆକ୍ସିଡେଣ୍ଟ ଫଣ୍ଡରୁ ଭରଣା କରାଯିବ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ଏହାକୁ ୧୧୨ ଜରୁରୀକାଳୀନ ସେବା ସହ ସଂଯୋଗ କରାଯାଇଛି, ଯାହା ଫଳରେ ଘଟଣାସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରିବ। ତତ୍‌ସହିତ ଏସଏମଏସ ଜରିଆରେ ଜରୁରୀ ସୂଚନା ଓ ଚିକିତ୍ସାଧୀନଙ୍କ ପାଇଁ ହସ୍ପିଟାଲମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି।

ଯୋଜନାକୁ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ଏକ ସମନ୍ୱିତ ଟେକ୍ନୋଲୋଜି ପ୍ଲାଟଫର୍ମ ବ୍ୟବହାର କରାଯାଉଛି। ପୁଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟା ମଧ୍ୟରେ ଇ-ଡିଏଆର ପୋର୍ଟାଲରେ ଦୁର୍ଘଟଣାର ବିବରଣୀ ଦିଆଯିବ, ଯାହା ଆଧାରରେ ଚିକିତ୍ସାଳୟଗୁଡ଼ିକ ➪ ପୃଷ୍ଠା-୬

**ଉଦ୍ଧାର ପାଇଁ ୧୧୨ ସହ କରାଯାଇଛି ସଂଯୋଗ**

# ବଢ଼ିଲା ଟୋକନ୍ ବୈଧତା

## ୧୫ ଦିନ ପର୍ଯ୍ୟନ୍ତ ଧାନ କିଣା ହେବ





**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ଧାନ ସଂଗ୍ରହ ପାଇଁ ପଞ୍ଜିକରଣ କରିଥିବା ଚାଷୀମାନଙ୍କ ସହାୟତା ପାଇଁ ବୁଧବାର ରାଜ୍ୟ ସରକାର ଟୋକନର ବୈଧତା ବୃଦ୍ଧି କରିଛନ୍ତି। ଏନେଇ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି।

ରାଜ୍ୟ ସରକାର ଏପର୍ଯ୍ୟନ୍ତ ୬୩ ଲକ୍ଷ ୬୫ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଛନ୍ତି ବୋଲି ଏକ ଭିଡିଓ ମାଧ୍ୟମରେ ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପ୍ରାୟ ୯୫ ପ୍ରତିଶତ ଧାନ ସଂଗ୍ରହ ସମାପ୍ତ କରିଛନ୍ତି ଓ ସରକାର ପୂର୍ବ ବର୍ଷ ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୮୦ ଲକ୍ଷ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଧାନ କିଣିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି।

ତେବେ ରାଜ୍ୟ ସରକାର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୭ ହଜାର କୋଟି ଟଙ୍କା ସ୍ଥାନାନ୍ତର କରିସାରିଛନ୍ତି ଓ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କୁ ଦେୟର ପ୍ରକ୍ରିୟାକରଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଚଳିତ ବର୍ଷ ଏହି କ୍ରୟ ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାରି କରାଯାଇଥିଲେ ମଧ୍ୟ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ଫସଲ ବିକ୍ରି ପାଇଁ ଏହି ବୈଧତାକୁ ୧୫ ଦିନ ବୃଦ୍ଧି କରିବାକୁ ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଛି। ପଞ୍ଜିକୃତ କେନ୍ଦ୍ରୀୟ କମାଣ୍ଡ ସେଣ୍ଟର ମାଧ୍ୟମରେ ଧାନ କ୍ରୟର ତଦାରଖ କରାଯାଉଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।



# ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ଗଳିତ ମୃତଦେହ ଉଦ୍ଧାର

**ଫୁଲବାଣୀ/ଦାରିଙ୍ଗବାଡ଼ି, ୨୫।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଥାନା କୁଟିମାହା ଗ୍ରାମ ନିକଟସ୍ଥ ପକାରୀ ସଂରକ୍ଷିତ ଜଙ୍ଗଲରୁ ଦୁର୍ଦ୍ଦାନ୍ତ ମାଓବାଦୀ ଅନ୍ୱେଷଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କୁ ସାଥୀ ତଥା ପୁଲିସ ସ୍କାନରରେ ଥିବା ଦୁର୍ଦ୍ଦାନ୍ତ ମାଓବାଦୀ ଶୁକ୍ରୁ ହତ୍ୟା କରିଛନ୍ତି ବୋଲି ଏସ୍‌ପି ହରିଶ ବିସି ସୂଚନା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିକୁ ନଜରରେ ରଖି ଅନ୍ୱେଷ ଓ ତାଙ୍କ ସାଥୀମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ। ହେଲେ ଏବେ ନେତୃତ୍ୱ ନେଉଥିବା ଶୁକ୍ରୁ ଏବଂ ଅନ୍ୟମାନେ ଏହାକୁ ବିରୋଧ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଗତ ଜାନୁଆରୀ ୨୯ରେ ଶୁକ୍ରୁ ଏବଂ ଅନ୍ୟମାନେ ଅନ୍ୱେଷଙ୍କୁ ମାରି ପୋତି ଦେଇଥିଲେ। ଏହି ଘଟଣା ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି ବୋଲି ସ୍ଥାନୀୟ ଏସ୍‌ପି କହିଛନ୍ତି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲ୍‌କୁ ପଠାଯାଇଛି।



## କାନ ଡେରିଥା

ଚବିଶି ବର୍ଷରେ କେତେ
ଲୁଟିଥିଲ
ଏବେ ଧରା ପଡିଗଲା
ଖଣି ଖାଦାନକୁ ମୂଳରୁ
ଖାଇଛ
ଏବେ ମୁଣ୍ଡ ବଥା ହେଲା
ଦରମା ଗଣ୍ଡାକ ଗଲା...
ଲୋଭେ ପଡି ତୁମେ ସ୍ୱର୍ଗ
ଦେଖିଥାନ୍ତ
ଏବେ ଜେଲରେ କର ପାଳା।

■ ଦେବାଶିଷ

# ନବୀନଙ୍କୁ ହରଡ଼ଘଣାରେ ପକାଇଲେଣି ଦଳୀୟ ନେତା

- ଚତୁର୍ଥ ପ୍ରାର୍ଥୀ ଦେବାକୁ ଜୋର ଧରୁଛି ଦାବି
- ଆଜି ପ୍ରକାଶ ପାଇବ ବିଧିବଦ୍ଧ ବିଜ୍ଞପ୍ତି

**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ) :** ରାଜ୍ୟସଭା ନିର୍ବାଚନ ପାଇଁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଥିବା ବେଳେ ବିଜେଡିର ପ୍ରାର୍ଥୀ ଚୟନଙ୍କୁ ନେଇ ଦଳର ବରିଷ୍ଠ ନେତାମାନେ ଏବେ ଖୋଦ୍ ଦଳ ମୁଖିଆ ନବୀନ ପଟ୍ଟନାୟକଙ୍କୁ ହରଡ଼ଘଣାରେ ପକାଇଦେଲେଣି। ଦଳ ପକ୍ଷରୁ ଚତୁର୍ଥ ପ୍ରାର୍ଥୀ ଦିଆଯିବା ସହ ଗତ ଦୁଇଟି ରାଜ୍ୟସଭା ନିର୍ବାଚନରେ ବିଜେଡି ଯେଭଳି ବିଜେପି ପ୍ରାର୍ଥୀଙ୍କ ନାଁରେ ମୋହର ମାରିଥିଲା, ଅନୁରୂପ ଭାବେ ବିଜେପି ଏଥର ବିଜେଡିର ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ଦାବି ଉଠିଲାଣି।

ବିଜେଡି ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ପ୍ରାର୍ଥୀ ନିଶ୍ଚିତ ଦେବା ଆବଶ୍ୟକ ବୋଲି ଗତକାଲି ଦଳର ବରିଷ୍ଠ ନେତା ବିଧାୟକ ଅରୁଣ କୁମାର ସାହୁ ଓ ଗଣେଶ୍ୱର ବେହେରା କହିଥିବା ବେଳେ ଆଜି ମୁହଁ ଖୋଲିଛନ୍ତି ଅନ୍ୟତମ ବରିଷ୍ଠ ନେତା ମହେଶ ସାହୁ ଓ ବିଧାୟକ ବଦ୍ରି ନାରାୟଣ ପାତ୍ର। ଏହି ଦୁଇ ନେତା କହିଛନ୍ତି ଯେ ଚତୁର୍ଥ ପ୍ରାର୍ଥୀ ବିଜେଡି ନେତା ହେବା ନିହାତି ଜରୁରୀ। ଗତ ଦୁଇଟି ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ଭୋଟ ଦେଇଥିବା ବେଳେ ବିଜେପି ଏଥର ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଋଣ ଶୁଝିବା ଆବଶ୍ୟକ।



ଦଳର ଏକାଧିକ ନେତା ଚତୁର୍ଥ ପ୍ରାର୍ଥୀ ଦେବା ନେଇ ମତ ଉଠାଇବା ଓ ବିଜେପିର ବାଟ ଓଗାଳିବା ପାଇଁ ସଙ୍କେତ ଦେବା ପରେ ନବୀନ ଏକପ୍ରକାର ହରଡ଼ଘଣାରେ ପଡ଼ିଛନ୍ତି। ଦଳୀୟ ନେତୃତ୍ୱଙ୍କୁ ଅଣଦେଖା କଲେ ଦଳ ଭିତରେ ବିଦ୍ରୋହ ହେବା ବିଶେଷକରି କ୍ରସ ଭୋଟିଂର ସମ୍ଭାବନା ରହିଛି। ଉଲ୍ଲେଖନୀୟ ଯେ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ନିଜ ନିଜ ବଦଳରେ ବିଜେପି ଦୁଇଟି ଓ ବିଜେଡି ଗୋଟିଏ ଆସନରେ ସହଜରେ ବିଜୟୀ ହୋଇପାରିବେ। ତେବେ ଚତୁର୍ଥ ଆସନ ପାଇଁ ଦୁଇ ଦଳର ସହଯୋଗ ଏକାନ୍ତ ଆବଶ୍ୟକ। କଂଗ୍ରେସର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି କଂଗ୍ରେସ ସୂଚନା ଦେଇଛି।

ବିଜେପି ମଧ୍ୟ ଯେକୌଣସି ପ୍ରକାରରେ ତିନି ଜଣ ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବ ବୋଲି ଦଳର ନେତାମାନେ ଗଣମାଧ୍ୟମରେ ବିବୃତ୍ତି ଦେବାରେ ଲାଗିଛନ୍ତି। ବିଜେଡି ନେତାମାନେ ଯଦିଓ ବିଜେପି ଭଳି ବିବୃତ୍ତି ଦେଉନାହାନ୍ତି, କିନ୍ତୁ ନିଜ ଦଳର ନେତାଙ୍କ ଉପରେ ଚାପ ସୃଷ୍ଟି କରିବାରେ ଲାଗିଛନ୍ତି। କୌଣସି ପ୍ରକାରରେ ବିଜେପି ବାଟ ଓଗାଳିବାକୁ ଉଦ୍ୟମ କରୁଛି। ସ୍ଥିତି ଯେଭଳି ହେବାରେ ଲାଗିଛି, ସେଥିରେ ଦଳୀୟ ନେତୃତ୍ୱଙ୍କୁ ଅଣଦେଖା କରିବା ନବୀନଙ୍କ ପକ୍ଷରେ ସହଜ ହେବନାହିଁ। ବିଶେଷକରି ନୂଆପଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟ ପରେ ଦେଖାଦେଇଥିବା ଅସନ୍ତୋଷକୁ କୌଣସି ପ୍ରକାରରେ ଚାପିବାରେ ବିଜେଡି ନେତୃତ୍ୱ ସଫଳ ହୋଇଥିବା ବେଳେ ରାଜ୍ୟସଭା ଏବେ ଅଗ୍ନିପରୀକ୍ଷା ସଦୃଶ ହେବାକୁ ଯାଉଛି।

# ମୃତବତ୍ ଅବସ୍ଥାରେ ଜମ୍ବୁ–ମାର୍ଶାଘାଇ କେନାଲ

● ୨୦ଟି ପଞ୍ଚାୟତର ୪୦ ହଜାର ଲୋକ ପ୍ରଭାବିତ ● କେବେ ହେବ ପୁନରୁଦ୍ଧାର

ମହାକାଳପଡ଼ା,୨୫।୨(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍ ଓ ମାର୍ଶାଘାଇ ବ୍ଲକ୍ ଅଞ୍ଚଳର ସବୁଠୁ ବଡ଼ କେନାଲ୍ ତଥା ଲାଇଫ୍ ଲାଇନ୍ କୁହାଯାଉଥିବା ଜମ୍ବୁ- ମାର୍ଶାଘାଇ କେନାଲ ଏବେ ମୃତ ଅବସ୍ଥାରେ ପଡ଼ି ରହିଛି। ସରକାର ଓ ନିର୍ବାଚିତ ଜନପ୍ରତିନିଧି ଙ୍କ ଉଦାସୀନତା ଯୋଗୁଁ ଏମିତି ଅବସ୍ଥାରେ ସୁଧାର ଆସୁନାହିଁ। ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ସମୟରେ ଲୋକେ ଅଭିଯୋଗ କରୁଥିବା ବେଳେ ବର୍ତ୍ତମାନ ସରକାରକ ଅବହେଳାରେ ପୋତି ଯାଇ ଜଙ୍ଗଲ ଓ ଘୁଷୁରୀ ଚରା ଭୂମିରେ ପରିଣତ ହୋଇଛି।



ଏକ ସମୟରେ ଚାଷ ଓ ଦୈନିକ ପାଣି ଆବଶ୍ୟକତା ପାଇଁ ଏହି କେନାଲ ହିଁ ଅଞ୍ଚଳବାସୀଙ୍କର ମୁଖ୍ୟ ଭରସା ଥିଲା, କିନ୍ତୁ ଖରା ଦିନ ଆସିବା ପୂର୍ବରୁ କେନାଲଟି ଅଚଳ ଅବସ୍ଥାରେ ପହଞ୍ଚିଛି। ପ୍ରାୟ ୨୦ଟି ପଞ୍ଚାୟତର ୩୦ରୁ ୪୦ ହଜାର ଲୋକ ଏହି କେନାଲର ପାଣି ଉପରେ ଚାଷ ପାଇଁ ନିର୍ଭର କରୁଥିବାବେଳେ, ଦୀର୍ଘଦିନ ଧରି ପୁନଉଦ୍ଧାର କାମ ନ ହେବାରୁ ଚାଷୀମାନେ ଭାରି ସମସ୍ୟାର ସମ୍ମୁଖୀନ। କେନାଲ ଭିତରେ ଗଛଲତା ମାଡିଯାଇ ପୋତିହୋଇ ଯିବା ଫଳରେ ପାଣି ଚଳାଚଳ ବନ୍ଦ ହେବାରୁ ସିଚାଇ ବ୍ୟବସ୍ଥା ପ୍ରାୟ ଧ୍ୱଂସ ହୋଇପଡ଼ିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିର୍ବାଚନ ସମୟରେ ନେତାମାନେ ପୁନରୁଦ୍ଧାରର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବାସ୍ତବରେ କାମ ହୋଇନି। ସରକାର ଗଠନ ହୋଇ ୨୦ ମାସ ଅତିକ୍ରମ ହୋଇଥିଲେ ମଧ୍ୟ କେନାଲର ଦୃଶ୍ୟମାନ ସୁଧାର ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

"ଅନ୍ୟ କେନାଲରେ ପାଣି ଚାଲୁଥିବାବେଳେ ଆମ କେନାଲରେ ଘୁଷୁରୀ ଚରୁଛନ୍ତି" ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଚାଷୀଙ୍କ ପକ୍ଷରେ କଥା କହୁଥିବା ସରକାର ଓ ବିରୋଧୀ ଦଳ ଦୁହେଁ ଏହି ମୂଳଭୂତ ସମସ୍ୟା ପ୍ରତି ଅନୁଦାନ ଦେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ବର୍ତ୍ତମାନ ଲୋକମାନେ ପ୍ରଶ୍ନ କରୁଛନ୍ତି— ମହାକାଳପଡ଼ାର ବିକାଶ କେବଳ ଭାଷଣରେ ସୀମିତ କି?

## ଢଳିଯାଇଥିବା ମନ୍ଦିରକୁ ଉଠାଇବା ପାଇଁ ଅଭିଯାନ ଜାରି

◆ ସାହାରା ପାଲଟିଛି ହାଇଡ୍ରୋଲିକ୍ ଜଗ୍



ମହାକାଳପଡ଼ା, ୨୫।୨(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଜଅଁରା ଗ୍ରାମର ସ୍ୱପ୍ନେଶ୍ୱର ଶିବ ମନ୍ଦିର ୧୦ ବର୍ଷ ତଳୁ ନିର୍ମାଣ ଚାଲୁଥିବା ବେଳେ ୨୦୨୦ ମସିହାରେ ଏହି ମନ୍ଦିର ଧିରେ ଧିରେ ପଶ୍ଚିମ ଦିଗକୁ ଢଳିବାକୁ ଲାଗିଲା। ଯାହା ଫଳରେ ଗ୍ରାମବାସୀ ମାନେ ମନ୍ଦିର କୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ସହିତ ଯୋଗାଯୋଗ କରିଥିଲେ। ବିହାର ରାଜ୍ୟର ମାଧପୁର ଅଞ୍ଚଳର ବିକେ ହାଉସ୍ ଲିଫ୍ଟିଙ୍ଗ୍ ସଂସ୍ଥା ସହିତ ଶେଷରେ ଆଲୋଚନା ସ୍ଥିର ହୋଇଥିଲା। ଏହି ସଂସ୍ଥାର ବରିଷ୍ଠ କାରିଗର ମାନେ ବିଭିନ୍ନ ରାଜ୍ୟରେ ବଡ଼ ବଡ଼ ଅଟ୍ଟାଳିକା, ମନ୍ଦିର ଆଦିକୁ ଲିଫ୍ଟିଙ୍ଗ୍ ମାଧ୍ୟମରେ କାର୍ଯ୍ୟ କରି ସଫଳ ହୋଇ ନିଜର ପାରଦର୍ଶିତା ହାସଲ କରିସାରିଛନ୍ତି। ଏବେ ଜଅଁରା ଗ୍ରାମର ଢଳି ପଡିଥିବା ସ୍ୱପ୍ନେଶ୍ୱର ଶିବ ମନ୍ଦିରକୁ ଉଠାଇବା କାର୍ଯ୍ୟ ବବୁଲ କୁମାର ଯାଦବ ଙ୍କ ଭଳି ବହୁ ପୁରୁଖା କାରିଗର ମାନେ କରୁଛନ୍ତି। ମନ୍ଦିରକୁ ସଳଖ ଭାବେ ଛିଡ଼ା କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଉଦ୍ୟମ ଜିଲ୍ଲାରେ ପ୍ରଥମ ଥର ଦେଖିବାକୁ ମିଳିଥିବାରୁ ଅଞ୍ଚଳର ଲୋକେ ଦେଖିବାକୁ ବେଶ୍ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଛି।

## ଆତ୍ମା ଚେୟାରମ୍ୟାନ୍ ଭାବେ ହିମାଂଶୁ ନିର୍ବାଚିତ



ମହାକାଳପଡ଼ା,୨୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ର ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା (ଆତ୍ମା) ଚେୟାରମ୍ୟାନ୍ ଭାବେ ଆଜି ନିର୍ବାଚିତ ହୋଇଛନ୍ତି ହିମାଂଶୁ ଶେଖର ପ୍ରଧାନ। ଆଜି ହୋଇଥିବା ନିର୍ବାଚନରେ ମଣ୍ଡଳ କୃଷକ ପରାମର୍ଶଦାତା କମିଟି ତରଫରୁ ମୋଟ ୨୫ ଜଣ ସଦସ୍ୟଙ୍କ ମଧ୍ୟରୁ ୨୨ ଜଣ ଉପସ୍ଥିତ ଥିବାବେଳେ ହିମାଂଶୁଙ୍କ ସପକ୍ଷରେ ୨୨ ଖଣ୍ଡ ଭୋଟ ପଡ଼ିଥିଲା। ହିମାଂଶୁ ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ଗ୍ରାମ ପଞ୍ଚାୟତର ଏକଲପୁର ଗ୍ରାମର ଜଣେ ଲଢୁଆ ଯୁବନେତା। ଚାଷୀମାନଙ୍କ ଆୟ ବୃଦ୍ଧି ଓ କୃଷିରେ ନୂତନ ପ୍ରଯୁକ୍ତିର ବ୍ୟବହାରକୁ ସେ ପ୍ରାଥମିକତା ଦେବେ ବୋଲି ହିମାଂଶୁ କହିଛନ୍ତି। ହିମାଂଶୁଙ୍କ ଭଳି ଜଣେ ଦକ୍ଷ ସଙ୍ଗଠକଙ୍କ ନେତୃତ୍ୱରେ ମହାକାଳପଡ଼ା ବ୍ଲକ୍ର କୃଷି କ୍ଷେତ୍ରରେ ନୂତନ ଗତି ଆସିବ ବୋଲି ଚାଷୀଭାଇମାନେ ଆଶା ପ୍ରକାଶ କରିଛନ୍ତି।

## ବାଲି ଓ କାଠ ବୋଝେଇ ଟ୍ରାକ୍ଟର ଜବତ



ମାହାଙ୍ଗା,୨୫।୨ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଚୋରାରେ ବାଲି, ମାଟି, ମାଙ୍କଡା ପଥର, ମୋରମ ଠାରୁ ଆରମ୍ଭ କରି ଗଛ କଟା ବ୍ୟାପକ ଭାବେ ହେଉଅଛି। ଯାହା ଫଳରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟୁଛି। ପ୍ରଶାସନ ସବୁ ଜାଣି ଚୁପ ହୋଇ ବସିଥିଲା। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଏ ନେଇ ମାହାଙ୍ଗା ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲେ। ତହସିଲଦାର ସୁଭାଶିଷ ପାଲଟାଙ୍କ ନେତୃତ୍ୱରେ ଏହି ଟିମ ଲାପଟୁଆଁ ଘାଟରୁ ଏକ ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିବା ସହ ଫାଣ୍ଡି ପୋଲିସକୁ ଜିମା ଦେଇ ଖଣି ବିଭାଗକୁ ଜଣାଇଛନ୍ତି। ଏହି ଚଢାଉ ସମୟରେ ଏହି ରାସ୍ତା ଦେଇ ଯାଉଥିବା ଏକ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରି ଫାଣ୍ଡିରେ ଅଟକ ରହିଥିବା ଜଣାଯାଇଛି। ପୋଲିସ ଏବଂ ତହସିଲ ପ୍ରଶାସନ ପକ୍ଷରୁ ବେଆଇନ ବାଲି ଏବଂ ମାଟି ଗାଡି ଧରି ଥାନାରେ ଦୀର୍ଘ ହେବ ରଖାଯାଇ ଖଣି ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାର ମାଫିଆମାନେ ନିର୍ଭୟରେ ବେଆଇନ କାର୍ଯ୍ୟ କରି ମାଲେ ମାଲେ ହେଉଛନ୍ତି।

## ପୂର୍ବତନ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାଜନଗର,୨୫।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ୍ ଅନ୍ତର୍ଗତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଡ଼ ମିତା ରାଉତଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପକ୍ଷରୁ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ପ୍ରଣୟ କୁମାର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା , କର୍ମଚାରୀଙ୍କ ପକ୍ଷରୁ ପୂର୍ବତନ ଅଧ୍ୟକ୍ଷ ପ୍ରଣୟ କୁମାର ବେହେରାଙ୍କୁ ଉତ୍ତରୀୟ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ୩୩ ବର୍ଷ ପୁରୁଣା ସ୍ମୃତି ମନେପକାଇବା ସହ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ସାଂଗଠନିକ ଦାୟିତ୍ୱ ବହନ କରିଥିଲେ।

## କନ୍ୟାସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ଦମ୍ପତି



କେନ୍ଦ୍ରାପଡା,୨୫।୨ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ଦମ୍ପତି କେନ୍ଦ୍ରାପଡାରୁ ଏକ କନ୍ୟାସନ୍ତାନ ଗ୍ରହଣ କରିଛନ୍ତି । ପଶ୍ଚିମବଙ୍ଗର ହୁଗୁଲି ଜିଲ୍ଲାର ଆରାମବାଗ ଅଂଚଳର ମଣିମାଳା ମିଟିଦତ ଓ ମାନସରାଗ ଦତ୍ ଯେକି ପେଶାରେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ସେମାନେ କେନ୍ଦ୍ରାପଡାର ପଲ୍ଲିଶ୍ରୀ ମହିଳା ସମିତିର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଏକ କନ୍ୟା ସନ୍ତାନ ଗ୍ରହଣ କରିଛନ୍ତି । ଏହି ଦମ୍ପତିଙ୍କୁ କନ୍ୟା ସନ୍ତାନ ଗ୍ରହଣ କରିବାରୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଏବଂ ପଲ୍ଲିଶ୍ରୀ ମହିଳା ସମିତିର ପରିଚାଳକ ପ୍ରମୁଖ ଉପସ୍ଥିତ ରହି ଏହି ଦମ୍ପତିଙ୍କୁ ସ୍ୱାଗତ କରି କନ୍ୟା ସନ୍ତାନକୁ ଏକ କଣ୍ଢେଇ ପ୍ରଦାନ କରିଥିଲେ ।

ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଘଟଣା

## ନୂତନ ଶିକ୍ଷକ ନିଯୁକ୍ତିକୁ ବିରୋଧ, ସ୍କୁଲକୁ ଆସିଲେନି ଛାତ୍ରଛାତ୍ରୀ

ମାହାଙ୍ଗା,୨୫।୨(ସଂଚାର ବ୍ୟୁରୋ): ମାହାଙ୍ଗା ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେହୁରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ମଧ୍ୟାହ୍ନ ଭୋଜନ ବ୍ୟତିକ୍ରମକୁ ଆଳ କରି ନିଲମ୍ବନ କରିବା ଘଟଣାକୁ ଘୋର ବିରୋଧ କରିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ଅଭିଭାବିକା ଓ ଗ୍ରାମବାସୀମାନେ। ଜିଦରେ ଅଟଳ ରହିଛନ୍ତି ସମସ୍ତ ଛାତ୍ରଛାତ୍ରୀ। ଛାତ୍ରଛାତ୍ରୀଙ୍କ ପ୍ରିୟ ପ୍ରଧାନଶିକ୍ଷକ ଶ୍ରୀ ଦେହୁରୀ ଯେଉଁ ପର୍ଯ୍ୟନ୍ତ ଏହି ବିଦ୍ୟାଳୟକୁ ନ ଫେରିଛନ୍ତି ସେ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ମଣ୍ଡଳ ଶିକ୍ଷା ଅଧିକାରିଣୀଙ୍କୁ ଶୁଣାଇଛନ୍ତି।



ମୁଖ୍ୟ ଫାଟକରେ ପଡ଼ିଲା ତାଲା

ଶ୍ରୀ ଦେହୁରୀଙ୍କ ସ୍ଥାନରେ ଆଜି ଜଣେ ନୂତନ ଶିକ୍ଷକ ମହେନ୍ଦ୍ର ବେହେରା ବିଦ୍ୟାଳୟରେ ଯୋଗଦେଇଥିବା ବେଳେ ଏହାକୁ ବିରୋଧ କରି ବିଦ୍ୟାଳୟକୁ କୌଣସି ଛାତ୍ରଛାତ୍ରୀ ଆସି ନଥିଲେ। ଆସନ୍ତା ମାସ ମାର୍ଚ୍ଚ ୯ ତାରିଖରେ ବାର୍ଷିକ ପରୀକ୍ଷା ହେବାକୁ ଥିବା ବେଳେ ପିଲାଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ। ଗୋଟିଏ ପଟରେ ନିଜ ଜିଦରେ ବିଇଓ ଥିବା ବେଳେ ଅନ୍ୟ ପଟେ ଜିଦରେ ଅଟଳ ରହିଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଅଭିଭାବକ। ଏହି ବିବାଦ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଥମିବାର ନା ନେଉନାହିଁ।

ଯେଉଁ ପ୍ରଧାନଶିକ୍ଷକ ଦୀର୍ଘ ୩ ବର୍ଷ ଧରି ବିଦ୍ୟାଳୟରେ ଉତ୍ତମ ପରିବେଶ ସୃଷ୍ଟି କରିବା ସହ ପିତାମାତାଙ୍କ ଭଳି ଛାତ୍ରଛାତ୍ରୀଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେହିପରି ଜଣେ ଆଦର୍ଶ ଶିକ୍ଷକଙ୍କୁ ବିଇଓ କାହା ପ୍ରରୋଚନାରେ ନିଲମ୍ବନ କଲେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷାଦାନ କ୍ଷେତ୍ରରେ ଯେଉଁ ଭଳି ସମସ୍ୟା ଉପୁଜୁଛି ଏହାକୁ ସମାଧାନ କରିବା ବ୍ଲକ ମଣ୍ଡଳ ଶିକ୍ଷା ବିଭାଗ ଫେଲ ମାରିଛି।

ଚତୁର୍ଥ ଦିନରେ ବିଦ୍ୟାଳୟ ଫାଟକରେ ତାଲା ପଡ଼ିବା ଓ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନ ଆସିବା ଘଟଣାକୁ ନେଇ ସମଗ୍ର ମାହାଙ୍ଗାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ବିଇଓ ଶ୍ରୀମତୀ ସରକାରଙ୍କୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନ ଆସିବା ସମ୍ପର୍କରେ ପଚାରିବାରୁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ।

## ମହାକାଳପଡ଼ା ବିଧାୟକଙ୍କ ନିର୍ବାଚନ ମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା



କେନ୍ଦ୍ରାପଡା,୨୫।୨(ସଂଚାର ବ୍ୟୁରୋ): ମହାକାଳପଡା ବିଧାୟକ ଡଃ. ଦୁର୍ଗାପ୍ରସନ୍ନ ନାୟକଙ୍କ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ବୁଧବାର ଶ୍ରୀ ନାୟକ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ମୁଖ୍ୟ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ମହାକାଳପଡା ବିଡିଓଙ୍କ ସମେତ ଡେପୁଟି କଲେକ୍ଟରଙ୍କ ଉପସ୍ଥିତିରେ ତାଙ୍କ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ କାର୍ଯ୍ୟ ଗୁଡିକୁ ତୁରନ୍ତ ସମାପ୍ତ କରି ଜନସାଧାରଣଙ୍କ ହିତରେ ଲଗାଇବା ପାଇଁ ପ୍ରକାଶ କରିଥିଲେ ଏବଂ ନୂତନ ଯୋଜନା ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ଜିଲ୍ଲାର ବଡ ବଡ ପ୍ରକଳ୍ପ ଗୁଡିକୁ ତୁରନ୍ତ ସମୟସୀମା ମଧ୍ୟରେ ତୁରନ୍ତ ସାରିବା ପାଇଁ ଆଲୋଚନା କରିଥିଲେ । ଜିଲ୍ଲାର ବିକାଶ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ସହ କୌଣସି ସ୍ଥାନରେ ଯୋଜନା ଗୁଡିକୁ ଆଗେଇ ନେବାରେ କୌଣସି ବାଧାବିଘ୍ନ ଆସିଲେ ସେଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି ।

## ଚାରି ମହଲା ଘରତଳୁ ଯୁବତୀଙ୍କ ଶବ ମିଳିବା ଘଟଣାରେ ଭିନ୍ନ ମୋଡ଼

ପାରାଦୀପ,୨୫।୨ (ସଂଚାର ବ୍ୟୁରୋ): ତାରିଣୀଗଡ଼ା ସମ୍ଭୁ ଖୁଣ୍ଟିଆଙ୍କ ଚାରି ମାହଲା ଘର ତଳୁ ଅର୍ଦ୍ଧ ଉଲଗ୍ନ ଯୁବତୀଙ୍କ ଶବ ମିଳିବା ଘଟଣା ନେଲା ଭିନ୍ନ ମୋଡ। ପରିବାର ପକ୍ଷରୁ କିଡନାପ, ଗଣଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ପରେ ଆରମ୍ଭ ହୋଇଛି ଟନାଘନା | ତିନି ଦିନ ଧରି ଅଟକ ଥିବା ବିହାର ଯୁବକକୁ ନେଇ ଚାରି ମାହଲା କୋଠା ଭିତରେ ପୋଲିସ ଆରମ୍ଭ କଲା ତଦନ୍ତ। ଗତ ରବିବାର ସକାଳ ଠାରୁ ତାରେଣୀଗଡ଼ା ସମ୍ଭୁ ଖୁଣ୍ଟିଆଙ୍କ ଘର ତଳୁ ମିଳିଥିବା ଅଚିହ୍ନା ଅର୍ଦ୍ଧ ଉଲଗ୍ନ ଯୁବତୀଙ୍କ ଶବର ମିଳିଛି ପରିଚୟ। ତିର୍ତ୍ତୋଲ ଥାନା ଅଞ୍ଚଳର ଯୁବତୀ ଜଣଙ୍କ ଘର ହୋଇଥିବା ବେଳେ ସେ ଗତ ରବିବାର ସକାଳ ୧୦ ଘଟିକା ଠାରୁ ସାରଳା ମନ୍ଦିର ଯାଉଛି କହି ଘରୁ ଆସିଥିବା ଓ ସନ୍ଧ୍ୟା ସମୟରେ ସୋମନାଥ ଓଝା ନମାଜ ଜଣେ ଯୁବକ ଯୁବତୀଙ୍କ ଭାଇଙ୍କୁ ରାହାମାରେ ତୋ ଭଉଣୀ ଛିଡା ହୋଇଛି ତାକୁ ଆସି ନେଇଯା ବୋଲି କହିଥିଲେ | ତିର୍ତ୍ତୋଲ ଥାନାରେ ଭଉଣୀ ନିଖୋଜ କଥା ଅଭିଯୋଗ କରାଯାଇଥିବା ବେଳେ ପାରାଦୀପରୁ ମିଳିଲାଣି ମୃତଦେହ। ଯାହାକୁ ନେଇ ତାଙ୍କୁ କିଡ୍ନାପ୍ କରାଯାଇ ଗଣଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

ଅନ୍ୟପଟେ ତାରେଣୀଗଡ଼ା ଉକ୍ତ କୋଠାରେ ଥିବା ୬ ଜଣ ଭଡାଟିଆକୁ ପୋଲିସ ଆଣିଥିବା ବେଳେ ଜୈନିକ ବିହାର ଅଞ୍ଚଳର ଯୁବକ ତାକୁ ଏହି କୋଠାକୁ ଆଣି ଆସିଥିବା ସିସି ଟିଭିରୁ ପୋଲିସ ପ୍ରମାଣ ପାଇବା ପରେ ତାକୁ ନେଇ ଆଜି ଅପରାହ୍ଣରେ ଉକ୍ତ କୋଠାକୁ ଯାଇ ତଦନ୍ତ ଆରମ୍ଭ କରିଛି | ଯୁବତୀଙ୍କ ସହ ବିହାର ଯୁବକଙ୍କ କିଭଳି ପରିଚିତ ହେଲା କି ଯୁବତୀ ଜଣଙ୍କ ବାଟରେ ଆସୁଥିବା ବେଳେ ସେ ତାଙ୍କୁ ଉଠାଇ ଆଣିଲା ଓ ଉକ୍ତ କୋଠାରେ ତା ସହ କଣ ଘଟିଲା ଏବଂ କାହିଁକି କେଉଁ ପରିସ୍ଥିତିରେ ତାର ମୃତ୍ୟୁ ହେଲା ତାହାର୍ ତଦନ୍ତ ପୋଲିସ ଆରମ୍ଭ କରିଛି | ଯୁବତୀ ଜଣଙ୍କ ଅର୍ଦ୍ଧ ଉଲଗ୍ନ ହେଲେ କିପରି, ତାଙ୍କ ସହ ଉକ୍ତ ବିହାରୀ ଯୁବକ କିମ୍ବା ତାଙ୍କ ଭାଇକୁ ଫୋନ କରିଥିବା ଯୁବକ କି ଆଉ କିଏ ଏଭଳି କାଣ୍ଡ ଘଟାଇଥିବ ତାହାର ଖିଅ ପୋଲିସ ଖୋଜୁଥିବା ବେଳେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପାରାଦୀପ ଓ ତିର୍ତ୍ତୋଲ ପୋଲିସ ଉଭୟ ଆସି ପାରାଦୀପରେ ତଦନ୍ତ କରିବାରେ ବ୍ୟସ୍ତ ଅଛନ୍ତି। ଏପର୍ଯ୍ୟନ୍ତ ବ୍ୟବଚ୍ଛେଦ ରୋପୋର୍ଟ ଆସି ନଥିବା ବେଳେ ପୋଲିସକୁ ଅଟକ ଥିବା ଭଡାଟିଆ ମାନଙ୍କ ଠାରୁ ଅନେକ ତଥ୍ୟ ମିଳିଛି ବୋଲି ଶୁଣିବାକୁ ମିଳିଛି।

## ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ତୀବ୍ର ପତିକ୍ରିୟା

ରାଜନଗର,୨୫।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକରେ ଚାଷୀଙ୍କୁ ଶୋଷଣ ଚରମସୀମାରେ ପହଞ୍ଚିଛି। ସରକାର କଟନୀ ଛଟନି ହେବ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ରାଜନଗର ବ୍ଲକରେ ଖୁଲ୍ଲମଖୁଲା କଟନୀ ଛଟନି କରାଯାଉଛି। ଚାଷୀ ପ୍ରତିବାଦ କଲେ ମଣ୍ଡିରେ ଓ ମିଲରେ ଚାଷୀଙ୍କୁ ହଇରାଣ ହରକତ କରାଯାଉଛି। ବ୍ଲକ ଯୋଗାଣ ଅଧିକାରୀଙ୍କ ଠାରୁ ଜିଲା ଯୋଗାଣ ଅଧିକାରୀଙ୍କ ଯାଏଁ ସମସ୍ତେ ଚାଷୀ ଶୋଷଣକୁ ପ୍ରଶ୍ରୟ ଦେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ମାସରେ ଅଧିକ ସମୟ ଧରି ମଣ୍ଡିକୁ ଧାନ ଆଣିଥିଲେ ମଧ୍ୟ ମିଲର ଧାନ ନେବାକୁ ଆସୁନାହାନ୍ତି। ମାତ୍ର ମିଛ ପରିବହନ ବା ମିଛ ଭିଟିଏସ ବ୍ୟବସ୍ଥାରେ ମିଲର ମଣ୍ଡିରୁ ଧାନ ଉଠାଇଥିବା ସରକାରୀ ରେକର୍ଡରେ ଦର୍ଶାଯାଉଛି।



ମଣ୍ଡିରେ ପହଞ୍ଚି ଅଭିଯୋଗ ଶୁଣିଲେ ତହସିଲଦାର

ଆଜି ରାଜନଗର ତହସିଲଦାର ମଣ୍ଡିରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଶୁଣିବା ସହିତ ୭ ଦିନ ଭିତରେ ସମସ୍ତଙ୍କ ଧାନ ଉଠିବ ବୋଲି ପତିଶ୍ରୁତି ଦେଇଛନ୍ତି। ରାଜନଗର ବ୍ଲକର ୧୩ଟି ସେବା ସମବାୟ ସମିତିରେ ଧାନ ବିକିବାକୁ ୭୧୬୮ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୧୩ଟି ସେବା ସମବାୟ ସମିତି ଚାଷୀଙ୍କ ଠାରୁ ପ୍ରଥମ ଓ ଦିତୀୟ ଦଫାରେ ୧ ଲକ୍ଷ ୫୫ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଥିଲା। ୧୮ ତାରିଖ ସୁଦ୍ଧା ୧ ଲକ୍ଷ ୨୩ ହାଜର ୭୪୫ କୁଇଣ୍ଟାଲ ଧାନ କିଣା ସାରିଥିବା କାଗଜପତ୍ରରେ ଦର୍ଶାଯାଇଛି। ସେଥି ମଧ୍ୟରୁ ସତ୍ୟ ନାରାୟଣ ରାଇସମିଲ, ହରଗୌରୀ ରାଇସମିଲ, ରାମଚଣ୍ଡୀ ରାଇସମିଲ ,ତୁଳସୀ ରାଇସମିଲ,ପଦ୍ମାବତୀ ରାଇସମିଲ ଧାନ କିଣିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜନଗର ବ୍ଲକ ସାନଓର ଗାଁର ମାଳତି ସ୍ୱାଇଁ ମାସେ ତଳୁ ୨୮ କୁଇଣ୍ଟାଲ ଧାନ ରାଜନଗର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ଆଣିଛନ୍ତି। ଆଜି ତାଙ୍କ ଠାରୁ ଧାନ ନେବାର ଟୋକାନର ଶେଷ ତାରିଖ। ମାତ୍ର ଆଜି ଯାଏଁ ଧାନ ଉଠିନୀ ବୋଲି କହିଛନ୍ତି। ସେହିପରି ରାଜନଗର ମଣ୍ଡିରେ ୩୦ରୁ ଉର୍ଦ୍ଧ ଚାଷୀଙ୍କ ପାଖାପାଖି ୨୦୦୦ କୁଇଣ୍ଟାଲ ଧାନ ପଡି ରହିଛି। ଆଜି ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ରାଜନଗର ମଣ୍ଡିରେ ପହଞ୍ଚି ରେକର୍ଡ ଯାଞ୍ଚ କରିବା ସହିତ ଚାଷୀଙ୍କ ଅଭିଯୋଗ ଶୁଣିଥିଲେ।

## ଚାଷ ଜମିରେ ଲହଡି ଭାଙ୍ଗୁଛି ଜଳ, ହୋଇପାରୁନି ରବି ଫସଲ

ନିଷ୍କାସନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ



କେନ୍ଦ୍ରାପଡା,୨୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଆଳି ପଂଚାୟତ ଅନ୍ତର୍ଗତ ପଦନୀପାଳ ପଂଚାୟତର ଗ୍ରାମବାସୀମାନେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ଭେଟି ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଦାବି କରିଛନ୍ତି । ଚାଷୀଙ୍କ ଦାବି ମୁତାବକ ତାଙ୍କ ଚାଷ ଜମି ଦେଇ ଯାଇଥିବା ଡ୍ରେନେଜ୍ ବିଭାଗର କରନାଳୀଟି ବନ୍ଦ ହୋଇଯିବା ଫଳରେ ରବି ଫସଲ ପାଇଁ ଆସୁଥିବା ଜଳ ଚାଷ ଜମିକୁ ଯାଉଥିବାରୁ ଚାଷ ଜମିରେ ମାସ ମାସ ଧରି ଏହି ପାଣି ଛିଡା ହୋଇ ରହୁଛି । ଯାହାଫଳରେ ସ୍ଥାନୀୟ ଅଂଚଳର ହଜାର ହଜାର ଚାଷୀମାନେ ରବି ଫସଲ କରିପାରୁନାହାଁନ୍ତି । ଫଳରେ ଏମାନଙ୍କର ଆର୍ଥିକ ଅବସ୍ଥା ଉନ୍ନତିରେ ବାଧା ହେଉଛି । ତୁରନ୍ତ ଏହି କରନାଳୀକୁ ସଫା କରିବା ପାଇଁ ଗଙ୍ଗାଧର ଦାସ, ବିନୋଦ କୁମାର ରାୟ, ଉମାକାନ୍ତ ରାଉତ, ଭରତ ମହାନ୍ତି, ବାସୁଦେବ ବାରିକ, ଶଶିକାନ୍ତ ରାଉତ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକଙ୍କୁ ଏକ ଦାବି ପତ୍ର ପ୍ରଦାନ କରି କରନାଳୀ ସଫା କରିବା ପାଇଁ ଦାବି କରିଛନ୍ତି ।

# ଲୋକଙ୍କ ଚିନ୍ତା ବଢ଼ାଇଛି କାରଖାନାର ବର୍ଜ୍ୟ ପାଉଁଶ

ଯାଜପୁର,୨୫।୨ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରୁ ବାହାରୁଥିବା ବର୍ଜ୍ୟ ପାଉଁଶ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଛି। କାରଣ ଯେଉଁଠି ଦେଖିବ ସେଠି ଗଦା ଗଦା ବର୍ଜ୍ୟ ପାଉଁଶ। ଏଥି

**ଯେଉଁଠି ଦେଖିବ ସେଠି ବର୍ଜ୍ୟ ପାଉଁଶ**

ଯୋଗୁଁ ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଛି। ଫଳରେ ଶିଳ୍ପାଞ୍ଚଳର ପାର୍ଶ୍ୱବର୍ତୀ ଅଞ୍ଚଳରେ ଏହିଁ ପାଉଁଶ ଉଡି କୂଅ ପୋଖରୀରେ ଉଡି ଜଳ ପ୍ରଦୂଷଣ ହେଉଛି। ଏଥିନେଇ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ହୋଇଛି। କାରଣ ଜଳ ଓ ବାୟୁ ପ୍ରଦୂଷଣର ବିଷ ବଳୟରେ ସଢୁଛନ୍ତି ସ୍ଥାନୀୟ ଲୋକେ। ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ କେବଳ କାର୍ଯ୍ୟାନୁଷ୍ଠାନ ପାଇଁ ମିଳୁଛି ମିଥ୍ୟା ପ୍ରତିଶ୍ରୁତି। ଫଳରେ ସ୍ଥାନୀୟ ଲୋକେ ବର୍ଜ୍ୟପାଉଁଶ ସଂସ୍ପର୍ଶରେ ଆସି ସ୍ଥାନୀୟ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି।



ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, କାରଖାନା ପରିସରରୁ ବର୍ଜ୍ୟ ପାଉଁଶ ବାହାରକୁ ପରିବହନ ହେଲେ ବିଭାଗୀୟ ଅଧିକାରୀଙ୍କ ଠାରୁ ଅନୁମତି ନେବା ନିୟମ ରହିଛି। ସେହିପରି ଯେଉଁଠାରେ ପାଉଁଶ ପକାଯିବ ବିଭାଗୀୟ ଅଧିକାରୀଙ୍କ ଠାରୁ ସମ୍ପୃକ୍ତ ସଂସ୍ଥା ଅନୁମତି ନେବାକୁ ନିୟମ କଡାକଡି ରହିଛି। ହେଲେ ଏହିଁ ନିୟମକୁ କେହି ମାନିବା ପରି ଜଣା ପଡୁ ନାହିଁ। ନିୟମକୁ ଉଲ୍ଲଘଂନ କରି ଯିଏ ଯେଉଁଠି ପାଉଛନ୍ତି ନିଜ ଇଚ୍ଛାରେ ପାଉଁଶ ଗଦା କରିବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଛି ହେଉଛି। କାରଣ ସାରା ଜିଲାର ଖାଲ୍ ଖମା, ରାସ୍ତା ନିର୍ମାଣରେ ମଧ୍ୟ ଏହି ପାଉଁଶକୁ ବ୍ୟବହାର କରାଯାଉଛି। ଅପରପକ୍ଷରେ କେତେକ ଦଲାଲ ପାଉଁଶକୁ ଗଚ୍ଛିତ ରଖି ଚଢ଼ା ଦରରେ ବିକ୍ରି କରି ମାଲାମାଲ ହେଉଥିବା ଘଟଣା ଅଧିକ ରହସ୍ୟମୟ ହୋଇଛି।

କଳିଙ୍ଗନଗରରେ ଗୋଟିଏ ପରେ ଗୋଟିଏ ଶିଳ୍ପ ଗଢି ଉଠିବା ଯୋଗୁଁ ଆଜି ଏଭଳି ଜଳ ଓ ବାୟୁ ପ୍ରଦୂଷଣ ହେଉଥିବା ଅନ୍ୟ ଏକ କାରଣ। ପ୍ରଦୂଷଣ ରୋକିବା ଉପରେ ପ୍ରଦୂଷଣ ବିଭାଗ ଅନେକ ସମୟରେ ସଚେତନତା ସୃଷ୍ଟି କରୁଥିଲେ ମଧ୍ୟ ଏହାକୁ କେହି ମାନୁ ନାହାନ୍ତି। ମାତ୍ରାଧିକ ବାୟୁପ୍ରଦୂଷଣ ଫଳରେ ବିଭିନ୍ନ ପ୍ରକାରର ଚର୍ମରୋଗ, ଜଣ୍ଡିସ, କିଡନି ଯକ୍ଷ୍ମା ଆଦି ମାରାତ୍ମକ ରୋଗରେ ସ୍ଥାନୀୟ ଲୋକେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବା ଦେଖାଯାଉଛି। ତେବେ ଏହିଁ ପାଉଁଶ ଠୁଳ କରି ରଖିବା ଯୋଗୁଁ ସାମାନ୍ୟ ପବନରେ ଉଡି ବାୟୁ ମଣ୍ଡଳକୁ ସର୍ବାଧିକ ପ୍ରଦୂଷିତ କରୁଛି। ଦୈନିକ ଶହ ଶହ ଟ୍ରିପ ପାଉଁଶ କାରଖାନା ରୁ ଉଠା ଯାଉଥିବା ବେଳେ ପ୍ରଶାସନର ଅନୁମତି ନିଆଯାଇଛି ନାଁ ନାହିଁ ତାହା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ପ୍ରଦୂଷଣ ବିଭାଗ ଅଧିକାରୀଙ୍କ କହିବା ଅଭିଯୋଗ ହେଲେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସେ କହିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠିତ



ପଟ୍ଟାମୁଣ୍ଡାଇ,୨୫।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ ଅଂଚଳର ଗୌରବମୟ ଇତିହାସର ମୂକସାକ୍ଷୀ ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ପଟ୍ଟାମୁଣ୍ଡାଇ କଲେଜର ୫୦ବର୍ଷ ପୂର୍ତ୍ତି ଉତ୍ସବକୁ ମନୋରମ ଓ ଉଦାହରଣୀୟ କରିବା ପାଇଁ କଲେଜ କର୍ମଚାରୀ ପରିଷଦ ବୈଠକରେ ନୀତିଗତ ନିଷ୍ପତ୍ତି ନିଆ ଯାଇଛି। ଆସନ୍ତା ଏପ୍ରିଲ ୩ ୪ ୫ ତାରିଖ ୩ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସଫଳ ରୂପାୟନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସବୁମତେ ସଫଳ କରିବା ପାଇଁ କଲେଜର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ଆଜି କଲେଜ ଅଡ଼ି ଟୋରିୟମରେ ଅନୁଷ୍ଠିତ ହୋଇ ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରାଯାଇଛି । ସଭାପତି -ରଶ୍ମି ରଞ୍ଜନ ପ୍ରଧାନ ଉପସଭାପତି - ବିଶ୍ୱ ରଞ୍ଜନ ପାତ୍ର, ସମ୍ପାଦକ - ନିଶିକାନ୍ତ ପ୍ରଧାନ, ଯୁଗ୍ମ ସମ୍ପାଦକ - ରାଜେନ୍ଦ୍ର ଦାଶ କୋଷାଧକ୍ଷ - ଶୁଭଦୀପ ଗୁପ୍ତାଙ୍କୁ ମନୋନୀତ କରାଯାଇଥିବା ବେଳେ ତପନ ମିଶ୍ର, ରୁଦ୍ରପ୍ରସନ୍ନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ ଓ ନଟବର ସେଠୀଙ୍କୁ ନେଇ ୪ଜଣିଆ ଉପଦେଷ୍ଟାମଣ୍ଡଳୀ ଓ ଅନ୍ତର୍ଯ୍ୟାମୀ ବେଜ, ସୁଶାନ୍ତ ଦାଶ, ରମେଶ ଦେ ଅନିଲ ଚୌଧୁରୀଙ୍କୁ ନେଇ ୪ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

# ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଏମ୍‌ସିର ବଜେଟ ଚୂଡ଼ାନ୍ତ

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୦୫୦ କୋଟି ଟଙ୍କା ଟଙ୍କାର ବଜେଟକୁ ଆଜି ମଞ୍ଜୁରୀ ମିଳିଛି। ଆଜି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବଜେଟ ଅଧିବେଶନରେ ବାର୍ଷିକ ବ୍ୟୟବରାଦକୁ ଅନୁମୋଦନ ମିଳିଛି।

ବଜେଟର ରୂପରେଖ ସହ କେଉଁ କେଉଁ କ୍ଷେତ୍ରରେ କେତେ ଅର୍ଥ ବ୍ୟୟ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ତା'ର ବିସ୍ତୃତ ତଥ୍ୟ ଉପସ୍ଥାପନ

- ୧୦୫୦ କୋଟିର ବ୍ୟୟ ବରାଦକୁ ମିଳିଲା ମଞ୍ଜୁରୀ
- କେନ୍ଦ୍ର ଓ ରାଜ୍ୟ ଅନୁଦାନ ୭୫୦ କୋଟି, ନିଜସ୍ୱ ଆୟ ୩୦୦ କୋଟି

ଭୁବନେଶ୍ୱରକୁ ସୁସ୍ଥ, ସମୃଦ୍ଧ, ସ୍ୱଚ୍ଛ କରିବାରେ ଏହି ବଜେଟ ସହାୟକ ହେବ। ଏହା ଏକ ଲୋକାଭିମୁଖୀ, ସୁସ୍ଥ, ସମୃଦ୍ଧ ଏବଂ ସମସ୍ତଙ୍କୁ ସୁହାଇବା ଭଳି ବଜେଟ ବୋଲି ମେୟର କହିଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ବିଏମସିର ନିଜସ୍ୱ ଆୟ ୩୦୦ କୋଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରୀ ଅନୁଦାନରୁ ୭୫୦ କୋଟି ଟଙ୍କା ମିଳିବା ଆକଳନ କରାଯାଇଛି। ଏହାଦ୍ୱାରା ରାସ୍ତାଘାଟ, ଡ୍ରେନ, ସୌନ୍ଦର୍ଯ୍ୟକରଣ, ବର୍ଜ୍ୟ ପରିଚାଳନା ଆଦି ସୁଗମ ହୋଇପାରିବ ବୋଲି ସେ କହିଛନ୍ତି। ସେଥିମଧ୍ୟରୁ



କରିଥିଲେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ। ବିଏମସି ମୁଖ୍ୟତଃ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭର କରେ। ପୂର୍ବରୁ ଏଥିପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ସର୍ତ୍ତ ନଥିଲା। ମାତ୍ର ଏବେ ସରକାର ଅନୁଦାନ ପାଇଁ ବାର୍ଷିକ ୧୨.୭୫ ପ୍ରତିଶତ ଆୟ ବୃଦ୍ଧି ସର୍ତ୍ତ ରଖିଛନ୍ତି। ତେଣୁ ବିଏମସିକୁ ସରକାରୀ ଅନୁଦାନ ପାଇଁ ଚଳିତ ଆର୍ଥିକ ବର୍ଷ ନିଜସ୍ୱ ଆୟ ବଢ଼ାଇବାକୁ ପଡ଼ିବ ବୋଲି ଶ୍ରୀ ଦାସ କହିଥିଲେ। କେବଳ ପ୍ରଶାସନିକ, ଦରମା, ପେନସନ ବାବଦରେ ୮୦୪ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ପରିମଳ, ସଫେଇ ଓ ବାୟୋ ମାଇନିଂ ପାଇଁ ୨୦୬ କୋଟି ୬୧ ଲକ୍ଷ, ଭିତ୍ତିଭୂମି ବିକାଶ ପାଇଁ ୧୯୧ କୋଟି ଟଙ୍କା ଖର୍ଚ୍ଚ ହେବ।

### ବର୍ଷ ପୂର୍ତ୍ତି ପାଇଁ ଶିଳ୍ପ ମନ୍ତ୍ରୀଙ୍କ ଟାର୍ଗେଟ

# ୩ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ଲକ୍ଷ୍ୟ

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡ଼ିଛି ଶିଳ୍ପ ବିଭାଗ। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଭାଗୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଡକୋ ଏବଂ ଇପିକଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ (ଏଚଏଲସିଏ) ଏବଂ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦିତ ଶିଳ୍ପ ପ୍ରକଳ୍ପଗୁଡ଼ିକର କିପରି ଶୀଘ୍ର ବାସ୍ତବ ରୂପାୟନ କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ



ବିଭାଗୀୟ ଅଧିକାରୀ ଏକ ଟିମ ହୋଇ ଏବଂ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଶିଳ୍ପମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ତଥା ଜୁନ ୨୦୨୬ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ସେ ଶିଳ୍ପ ବିଭାଗକୁ ଟାର୍ଗେଟ ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପାୟନ ହିଁ ରାଜ୍ୟର ଅର୍ଥନୈତିକ ପ୍ରଗତିର ମୂଳଦୁଆ। ସିଙ୍ଗଲ ୱିଣ୍ଡୋ ଓ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୋଟ ୩୯୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ମୋଟ ୮ଲକ୍ଷ ୧୫ ହଜାର କୋଟି ଟଙ୍କା ନିବେଶ ହେଉଥିବା ବେଳେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି। ବର୍ତ୍ତମାନ ସୁଦ୍ଧା ୨ଲକ୍ଷ ୪ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୧୦୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କିମ୍ବା ଉଦଘାଟନ ସରିଛି, ଯାହା ମାଧ୍ୟମରେ ପ୍ରାୟ ୧.୭୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁଯାଉଛି। ବାକି ରହିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ଯୁବପିଢ଼ିଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି କରିବାକୁ ସରକାର ପ୍ରତିବଦ୍ଧ ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି।

# ଜାତୀୟ ମାନବାଧିକାର ଆୟୋଗ ମନିଟରଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ମନିଟର ବାଲକ୍ରିଷ୍ଣ ଗୋଏଲ ୬ଦିନିଆ ଓଡ଼ିଶା ଗସ୍ତରେ ଆସି ଏଠାରେ ପହଞ୍ଚିଛନ୍ତି। ସେ ଆସନ୍ତା ୧ ପର୍ଯ୍ୟନ୍ତ ଏଠାରେ ରହିବେ। ଆଜି ଅପରାହ୍ନରେ ସେ ବିମାନବନ୍ଦରରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲ୍ଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଆଜି ସେ ସିଆରପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେଠାରେ ସେ ହିତାଧିକାରୀଙ୍କୁ ସହ ଆଲୋଚନା କରି ରେସନର ସମୟୋଚିତ ବଣ୍ଟନ, ଚାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରାଉଥିଲେ। ପିଡ଼ିଏସ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ନେଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ସିଏସଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ। ପରେ ସେ ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସେବା



ସଦନରେ ପହଞ୍ଚି ୬ ବର୍ଷରୁ କମ ଅନାଥ ଓ ଅସହାୟ ଶିଶୁଙ୍କ ସହ ସମୟ ବିତାଇଥିଲେ।

## ହୋଲିରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : ଆସନ୍ତା ହୋଲି ଓ ଦୋଳ ପର୍ବ ସମୟରେ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ, ଭାରତୀୟ ରେଳବାଇ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ ଘୋଷଣା କରିଛି। ଅତିରିକ୍ତ ଯାତ୍ରୀ ଭିଡ଼ ଦୂର କରିବା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ଅତିରିକ୍ତ ସଂଯୋଗ ପ୍ରଦାନ କରିବା ପାଇଁ ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକୁ ପ୍ରଚଳନ କରାଯାଉଛି। ପାର୍ବଣ ଋତୁରେ ଯାତ୍ରା ଚାହିଦାରେ ନିରନ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶାର ପ୍ରମୁଖ ଷ୍ଟେସନ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର ନୂଆ, ପୁରୀ, ବ୍ରହ୍ମପୁର ଓ ମାଳତୀପାଟପୁରକୁ ଦେଶର ପ୍ରମୁଖ ସ୍ଥାନ ସହ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ଯୋଜନା କରାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଓ ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା କରାଯାଇଛି, ଯାହାଦ୍ୱାରା ଭିଡ଼କୁ ଆହୁରି କମ୍ କରାଯାଇପାରିବ ଏବଂ ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରାଯାଇ ପାରିବ। ଏହାଦ୍ୱାରା ହୋଲି ପର୍ବ ସମୟରେ ଯାତ୍ରୀମାନଙ୍କ ପାଇଁ



ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଯାତ୍ରା ସହଜ ହେବ। ସଦ୍ୟତମ ସୂଚନା ପାଇଁ ଅନୁମୋଦିତ ରେଳ ଅନୁସନ୍ଧାନ ପ୍ରଣାଳୀ ଏବଂ ଆଇଆରସିଟିସି ପ୍ଲାଟଫର୍ମ ମାଧ୍ୟମରେ ଟ୍ରେନ୍ କାର୍ଯ୍ୟସୂଚୀ, ରହଣି ଓ ବୁକିଂ ଉପଲବ୍ଧତା ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

## ନିର୍ମାଣ ବିଭାଗର ଅଧିକାରୀଙ୍କୁ ଏଆଇ ତାଲିମ

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): ଆଜିର ଯୁଗ ହେଉଛି ନୂତନ ଜ୍ଞାନକୌଶଳ ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର। ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ଲକ୍ଷ୍ୟ ରଖିଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଏହି କ୍ରମରେ ଏଆଇର ଭରପୂର ଉପଯୋଗ କରି



ବିଭିନ୍ନ କାର୍ଯ୍ୟକ୍ରମକୁ ସଠିକ ଓ ତ୍ୱରିତ ଗତିରେ ଆଗକୁ ନେବା ସରକାରଙ୍କ ଲକ୍ଷ୍ୟ। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମାର୍ଗଦର୍ଶନରେ ନିର୍ମାଣ ବିଭାଗ ପକ୍ଷରୁ ବିଭାଗର ସମସ୍ତ ଅଧିକାରୀ, ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଇଞ୍ଜିନିୟର ଓ କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନେଇ ଆଜି ଲୋକସେବା ଭବନରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇର ବିଭିନ୍ନ ଦିଗ, ବ୍ୟବହାର ପ୍ରଣାଳୀ, କାର୍ଯ୍ୟକୁଶଳତା,ବିଭିନ୍ନ ଡାଟା ଆଧାରରେ ଡକୁମେଣ୍ଟ ପ୍ରସ୍ତୁତିରେ ଏଆଇର ଦକ୍ଷତା ବିଷୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା। ନିର୍ମାଣ ବିଭାଗ ପକ୍ଷରୁ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏଆଇର ଉପଯୋଗ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଅଧିକାରୀମାନେ ଆଶା କରିଛନ୍ତି। କର୍ମଶାଳାରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ସର୍ବୋଚ୍ଚ ଯନ୍ତ୍ରୀ(ଡିଜାଇନ୍) ଇଂ ସମୀର ହୋତା, ଯୁଗ୍ମ ଶାସନ ସଚିବ (ଆଇଟି) ଦୀପ୍ତି ରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ଇଂ ପ୍ରିୟବ୍ରତ ସାମନ୍ତରାୟ ଉପସ୍ଥିତ ଥିଲେ। ଓକାକ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ମହିଳା ଏସ୍‌ଏଚ୍‌ଜିକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ (ପିଏମଏଫଏମଇ) ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ



ରାଜ୍ୟସ୍ତରୀୟ ଅନୁମୋଦନ କମିଟି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପିଏମଏଫଏମଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଯୋଜନା ମୂଳତଃ ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରାଯାଇଛି, ଯାହାଦ୍ୱାରା ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ।

ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକର ଆନୁଷ୍ଠାନିକୀକରଣ କରି ସେମାନଙ୍କୁ ସଂଗଠିତ କ୍ଷେତ୍ରରେ ସାମିଲ କରିବା। ଏଥିପାଇଁ ଉଦ୍ୟୋଗୀମାନଙ୍କୁ କ୍ରେଡିଟ ଲିଙ୍କ୍ଡ ସବସିଡି ପ୍ରଦାନ କରାଯିବା ସହ ଏଫଏସଏସଏଆଇ ଲାଇସେନ୍ସ, ଉଦ୍ୟମ ପଞ୍ଜୀକରଣ ଏବଂ ଜିଏସଟି ପଞ୍ଜିକରଣ କ୍ଷେତ୍ରରେ ବୈଷୟିକ ସହାୟତା ଓ ଆନୁଷଙ୍ଗିକ ସବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଅଂଶଧନ ୬୦: ୪୦ ଅନୁପାତରେ ରହିଛି, ଯେଉଁଥିରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଜାତୀୟ ସ୍ତରରେ ଏବଂ ରାଜ୍ୟ ସ୍ତରରେ ଏମଏସଏମଇ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରୀ କରୁଛନ୍ତି। ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୩୧ ହଜାର ୨୪୪ ଜଣ ଏସ୍‌ଏଚ୍‌ଜି ହିତାଧିକାରୀ ସହାୟତା ପାଇଥିବା ବେଳେ ୧୧,୫୧୭ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଓ ୩୪୩୭ ଜଣ ହିତାଧିକାରୀ କ୍ରେଡିଟ୍ ଆଧାରିତ ସବସିଡି ପାଇଛନ୍ତି। ମୁଖ୍ୟ ଶାସନ ସଚିବ ପିଏମଏଫଏମଇ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇ ଦେଇଛନ୍ତି।

# ପଶ୍ଚିମବଙ୍ଗ ସୀମାରେ ଚେକ ଗେଟ୍ ଦାବି

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : ଭୋଗରାଇର ସାହାବାଜିପୁର - ଉଦୟପୁର ବୋର୍ଡର ଦେଇ ପ୍ରତିଦିନ ଓଡ଼ିଶାରୁ ପଶ୍ଚିମବଂଗକୁ ଶତାଧିକ ଟ୍ରକ୍ ବାଲି, ଚିପ୍ସ ଓ ପଥର ଆଦି ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ଯାହା ଫଳରେ ଓଡ଼ିଶାର କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏନେଇ ରାଜସ୍ୱ ମନ୍ତ୍ରୀ



ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ଏହି ଚୋରା ଚାଲାଣ ରୋକିବା ପାଇଁ ଏହି ଅନ୍ତଃରାଜ୍ୟ ସୀମାରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ଚେକ ଗେଟ ସ୍ଥାପନ କରିବାକୁ ସେ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ଏ ବିଷୟରେ ଇସ୍ପାତ, ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ମଧ୍ୟ ଚିଠି ଲେଖିଛନ୍ତି ଗୌତମବୁଦ୍ଧ। କେବଳ ସେତିକି ନୁହେଁ, ନିକଟରେ ରାସ୍ତା ନିର୍ମାଣ ଆଳରେ ପଶ୍ଚିମବଂଗ ପ୍ରଶାସନ ଓଡ଼ିଶା ସୀମାନ୍ତରେ ଅନୁପ୍ରବେଶ ଉଦ୍ୟମ, ଭୋଗରାଇରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଓ ନୂତନ ରାଜସ୍ୱ ଗାଁ ପାଇଁ ବିଜ୍ଞପ୍ତି ପ୍ରକାଶ ଆଦି ସଂପର୍କରେ ମଧ୍ୟ ରାଜସ୍ୱ ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି।

# କଣ୍ଟାପଡ଼ା ବିଡିଓଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: ବିଜେଡି

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ କରି ଗତ ୮ ଦିନ ହେଲା ବ୍ଲକ ସମ୍ମୁଖରେ ସର୍ବଦଳୀୟ ଅହୋରାତ୍ର ଗଣଧାରଣା ଜାରି ରହିଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ଧାରଣାସ୍ଥଳରେ ୧୪ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ବିଜେପିର ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟା କ୍ରିଷ୍ଣାରାଣୀ ବେହେରା, ବିଜେପି ସମର୍ଥିତ ବ୍ଲକ ଅଧ୍ୟକ୍ଷା ଜିନା ଅଣଦେଖା କରୁଛନ୍ତି। ପଞ୍ଚାୟତ ସମିତିରେ ଯେଉଁ ସଂକଳ୍ପ ପାରିତ ହେଉଛି, ତାକୁ ବିଡିଓ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ଏହାଦ୍ୱାରା କଣ୍ଟାପଡ଼ା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ବିଡିଓ ଜନପ୍ରତିନିଧିମାନଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ଜିଲ୍ଲା ପ୍ରଶାସନ ଏଥିରେ ତୁରନ୍ତ




ଭୋଇ, ଉପାଧ୍ୟକ୍ଷ ଜିତେନ୍ଦ୍ର ବରାଳ ଓ ବିଜେଡିର ଜିଲ୍ଲା ପରିଷଦ ସଦସ୍ୟ ପୀୟୂଷ ମିଶ୍ର, ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ଏହି ଧାରଣାରେ ୮ ଦିନ ହେଲା ବସି ରହିଛନ୍ତି।

ବିଡିଓ ପଞ୍ଚାୟତ ସମିତି ଅଧୀନରେ ଯାଉଥିବା ସମସ୍ତ ଉନ୍ନୟନମୂଳକ କାମକୁ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ବିନା ପରାମର୍ଶରେ ମନମୁଖୀ ଭାବେ କରୁଛନ୍ତି। ଏପରିକି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ମଧ୍ୟ ସେ ହସ୍ତକ୍ଷେପ କରି ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ଦରକାର। ଏଥିସହ ବ୍ଲକରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଆଗେଇ ନେବାରେ ସହଯୋଗ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଯଦି ଜିଲ୍ଲା ପ୍ରଶାସନ କୌଣସି ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତା'ହେଲେ ବିଜେଡି ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବ ଡ. ମହାନ୍ତି ଚେତାବନୀ ଦେଇଛନ୍ତି।

# ସହର ଉପକଣ୍ଠ ରୂପାନ୍ତରଣ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି

ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ) : ରାଜ୍ୟର ବିକାଶ ଯାତ୍ରାକୁ ଏକ ନୂତନ ଦିଗ ଦେବା ପାଇଁ ଓଡ଼ିଶା ସରକାର ଗ୍ରହଣ କରିଛନ୍ତି ଏକ ଐତିହାସିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ୨୦୨୬- ୨୭ ଆର୍ଥିକ ବର୍ଷର ବଜେଟରେ 'ଗ୍ରାମୀଣ-ସହରୀ ରୂପାନ୍ତରଣ' କାର୍ଯ୍ୟକ୍ରମ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାମ ପଞ୍ଚାୟତ ଓ ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସୁନିୟନ୍ତ୍ରିତ, ସ୍ଥାୟୀ ଓ ଅନ୍ତର୍ଭୁକ୍ତିମୂଳକ ସହରୀକରଣ ଦିଗକୁ ନେଇଯିବା ଲକ୍ଷ୍ୟ ରଖାଯାଇଛି।

ରାଜ୍ୟର ଅର୍ଥନୈତିକ ଗତିଶୀଳତା ସହିତ ଅନେକ ସହର ଉପକଣ୍ଠ ଅଞ୍ଚଳ ସ୍ୱାଭାବିକ ଭାବରେ ସହରୀ କ୍ଲଷ୍ଟରରେ ପରିଣତ ହେଉଛି। ଯଦି ଏହାକୁ ଯୋଜନାବଦ୍ଧ ଭାବେ ପରିଚାଳନା କରାଯାଇନଥାଏ,



ଦ୍ରୁତ ଅଭିବୃଦ୍ଧିଶୀଳ ସହର ଉପକଣ୍ଠକୁ ମିଳିବ ନୂଆ ରୂପ

ତେବେ ଅଣପରିକଳ୍ପିତ ବସତି, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପରିବେଶ ଚାପ ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବ ପ୍ରସ୍ତୁତିମୂଳକ ଓ ବୈଜ୍ଞାନିକ ଢାଞ୍ଚାରେ ଏହି କାର୍ଯ୍ୟକ୍ରମ ରୂପାୟଣ ଆରମ୍ଭ ହେବ।

ଏହି ପଦକ୍ଷେପ କେବଳ ଏକ ପ୍ରଶାସନିକ ଶ୍ରେଣୀରେ ସୀମିତ ନୁହେଁ; ବରଂ 'ପ୍ରଶାସନିକ ପ୍ରସ୍ତୁତି' ଓ 'ଭିତ୍ତିଭୂମି ସୁଦୃଢ଼ୀକରଣ' ଉପରେ ଏହାର ମୁଖ୍ୟ ଗୁରୁତ୍ୱ। କୌଣସି ଅଞ୍ଚଳକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ପୂର୍ବରୁ ସେଠାରେ ଆବଶ୍ୟକ ସହରୀ ସୁବିଧା ଓ ସେବା ଯୋଗାଣ ସୁନିଶ୍ଚିତ କରାଯିବ। ରୂପାନ୍ତରଣ ଢାଞ୍ଚାର ମୁଖ୍ୟ ଦିଗଗୁଡ଼ିକ ସହର ଉପକଣ୍ଠ ଅଞ୍ଚଳର ସୁନିୟନ୍ତ୍ରିତ ଓ ଶୃଙ୍ଖଳିତ ବିକାଶ, ଯାହା ଅଣପରିକଳ୍ପିତ ସମ୍ପ୍ରସାରଣକୁ ରୋକିବ। ପ୍ରାରମ୍ଭିକ ପର୍ଯ୍ୟାୟରୁ ସହର ଅନୁରୂପ ନାଗରିକ ସୁବିଧା— ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍ ଓ ଆଧାରଭୂତ ଭିତ୍ତିଭୂମି। ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ସନ୍ତୁଳିତ ଓ ନିୟନ୍ତ୍ରିତ ଜମି ବ୍ୟବହାର ଓ ଗ୍ରାମୀଣ ପ୍ରଶାସନରୁ ସହରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁ ରୂପାନ୍ତରଣ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସକ୍ଷମ କରିବା।

### ୪୮ ଘଣ୍ଟାରେ ମିଳିଲା ସହାୟତା

# ପ୍ରାଣ ହରାଇଥିବା ପୁଲିସ କର୍ମଚାରୀଙ୍କ ପାଇଁ ଶୋକସଭା

ଝାରସୁଗୁଡା, ୨୫।୨ (ସଂଚାର ବ୍ୟୁରୋ) : ଗତ ରବିବାର ହେଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଞ୍ଚ ଜଣ ପୋଲିସ କର୍ମଚାରୀଙ୍କୁ ଆଜି ଝାରସୁଗୁଡା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିସହିତ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦିଆଯାଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୫ଜଣଙ୍କ ମଧ୍ୟରୁ ଚାରିଜଣଙ୍କ ପରିବାରକୁ ଏକ କୋଟି ୧୦ ଲକ୍ଷ ଲେଖାଏଁ ଏବଂ ଜଣଙ୍କ ପରିବାରୁ ୩୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିବାର ୪୮ ଘଣ୍ଟା ମଧ୍ୟରେ ପରିବାରକୁ ସହାୟତା ଦିଆଯାଇଛି। ଦୁର୍ଘଟଣାରେ ଏପିଆର କାଶୀରାମ ଭୋଇ, ଡ୍ରିଲ ସବ୍‌ଇନ୍ସପେକ୍ଟର ନିରଞ୍ଜନ କୁଜୁର, ଏପିଆର ଦେବଦତ୍ତ ସା, ଏପିଆର ହାବିଲଦାର ଲିଙ୍ଗରାଜ ଧାରୁଆ ଏବଂ ହୋମଗାର୍ଡ ଭକ୍ତବନ୍ଧୁ




ମିର୍ଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ଏପିଆର ଦୁବରାଜ ମିରିଗ, ଆକାଶ ନାୟକ, ସର୍ଜେଣ୍ଟ ରାଜୀବ ଭରସାଗର ଆହତ ହୋଇଥିଲେ। ଆଜି ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୃତକଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ସେଦିନର ଘଟଣା ସମ୍ପର୍କରେ ମନେ ପକାଇଛନ୍ତି ଆଇଜି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଏସପି।

# ମହିଳାଙ୍କୁ ଋଣ, ପୁରୁଣା ଋଣ ବାଧକ

ଭୁବନେଶ୍ୱର,୨୫।୨ : ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ଋଣ ଦେବାରେ ଏବେ ବାଧକ ସାଜିଛି ବ୍ୟାଙ୍କମାନେ ପ୍ରଦାନ କରିଥିବା ପୁରୁଣା ଋଣ। ଯେଉଁମାନଙ୍କ ପରିବାର ନାଁରେ ପୁରୁଣା ଋଣ ଗଡୁଛି ସେମାନଙ୍କ ଅର୍ଥ ସ୍ୱୟଂ ସହାୟିକା ଗୋଷ୍ଠି ଋଣରୁ ସୁଝିବାପାଇଁ କିଛି ବ୍ୟାଙ୍କ୍ ବାଧ୍ୟ କରିବାରୁ ମହିଳାମାନେ ସହଜରେ ଋଣ ପାଇ ପାରୁନାହାନ୍ତି।

ମହିଳା ସ୍ୱୟଂ ସହାୟିକା ଗୋଷ୍ଠିକୁ ଋଣ ପ୍ରଦାନ କରି ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିବା ସହିତ ଋଣର ସୁଧ ଅର୍ଥ ରାଜକୋଷରୁ ପ୍ରଦାନ କରୁଛନ୍ତି। ଏଥିଯୋଗୁଁ ବ୍ୟାଙ୍କମାନେ ସହଜରେ ସ୍ୱୟଂ ସହାୟିକା ଗୋଷ୍ଠିକୁ ଋଣ ପ୍ରଦାନ କରିଥାନ୍ତି।

ହେଲେ କିଛି ଦିନ ହେଲା ବ୍ୟାଙ୍କଗୁଡିକ ସେମାନଙ୍କ ଠାରୁ ପୁରୁଣା ଋଣ ନେଇଥିବା ଲୋକଙ୍କ ତାଲିକା ପ୍ରସ୍ତୁତ ସହିତ ସେମାନଙ୍କ ଘରର ମହିଳମାନେ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ ଥିଲେ ସେମାନଙ୍କ ଜରିଆରେ ଋଣ ଅର୍ଥ ଆଦାୟ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଅର୍ଥାତ୍ ସ୍ୱୟଂ ସହାୟିକା ଗୋଷ୍ଠି ଯେଉଁ ଋଣ ନେବେ ଓ ସେଥିରୁ



ସମ୍ପୃକ୍ତ ମହିଳା ସଦସ୍ୟାଙ୍କର ଯେତିକି ଭାଗ ପଡିବ ସେହି ଅର୍ଥକୁ ପୁରୁଣା ଋଣ ସୁଝିବା ବାବଦରେ ନେଇଯିବ। ଏହା ଫଳରେ ଋଣ ପରିଶୋଧ କରୁନଥିବା ବହୁ ମହିଳା ଏବେ ଗୋଷ୍ଠି ଠାରୁ ଅଲଗା ହେବାରେ ଲାଗିଛନ୍ତି।

ଏଥିପାଇଁ ହଠାତ୍ ଜଣେ ଜଣେ ମହିଳା ଗୋଷ୍ଠି ଛାଡି ଦେଉଥିବାରୁ ସ୍ୱୟଂ ସହାୟିକା ଗୋଷ୍ଠିକୁ ମିଳିବାକୁ ଥିବା ଋଣ ମଞ୍ଜୁରରେ ବିଳମ୍ବ ହେଉଛି। ନୂତନ ସଦସ୍ୟା ଯୋଗଦେବା ପରେ ମହିଳାମାନେ ଋଣ ନେବାକୁ ବାଧ୍ୟ ହେଉଛନ୍ତି।

ସେହିଭଳି ବ୍ୟାଙ୍କମାନେ ଦେଉଥିବା ଋଣ କିଭଳି କାର୍ଯ୍ୟରେ ଲାଗୁଛି ଓ ମହିଳାମାନେ କେତେ ପରିମାଣରେ ଆତ୍ମନିର୍ଭରଶୀଳ ହେଉଛି ତାହା ବ୍ୟାଙ୍କମାନେ ତଦାରଖ କରିବା ବଦଳରେ ସେମାନେ ଦେଉଥିବା ଋଣ କିଭଳି ଆଦାୟ ହେବ ତାହା ଉପରେ ଜୋର ଦେଉଛନ୍ତି। ମହିଳା ଗୋଷ୍ଠିର ସମସ୍ତ ସଦସ୍ୟାଙ୍କୁ ଡାକି ସେମାନେ କିଭଳି ଋଣ ସୁଝିବେ ତାହା ପଚାରି ବୁଝିବାପରେ ଋଣ ମଞ୍ଜୁର କରୁଛନ୍ତି।

ଫଳରେ ମହିଳାମାନେ ଋଣ ଟଙ୍କାରେ ଆତ୍ମନିର୍ଭରଶୀଳ ହେବା ବଦଳରେ ଗାଁ ଗହଳର ଜଣେ ଜଣେ ଛୋଟ କାଟିଆ ମହାଜନ ପାଲଟୁଛନ୍ତି। ଗୋଷ୍ଠି ପାଉଥିବା ସୁଧ ବିହୀନ ଋଣ ଅର୍ଥକୁ ବିଭିନ୍ନ ଲୋକଙ୍କୁ ଦେଇ ସୁଧ ଆଦାୟ କରୁଛନ୍ତି। ଏପରିକି ଗୋଷ୍ଠିର ମହିଳାମାନେ ନେଉଥିବା ଅର୍ଥ ସହିତ ସୁଧ ମିଶାଇ ବ୍ୟାଙ୍କ୍ରେ ଜମା କରୁଛନ୍ତି। ବ୍ୟାଙ୍କ୍ କର୍ତ୍ତୃପକ୍ଷ ସରକାରଙ୍କ ଠାରୁ ସୁଧ ଅର୍ଥ ପାଇବାପରେ ମହିଳମାନେ ଋଣ ଅର୍ଥ ସହିତ ଜମା କରିଥିବା ଅତିରିକ୍ତ ଅର୍ଥକୁ ସେମାନଙ୍କ ଖାତାରେ ଜମା କରୁଛନ୍ତି।

ବ୍ୟାଙ୍କଗୁଡିକର ଏଭଳି ମନୋଭାବ ଏବେ ଗାଁ ଗହଳରେ ମହିଳାମାନଙ୍କୁ କେବଳ ହତୋତ୍ସାହିତ କରୁନାହିଁ, ସରକାର ଯେଉଁ ଉଦ୍ଦେଶ୍ୟରେ ବିନା ସୁଧରେ କୋଟି କୋଟି ଟଙ୍କାର ଋଣ ଯୋଗାଇ ଦେଉଛନ୍ତି ତାହା ଅଧିକାଂଶ ସ୍ଥାନରେ ଠିକଣା ଭାବେ ବିନିଯୋଗ ହେଉନାହିଁ। ବ୍ୟାଙ୍କ୍ କର୍ତ୍ତୃପକ୍ଷ ଦେଉଥିବା ଋଣ ଅର୍ଥ ଆଦାୟ ଚକ୍କରରେ ରହୁଥିବାବେଳେ ବ୍ୟବସାୟ କରି ରିସ୍କ ନେବା ବଦଳରେ ଋଣ ଅର୍ଥକୁ ସୁଧ ଲଗାଇବାପାଇଁ ମହିଳା ଗୋଷ୍ଠି ଅଧିକ ଭାବେ ଆଗ୍ରହ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

### ହୋଲି ପୂର୍ବରୁ 'ଜୀ ସାର୍ଥକ'ର ନୂଆ ଭେଟି

# ୨ରୁ ମେଗା ଧାରାବାହିକ 'କିଛି ସତ କିଛି ମିଛ'



ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): ପ୍ରମୁଖ ଘରୋଇ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ' ଏହାର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ' ମାଧ୍ୟମରେ ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦର କାହାଣୀ ଭେଟି ଦେବ। ଏହା ଆସନ୍ତା ୨ ତାରିଖରୁ ସୋମବାରରୁ ଶନିବାର ରାତି ୮ଟାରେ ପ୍ରସାରିତ ହେବ। କେନ୍ଦ୍ରାପଡ଼ାର ଏକ ଶାନ୍ତ ଉପକୂଳବର୍ତ୍ତୀ ଗ୍ରାମର ପୃଷ୍ଠଭୂମିରେ ଆଧାରିତ ଏହି ଧାରାବାହିକରେ ରହିଛି ଦୁଇ ଭଉଣୀଙ୍କ ଭାବପ୍ରବଣ ସମ୍ପର୍କର ଯାତ୍ରା। ଘଟଣାକ୍ରମରେ ବାପାଙ୍କ ମୃତ୍ୟୁ ପରେ ଶାନ୍ତ ଓ ନୀତିବାନ 'ଛବି' ଓ ସାହସୀ ତଥା ଜିଦ୍‌ଖୋର 'ଛାୟା'ଙ୍କ ମଧ୍ୟରେ ଥିବା ଅତୁଟ ଭଲ ପାଇବା ପ୍ରଭାବିତ ହୁଏ। ପରେ ମଙ୍ଗରାଜ ପରିବାରର 'ଆଲୋକ' ସହ ଛବି ପ୍ରେମ ସମ୍ପର୍କ ସ୍ଥାପନ କରିବା ପରେ କାହାଣୀ କେଉଁ ମୋଡ଼ ନେଉଛି, ତା' ଜାଣିବା ପାଇଁ ଦର୍ଶକମାନେ ଏହି ସିରିଏଲ୍ ଦେଖିବାକୁ ନିବେଦନ କରିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ। ଆର୍ଯ୍ୟ ପ୍ରଧାନ, ଅର୍ଚ୍ଚିତା ରାଉତ ଓ ଅଦିତି ଦାଶ ମୁଖ୍ୟ ଭୂମିକାରେ ରହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୨୬ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର

Thursday 26 February 2026, Bhubaneswar

# କେତେ ସୁରକ୍ଷିତ ଓଟିଟି ପ୍ଲାଟଫର୍ମ

ଆଧୁନିକ ଡିଜିଟାଲ୍ ଯୁଗରେ ଓଟିଟି (ଓଭର-ଦି-ଟପ୍) ପ୍ଲାଟଫର୍ମଗୁଡ଼ିକ ଯେପରି ନେଟଫ୍ଲିକ୍ସ, ଆମାଜନ ପ୍ରାଇମ, ଡିଜନି ହଟଷ୍ଟାର ଆଦି ମନୋରଞ୍ଜନର ଏକ ନୂତନ ମାଧ୍ୟମ ହୋଇଛନ୍ତି। ଏହି ପ୍ଲାଟଫର୍ମଗୁଡ଼ିକ ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ଯୋଗାଇ ଦେଉଛନ୍ତି, ଯାହା ବ୍ୟବହାରକାରୀମାନଙ୍କୁ



ସୁବିଧା ଏବଂ ବିବିଧତା ପ୍ରଦାନ କରୁଛି। କିନ୍ତୁ ଏହି ସୁବିଧାର ପଛରେ ଲୁଚି ରହିଛି ଏକ ଗମ୍ଭୀର ବିପଦ, ଯାହା ସମାଜର ନୈତିକତା, ସାଂସ୍କୃତିକ ମୂଲ୍ୟବୋଧ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଏହି ସମ୍ପାଦକୀୟରେ ଆମେ ଏହି ବିପଦଗୁଡ଼ିକର ଆଲୋଚନା କରିବୁ।

ପ୍ରଥମେ, ଓଟିଟି ପ୍ଲାଟଫର୍ମଗୁଡ଼ିକରେ ଉପଲବ୍ଧ କଣ୍ଟେଣ୍ଟ ଅନେକ ସମୟରେ ନୈତିକ ଅବକ୍ଷୟକୁ ପ୍ରୋତ୍ସାହିତ କରୁଛି। ହିଂସା, ଯୌନତା ଏବଂ ଅନୈତିକ ବ୍ୟବହାରର ଚିତ୍ରଣ ଯୁବକମାନଙ୍କ ମନରେ ନକାରାତ୍ମକ ପ୍ରଭାବ ପକାଉଛି। ଏହି ପ୍ଲାଟଫର୍ମଗୁଡ଼ିକରେ ନିୟନ୍ତ୍ରଣର ଅଭାବ ହେତୁ ଏପରି କଣ୍ଟେଣ୍ଟ ସହଜରେ ଉପଲବ୍ଧ ହେଉଛି, ଯାହା ସମାଜର ମୂଲ୍ୟବୋଧକୁ ହ୍ରାସ କରୁଛି। ଏହା କେବଳ ନୈତିକତାର ହ୍ରାସ ନୁହେଁ, ବରଂ ସାଂସ୍କୃତିକ ଅସମ୍ବେଦନଶୀଳତାକୁ ମଧ୍ୟ ବଢ଼ାଉଛି। ଭାରତୀୟ ସଂସ୍କୃତିରେ ଯେଉଁ ମୂଲ୍ୟବୋଧ ଏବଂ ପରମ୍ପରା ରହିଛି, ତାହାକୁ ଏହି ପ୍ଲାଟଫର୍ମଗୁଡ଼ିକ ଅନେକ ସମୟରେ ଅବମାନନା କରୁଛନ୍ତି, ଯାହା ଯୁବପିଢ଼ିରେ ସାଂସ୍କୃତିକ ବିଚ୍ଛିନ୍ନତା ସୃଷ୍ଟି କରୁଛି।

ଦ୍ୱିତୀୟତଃ, ଏହି ପ୍ଲାଟଫର୍ମଗୁଡ଼ିକ ବ୍ୟବହାରକାରୀମାନଙ୍କରେ ବ୍ୟବହାରଗତ ଆସକ୍ତି ସୃଷ୍ଟି କରୁଛନ୍ତି। ବିଞ୍ଜ-ୱାଚିଂ ଅଭ୍ୟାସ ଯୋଗୁଁ ଲୋକମାନେ ଘଣ୍ଟାଘଣ୍ଟା ସ୍କ୍ରିନ ଆଗରେ ବିତାଉଛନ୍ତି, ଯାହା ସାମାଜିକ ସମ୍ପର୍କକୁ ହ୍ରାସ କରୁଛି। ପରିବାର ଏବଂ ବନ୍ଧୁମାନଙ୍କ ସହିତ ସମୟ ବିତାଇବା ବଦଳରେ ଏହି ଡିଜିଟାଲ ଦୁନିଆରେ ହଜି ଯାଉଛନ୍ତି ଲୋକେ। ଏହା ଫଳରେ ଏକାକୀତ୍ୱ, ଉଦ୍‌ବେଗ ଏବଂ ଅବସାଦ ଭଳି ମାନସିକ ସମସ୍ୟା ବଢ଼ୁଛି। ଭାରତରେ ଜଣେ ବ୍ୟକ୍ତି ପ୍ରତିଦିନ ପ୍ରାୟ ୭୦ ମିନିଟ ଓଟିଟିରେ ବିତାଉଛନ୍ତି, ଯାହା ସ୍ୱାସ୍ଥ୍ୟଗତ ସମସ୍ୟାକୁ ବଢ଼ାଉଛି। ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ସମାଜରେ ଅପରାଧର ବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ହିଂସାତ୍ମକ କଣ୍ଟେଣ୍ଟ ଦେଖିବା ଯୋଗୁଁ ଯୁବକମାନଙ୍କରେ ଆକ୍ରମଣାତ୍ମକ ବ୍ୟବହାର ବଢ଼ୁଛି, ଯାହା ଅପରାଧର ହାରକୁ ବଢ଼ାଇ ପାରେ।

ତୃତୀୟତଃ, ଓଟିଟି ପ୍ଲାଟଫର୍ମଗୁଡ଼ିକ ମିଥ୍ୟା ସୂଚନା ଏବଂ ଷ୍ଟିରିଓଟାଇପ୍ସ ପ୍ରଚାରର ଏକ ମାଧ୍ୟମ ହୋଇଛନ୍ତି। ଅନେକ ସିରିଜ ଏବଂ ଫିଲ୍ମରେ ଧର୍ମ, ଜାତି ଏବଂ ଲିଙ୍ଗ ସମ୍ବନ୍ଧୀୟ ଷ୍ଟିରିଓଟାଇପ୍ସ ଦର୍ଶାଯାଉଛି, ଯାହା ସମାଜରେ ବିଭାଜନ ସୃଷ୍ଟି କରୁଛି। ଏହା ବ୍ୟତୀତ, ଫେକ ନ୍ୟୁଜ୍ ଏବଂ ମିସଇନଫର୍ମେସନ ଯୋଗୁଁ ଜାତୀୟ ସୁରକ୍ଷାକୁ ବିପଦ ଉପୁଜୁଛି। ଉଦାହରଣ ସ୍ୱରୂପ, କେତେକ ସିରିଜରେ ରାଜନୈତିକ ଏବଂ ସାମାଜିକ ବିଷୟବସ୍ତୁର ଭୁଲ ଚିତ୍ରଣ ଜନମତକୁ ପ୍ରଭାବିତ କରୁଛି। ଏହି ପ୍ଲାଟଫର୍ମଗୁଡ଼ିକରେ କଣ୍ଟେଣ୍ଟ ନିୟନ୍ତ୍ରଣର ଅଭାବ ଏହି ସମସ୍ୟାକୁ ଆହୁରି ବଢ଼ାଉଛି, ଯେପରିକି 'ତାଣ୍ଡବ' ବିବାଦରେ ଦେଖାଯାଇଥିଲା।

ଏହି ବିପଦଗୁଡ଼ିକର ସମାଧାନ ପାଇଁ ସରକାର ଏବଂ ପ୍ଲାଟଫର୍ମଗୁଡ଼ିକର ମିଳିତ ପ୍ରୟାସ ଆବଶ୍ୟକ। କଡ଼ା କଣ୍ଟେଣ୍ଟ ନିର୍ଦ୍ଦେଶିକା ଲାଗୁ କରିବା, ପିତୃତ୍ୱ ନିୟନ୍ତ୍ରଣ ବ୍ୟବସ୍ଥା ବଢ଼ାଇବା ଏବଂ ବ୍ୟବହାରକାରୀମାନଙ୍କୁ ସଚେତନ କରିବା ଆବଶ୍ୟକ। ଏହା ବ୍ୟତୀତ, ସମାଜରେ ଡିଜିଟାଲ ଲିଟେରାସିର ପ୍ରସାର କରି ଏହି ବିପଦଗୁଡ଼ିକୁ ହ୍ରାସ କରାଯାଇ ପାରିବ। ଓଟିଟି ପ୍ଲାଟଫର୍ମଗୁଡ଼ିକ ମନୋରଞ୍ଜନର ଏକ ଉତ୍ତମ ମାଧ୍ୟମ ହୋଇପାରନ୍ତି, କିନ୍ତୁ ଏହାର ନକାରାତ୍ମକ ପ୍ରଭାବକୁ ଅଣଦେଖା କରିବା ସମାଜ ପାଇଁ ବିପଜ୍ଜନକ। ଆମେ ସମସ୍ତେ ଏହି ବିଷୟରେ ଚିନ୍ତା କରି ଉପଯୁକ୍ତ ପଦକ୍ଷେପ ନେବା ଉଚିତ।

# ଟ୍ରମ୍ପଙ୍କ ଗର୍ବ ଖର୍ବ



ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ରଙ୍କ ଉପରେ ଅତ୍ୟଧିକ ଶୁଳ୍କ (ଟାରିଫ) ଲାଗୁକୁ ଆମେରିକାର ସୁପ୍ରିମକୋର୍ଟ (ସ୍କୋଟୁସ୍) ୬:୩ ମତରେ ଅବୈଧ ଘୋଷଣା କରିବା ସହ ରଦ୍ଦ କରିଦେବା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ବୈଦେଶିକ ନୀତି ପ୍ରତି ଧକ୍କା ସଦୃଶ ହୋଇଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ଦ୍ୱିତୀୟ ଥର ଲୋକପ୍ରିୟ ଭୋଟ ପାଇ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ନିଜର ଔଧତ୍ୟ ପଣିଆ ଦେଖାଇ ବିଶ୍ୱର ବହୁ ରାଷ୍ଟ୍ରଙ୍କ ଉପରେ ଆମଦାନୀ ଶୁଳ୍କ ୧୦ପ୍ରତିଶତରୁ ୧୦୦ପ୍ରତିଶତ ବୃଦ୍ଧି କରିଥିଲେ। କିନ୍ତୁ ଏ ସମ୍ପର୍କୀୟ ମାମଲାର ଶୁଣାଣୀ କରି ଆମେରିକାରେ ୧୯୭୭ ମସିହାରେ ପ୍ରଚଳିତ ହୋଇଥିବା ଇଂଟରନେସନାଲ ଏମର୍ଜେନସ ଇକୋନୋମିକ ପାୱାର ଆକ୍ଟ (ଆଇଇଇପିଏ) ଆଧାରରେ ବର୍ଦ୍ଧିତ ବା ପାରସ୍ପରିକ ଶୁଳ୍କ ଲାଗୁ କରିବାର କ୍ଷମତା ଟ୍ରମ୍ପଙ୍କର ନାହିଁ। ଏହି କ୍ଷମତା କେବଳ ଆମେରିକା କଂଗ୍ରେସର ରହିଛି। ଅତଏବ ଟ୍ରମ୍ପଙ୍କର ଏଭଳି ନୀତି ସମ୍ପୂର୍ଣ୍ଣ ଆସାମ୍ବିଧାନିକ ବୋଲି ସୁପ୍ରିମକୋର୍ଟ ରାୟ ଦେବା ସହ ଶୁଳ୍କ ନୀତିକୁ ରଦ୍ଦ କରିଦେଇଛନ୍ତି। ଏହି ଆଇନକୁ ରାଷ୍ଟ୍ରପତି କେବଳ ଯୁଦ୍ଧ ଓ ଆର୍ଥିକ ସଂକଟ ଆହ୍ୱାନ ପରିପ୍ରେକ୍ଷୀରେ କେବଳ ଏକ୍‌ଜିକ୍ୟୁଟିଭ କ୍ଷମତା ଭାବେ ବ୍ୟବହାର କରିପାରିବା ବ୍ୟବସ୍ଥା ରହିଛି। ଏବେ ସେଭଳି କୌଣସି ପରିସ୍ଥିତି ଉପୁଜି ନାହିଁ। ଏହା କେବଳ ଟ୍ରମ୍ପଙ୍କ ଉଦ୍ଧତ ପଣିଆ ଓ ସାର୍ବଭୌମତ୍ୱ ରାଷ୍ଟ୍ରଗୁଡ଼ିକୁ ନୀଚ ଦେଖିବା ପାଇଁ ଅଭିପ୍ରେତ ଥିଲା ବୋଲି କୁହାଯାଇପାରେ। ସୁପ୍ରିମକୋର୍ଟଙ୍କ ରାକୁ ଟ୍ରମ୍ପ କଟୁ ସମାଲୋଚନା କରିବାକୁ ପଛାଇ ନାହାଁନ୍ତି। ବିଚାରପତିମାନଙ୍କୁ ସେ ନିର୍ବୋଧ ଏବଂ ଦେଶ ବିରୋଧି ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଆମେରିକା ଭଳି ରାଷ୍ଟ୍ରପତି ମୁଖ୍ୟ ରାଷ୍ଟ୍ରରେ ସ୍କୋଟୁସ୍ (ସୁପ୍ରିମକୋର୍ଟ) ଯେଉଁ ନିରପେକ୍ଷତା ଓ ଦାମ୍ଭିକତା ପ୍ରଦର୍ଶନ କରିଛନ୍ତି, ତାହା ନ୍ୟାୟପାଳିକାର ଗୌରବ ବୃଦ୍ଧି କରିବା ସହ ଗଣତନ୍ତ୍ରର ଗରିମାକୁ ମଧ ଅକ୍ଷୁର୍ଣ୍ଣ ରଖିଛି। ସୁପ୍ରିମକୋର୍ଟଙ୍କ ରାୟ ପରେ ଟ୍ରମ୍ପ ପ୍ରଶାସନ ବର୍ଦ୍ଧିତ ଶୁଳ୍କ ୧୫ପ୍ରତିଶତକୁ ହ୍ରାସ କରିଛନ୍ତି। ପ୍ରକାଶ ଯୋଗ୍ୟ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକଳାର ୧୦୦ଦିନ ପୁରଣ ନହେଉଣୁ ଯେଉଁଭଳି ଅଧିପାତ୍ୟ ପ୍ରଦର୍ଶନ କରିଥିଲେ ତାହା କେବଳ ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟନିତ୍ୱ କରିନାହିଁ, ଆମେରିକାର ଜନସାଧାରଣଙ୍କୁ ଲଜ୍ଜିତ କରିଛି ମଧ ସେହିପରି ତାଙ୍କର ସ୍ୱେଚ୍ଛାଚାରୀ ଶୁଳ୍କ ନୀତିରେ କେବଳ ବିଶ୍ୱର ବହୁ ରାଷ୍ଟ୍ର କ୍ଷତିଗ୍ରସ୍ତ ହୋଇନାହାଁନ୍ତି, ଆମେରିକାର ଜନସାଧାରଣ ମଧ କ୍ଷତିଗ୍ରସ୍ତ ହୋଇଥିଲେ। ଯାହାର ପରିଣତି ସ୍ୱରୁପ ତାଙ୍କ ଶାସନ ୧ବର୍ଷ ମଧରେ ଦେଶରେ ଦୁଇ ଦୁଇ ଥର ବିଶାଳ ଗଣବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଯେଉଁ ଗଣବିକ୍ଷୋଭରେ ଛାତ୍ର, ଯୁବ, ବୁଦ୍ଧିଜୀବୀ, ରାଜନେତା ବ୍ୟବସାୟୀ, ଶିଳ୍ପପତିଙ୍କ ସହ ସାଧାରଣ ଜନତା ସାମିଲ ହୋଇଥିଲେ। କେବଳ ଏତିକି ନୁହେଁ, ଟାରିଫ ନୀତିରେ କ୍ଷତିଗ୍ରସ୍ତ ପାଞ୍ଚ ଜଣ କ୍ଷୁଦ୍ର ବ୍ୟବସାୟୀ ଶୁଳ୍କ ନୀତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ରାୟ କେବଳ ଆମେରିକାର ଜନସାଧାରଣ ଓ ବ୍ୟବସାୟୀଙ୍କୁ ନୁହେଁ ବିଶ୍ୱର ଅନ୍ୟ ରାଷ୍ଟ୍ରଙ୍କୁ ଆଶ୍ୱସ୍ତ କରିଛି ବୋଲି କୁହାଯାଇପାରେ। ତେବେ ସ୍କୋଟୁସ୍ ରାୟରେ ଭାରତ ବିଶେଷ ଭାବେ ଆଶ୍ୱସ୍ତ ହୋଇଛି। କାରଣ ଏଣିକି ଭାରତୀୟ ସାମଗ୍ରୀ ଆମଦାନୀ ଉପରେ କେବଳ ୧୫ପ୍ରତିଶତ ଶୁଳ୍କ ଲାଗୁ ହେବା ଅବଶ୍ୟ ପୂର୍ବରୁ ଭାରତ ଆଶ୍ୱସ୍ତ ହୋଇଥିଲା। ବାଣିଜ୍ୟ ଚୁକ୍ତି ପରେ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଲାଗୁ କରିଥିବା ୫୦ପ୍ରତିଶତ ଶୁଳ୍କ ୧୮ପ୍ରତିଶତ ହ୍ରାସ କରିଥିଲେ। ଆମେରିକାର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଟ୍ରମ୍ପ ପ୍ରଥମେ ଭାରତ ଉପରେ ୨୫ପ୍ରତିଶତ ଏବଂ ରୁଷ ଠାରୁ ତୈଳ କିଣୁଥିବା ଯୋଗୁଁ ଆଉ ୨୫ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଥିଲେ। ଏହାଦ୍ୱାରା ଭାରତୀୟ ବ୍ୟବସାୟୀ ତଥା ରପ୍ତାନୀକାରୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। ଏପରିକି ଭାରତୀୟ ସାମଗ୍ରୀ ଆମେରିକାକୁ ରପ୍ତାନୀ ଏକ ପ୍ରକାର ସ୍ଥାଣୁ ଅବସ୍ଥାକୁ ଚାଲିଆସିଥିଲେ। ତେବେ ବାଚାଳ ଟ୍ରମ୍ପ ସୁପ୍ରିମକୋର୍ଟଙ୍କ ରାୟ ପରେ ନୀରବ ରହିବେ ନା ଆହୁରି ପ୍ରତିଶୋଧ ପରାୟଣ ହେବେ, ସେ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ତାଙ୍କ ପରି ଜଣେ ଅହଂକାରୀ, ସ୍ୱେଚ୍ଛାଚାରୀ ଏବଂ ଜିଦଖୋର ନେତା କେବେହେଲେ ପରାଜୟକୁ ସ୍ୱୀକାର କରିନପାରନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଯେ ଉଚ୍ଚାରଣ ଓ ଆଚରଣ ପ୍ରଦର୍ଶନ କରିଥିଲେ। ବୋଧହୁଏ ଆମେରିକାର ଗଣତାନ୍ତ୍ରୀକ ଇତିହସରେ ପରାଜୟକୁ ସ୍ୱୀକାର ନକରି ହ୍ୱାଇଟ ହାଉସ୍ ଓ ପାର୍ଲିଆମେଣ୍ଟ ଉପରେ ଆକ୍ରମଣ କରିବାରେ ଟ୍ରମ୍ପ ଥିଲେ ଦେଶର ପ୍ରଥମ ପରାଜିତ ନେତା। ଏବେ ଟ୍ରମ୍ପ ନିଜ ଜିଦ୍‌କୁ କାର୍ଯ୍ୟକାରୀ କରିବାପାଇଁ ପୁଣି ଫନ୍ଦି ଫିକର କରିବା ଅସମ୍ଭବ ନୁହେଁ। ତେବେ ଯାହା ହେଉନା କାହିଁକି ଟ୍ରମ୍ପଙ୍କ ଗର୍ବ ଯେ ଖର୍ବ ହୋଇଛି, ତାହା ନିସନ୍ଦେହ।

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା), ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

# ଏପଷ୍ଟିନ ଫାଇଲ: ଭୋଗବାଦର ସଇତାନୀ ଚେହେରା



**ଗୋପାଳ ମହାପାତ୍ର**



ଏ ପଷ୍ଟିନ ଫାଇଲ ସାରା ଦୁନିଆକୁ ହତ ଚକିତ କରିଦେଇଛି। ଏହି ଫାଇଲରେ ଥିବା ତଥ୍ୟ ସବୁ ଏବେ ଧିରେ ଧିରେ ବାହାରକୁ ଆସିବାରେ ଲାଗିଛି ଯାହା ଅତି ଘୃଣ୍ୟ ଓ ନିନ୍ଦନୀୟ। ଏଥିରୁ ସ୍ପଷ୍ଟ ଯେ ଅତ୍ୟଧିକ ଭୋଗବାଦୀ ଜୀବନଶୈଳୀ ମଣିଷକୁ ସଇତାନରେ ପରିଣତ କରିଦେଇଥାଏ। ଏଭଳି ଜଘନ୍ୟ କୃତ୍ୟକୁ ଅନୁକରଣ କରୁଥିବା ଲୋକେ ଏବେ ନିଜକୁ ସଞ୍ଜତ କରିବା ଦରକାର ଓ ଭାରତୀୟ ଜୀବନଶୈଳୀର ମୂଲ୍ୟକୁ ସମ୍ମାନ ଜଣାଇ ପୁନଃ ସେଇ ଭୋଗବାଦୀ ଜୀବନଶୈଳୀରୁ ମୁହଁ ଫେରାଇବା ଦରକାର। ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ/ ଦସ୍ତାବିଜ୍, ଭୟାବହ ଛବି ସବୁ ତଥା ଭିଡିଓ ଓ ଇମେଲ କେବଳ ଯେ ଉଚ୍ଚପଦସ୍ଥ ନେତା, ଅରବପତି ଏବଂ ରାଜନେତାଙ୍କ କଳା କାରନାମକୁ ଉଜାଗର କରିଛି ତା ନୁହେଁ ବରଂ ସେଇ ଭୋଗବାଦୀ ମାନସିକତା ବାବଦରେ ସ୍ପଷ୍ଟ କରିଦେଇଛି ଯେ ମଣିଷ କିପରି ଶଇତାନ ପାଲଟି ଯାଇଛି। ଆମେରିକାର ରାଷ୍ଟ୍ରପତି ଡ଼ୋଲାଲଡ୍ ଟ୍ରମ୍ପ, ପୁର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଅରବପତି ଏଲନ ମସ୍କ, ପ୍ରିନ୍ସ ଏଣ୍ଡ୍ରୁଙ୍କ ନାମ ଏଥିରେ ରହିଛି। ଭାରତର ଧନୀକ ଅନୀଲ ଅମ୍ବାନୀ, ମନ୍ତ୍ରୀ ହରଦୀପ ପୁରୀଙ୍କ ନାମ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ଏହି ଏପଷ୍ଟିନ ଫାଇଲରେ ରହିଥିଠିବା ସମ୍ପର୍କରେ ଜଣାପଡ଼ିଛି। ଏହା ଲଜ୍ଜାଜନକ ନିଶ୍ଚୟ।

ଜେଫ୍ରି ଏପଷ୍ଟିନ ଏକବିଂଶ ଶତାବ୍ଦିର ସବୁଠାରୁ ବଡ଼ ଜଘନ୍ୟ ଅପରାଧି ଥିଲେ। ତାଙ୍କର ଏକ ନିଜସ୍ୱ ଦ୍ୱୀପ ଥିଲା ଯାହାର ନାମ ହେଉଛି ସେଣ୍ଟ ଜେମ୍ସ ଦ୍ୱୀପ। ଏପଷ୍ଟିନଙ୍କର ଏହି ଦ୍ୱୀପକୁ ଦୁନିଆର ଅନେକ ବଡ଼ ବଡ଼ ଲୋକ ଯାଉଥିଲେ। ସେହି ଦ୍ୱୀପରେ ଏହି ଶଇତାନ ରୂପୀ ବଡ ବଡ ଲୋକମାନେ ନାବାଳିକା ମାନଙ୍କୁ ଯୌନ ଶୋଷଣ କରୁଥିଲେ। ଏପଷ୍ଟିନଙ୍କ ପାଖରେ ନିଜର ପ୍ରାଇଭେଟ ଜେଟବିମାନ ଓ ହେଲିକାପ୍ଟର ମଧ୍ୟ ଥିଲା। ନାବାଳିକା ମାନଙ୍କ ସହ କୃରତା, ବ୍ଲାକମେଲର ତନ୍ତ୍ର ଏବଂ ଏଲିଟ କ୍ଲବର ଏହି ଭୟାବହ ସତ୍ୟ ସଇତାନୀ ଷଡ଼ଯନ୍ତ୍ର ଠାରୁ ଢେର ଗୁଣ ଅଧିକ ଥିଲା ବୋଲି ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି। ଏହି ପ୍ରସଙ୍ଗ ଉପରେ ବିଚାର କଲେ ସ୍ପଷ୍ଟ ଯେ ଏହା କେବଳ ବ୍ୟକ୍ତିଗତ ପତନ ନୁହେଁ ଏହା ଭୋଗବାଦୀ ଜୀବନ ଶୈଳୀର କାରଣ ଏବଂ ଶକ୍ତିଶାଳୀ ଲୋକଙ୍କର ରାକ୍ଷସ ରେ ପରିଣତ ହେବାର ଚମକପ୍ରଦ କାହାଣୀ ଅଟେ। ଅସିମୀତ ଭୋଗ ଏବଂ ଧନ ଲିପସାର କାରଣରୁ ହେଉଥିବା ନୈତିକ ପତନ ଏବଂ ଦୁଷ୍କର୍ମରେ ମାନବତା ଗୁମୁରି ଗୁମୁରି କାନ୍ଦୁଛି। ଭାରତ ଭଳି ଆଧ୍ୟାତ୍ମକୁ ବିଶ୍ୱାସ କରୁଥିବା ସମାଜ ଭୋଗବାଦ ଠାରୁ ବହୁ ଦୂରରେ ଥିଲା କିନ୍ତୁ ଧିରେ ଧିରେ ଭାରତରେ ମଧ୍ୟ ଭୋଗବାଦ ପ୍ରତି ଆକର୍ଷଣ କରିବାରେ ଲାଗିଛି। ଏବେ ନିଜର ମୂଳଭୁତ ଜୀବନ ମୂଲ୍ୟ ଆଡ଼କୁ ଫେରିବାକୁ ପଡ଼ିବ, ଅର୍ଥାତ୍ ମୂଲ୍ୟ ଯାହା ସଞ୍ଜମ, କରୁଣା ଏବଂ ଆତ୍ମ ନିୟନ୍ତ୍ରଣର ଶିକ୍ଷା ଦେଇଥାଏ। ଧନୀ-ପ୍ରଭାବଶାଳୀ ଲୋକେ ମଧ୍ୟ ଏଥି ପ୍ରତି ଆସ୍ଥା ଏବଂ ବିଶ୍ୱାସ ରଖିବା ଉଚିତ୍ କିନ୍ତୁ ପାଖଣ୍ଡ ମାନଙ୍କ ଠାରୁ ଦୂରେଇ ରହିବା ଆବଶ୍ୟକ। ଏପଷ୍ଟିନ ଫାଇଲସ ପ୍ରମାଣ କରିଦେଇଛି ଯେ ଭୋଗବାଦ ମଣିଷକୁ ପଶୁଠାରୁ ନିମ୍ନସ୍ତରକୁ ମଧ୍ୟ ଠେଲି ଦେଇଥାଏ। ବ୍ୟକ୍ତି ସ୍ୱାଧିନତା ଆଳରେ ଅସୀମିତ ସେକ୍ସ, ଡ୍ରଗ୍ସ ଏବଂ ଧନ ପଛରେ ଗୋଡ଼ାଉଥିବା ସମାଜ ଏମିତି ଅନ୍ଧାର ଭିତରକୁ ଚାଲିଯାଏ ଯେଉଁଠି ଜଘନ୍ୟ କୃତ୍ୟ କଲେ ବି ତାର ବିବେକ ତାକୁ ବାଧା ଦେଇନଥାଏ। ଭୋଗବାଦ ହେଉଛି ଏମିତି ଏକ ବିଚାରଧାରା ଯାହା ଭୌତିକ ସୁଖ-ସୁବିଧା, ଐଶ୍ୱର୍ଯ୍ୟ ଏବଂ ଇନ୍ଦ୍ରିୟ ସୁଖକୁ ଜୀବନର ଏକମାତ୍ର ଉଦେଶ୍ୟ ଏବଂ ସର୍ବୋଚ୍ଚ ସୁଖ ବୋଲି ଗ୍ରହଣ କରିନେଇଥାଏ। ଏହା ବସ୍ତୁ ର ଉପଭୋଗ ଏବଂ ମାଲିକାନା କୁ ହିଁ ଖୁସିବୋଲି କହିଥାଏ। ମଉଜ- ମସ୍ତିକୁ ଜୀବନର ଲକ୍ଷ ମାନି ନେଇ ପ୍ରକୃତିକୁ କେବଳ ଭୋଗର ସାଧନ ବୋଲି ଗ୍ରହଣ କରାଯାଏ। ଏପଷ୍ଟିନ ପ୍ରକରଣରୁ ସ୍ପଷ୍ଟ ଯେ ଭୋଗବାଦ ଘୃଣ୍ୟ ତଥା ସଇତାନୀ ଲାଳସା ଜାଗ୍ରତ କରାଇଥାଏ। ଏଠି ନା ପାରିବାରିକ ବନ୍ଧନ ଥାଏ ନା ସାମାଜିକ ମର୍ଯ୍ୟଦା। ଯେଉଁ ଭାରତୀୟ ଏହି ଜୀବନଶୈଳୀକୁ ଆପଣେଇଛନ୍ତି ବା ଆପଣେଇବା ପାଇଁ ଚିନ୍ତା କରୁଛନ୍ତି ସେମାନଙ୍କ ପାଇଁ ଏପଷ୍ଟିନ ଫାଇଲ ଏକ ଚେତାବନୀ। ଭୋଗବାଦ କାରଣରୁ ରୋମାନ ସାମ୍ରାଜ୍ୟର ପତନ ଘଟିଥିଲା। ବିଳାସୀ ଜୀବନ ବିତାଉଥିବା ଭାରତର ଅନେକ ରାଜା-ମହାରାଜାଙ୍କ ପତନ ମଧ୍ୟ ହୋଇଥିବା କଥା ଇତିହାସରେ ଉଲ୍ଲେଖ ରହିଛି। ୧୯୬୦ର ହିପ୍ପି ଆନ୍ଦୋଳନ ସେକ୍ସ କ୍ରାନ୍ତିର ପ୍ରତୀକ ଥିଲା କିନ୍ତୁ ଏହାର ପରିଣାମ ଭୟାବହ ହୋଇଥିଲା। ଯୌନ ସ୍ୱଚ୍ଛନ୍ଦତା କାରଣରୁ ଯୌନ ଶୋଷଣ, ଯୌନରୋଗ ଏବଂ ଅପରାଧ ମଧ୍ୟ ବଢ଼ିଲା। ଏପଷ୍ଟିନ ଫାଇଲ ଉଜାଗର ହେବା ପରେ ଧନୀ, ରାଜନେତା ଓ ଶକ୍ତିଶାଳୀ ମାନେ ନିନ୍ଦନୀୟ କୃତ୍ୟ କେମିତି କରୁଥିଲେ ସେ ବାବଦରେ ଅନେକ କଥା ଏବେ ଧିରେ ଧିରେ ପଦାକୁ ଆସୁଛି। ଭାରତର ସଂସ୍କୃତି ଭୋଗ ନୁହେଁ ସଞ୍ଜମ ଶିଖାଇଥାଏ କିନ୍ତୁ ଗ୍ଲୋବାଲାଇଜେସନ ଭୋଗବାଦ ପ୍ରତି ଆକର୍ଷଣକୁ ବଢ଼ାଇ ଦେଇଛି ଫଳତଃ ଅନେକ ଭାରତୀୟ ମଧ୍ୟ ଏଥିପ୍ରତି ଆକର୍ଷିତ ହେଉଛନ୍ତି। ହିନ୍ଦୁ ସଂସ୍କୃତିରେ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଏବଂ ସନ୍ୟାସ ଆଶ୍ରମର ବ୍ୟବସ୍ଥା ମାଧ୍ୟମରେ ଭୋଗକୁ ନିୟନ୍ତ୍ରିତ କରାଯାଇଛି। ପରିବାର କେନ୍ଦ୍ରୀତ ସମାଜ ଗୁରୁଶିଷ୍ୟ ପରମ୍ପରା ଏବଂ ସାମୁହିକ ହିନ୍ଦୁ ସଂସ୍କୃତିକୁ ମଜଭୁତ କରିଛି। ରାମାୟଣ ଏବଂ ମହାଭାରତରେ ଭୋଗ ପ୍ରତି ଅତ୍ୟଧିକ ଲାଳସାର ପରିଣାମ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି। ରାବଣ ଅତ୍ରଧିକ ଭୋଗ ଲାଳଷା କାରଣରୁ ପଥଭ୍ରଷ୍ଟ ହୋଇ ଥିଲା ଏବଂ କୌରବ ମାନଙ୍କ ପତନ ମଧ୍ୟ ଅତି ଲାଳସାର କାରଣରୁ ହୋଇଥିଲା। ଏବେ ଏପଷ୍ଟିନ ଫାଇଲ ସାର୍ବଜନୀନ ହେବା ପରେ ନିଜକୁ ବିଶିଷ୍ଟ ବୋଲି ପ୍ରମାଣିତ କରିଥିବା କେତେକ ବ୍ୟକ୍ତିବିଶେଷ, ରାଜନେତା ଏବେ ଅପବିଷ୍ଟ ହୋଇ ଯାଇଛନ୍ତି।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ନାରୀ ଚେତନାର ମାର୍ମିକ ଅନ୍ତଃସ୍ୱର



**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆମ ଜୀବନର ସ୍ୱପ୍ନର ସମ୍ପର୍କ ଖୁବ୍ ନିବିଡ଼। କେହି ଛୋଟ ସ୍ୱପ୍ନ ଦେଖେ, କେହି ବଡ଼। ଆଜି ଆମକୁ ଆଶ୍ଚର୍ଯ୍ୟ କରିଦେବା ପରି ଯେଉଁ ମେସିନ୍ ଓ ଜ୍ଞାନକୌଶଳ ଦେଖୁଛୁ ସେଥିପାଇଁ ପ୍ରଥମେ କେହି ଜଣେ ସ୍ୱପ୍ନ ଦେଖିଥିଲା ନିଶ୍ଚୟ। ସ୍ୱପ୍ନ ସାକାର ହେବା ପାଇଁ ସମୟ ଲାଗେ। ମାତ୍ର ଯଦି ହୃଦୟରେ ଉତ୍ସାହ, ନିଷ୍ଠା, ପରିଶ୍ରମର ଇଚ୍ଛା ଥାଏ ତେବେ ଏହା ପୂର୍ଣ୍ଣ ହୋଇଯାଏ। କୁହାଯାଏ ଆମେ ଯାହା ଚିନ୍ତାକରୁ ତାହା ହିଁ ପାଉ। କେହି କେହି ଏକାନ୍ତରେ ବସି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି। ସେ ବିଷୟରେ ଆଲୋଚନା ମଧ କରନ୍ତି, ହେଲେ ତାକୁ ସଫଳ କରିବା ଦିଗରେ କୌଣସି ଚେଷ୍ଟା କରନ୍ତି ନାହିଁ। ଏପରି ସ୍ୱପ୍ନରୁ କିଛି ମିଳେନି, କେବଳ ସମୟ ନଷ୍ଟ ହୁଏ। ସ୍ୱପ୍ନ ସମ୍ପର୍କରେ ଆଲୋଚନା କଲାବେଳେ କିଛି ଜୀବନନାମା ମନେପଡୁଛି। ଗୋଟିଏ ସରଳ ନାରୀର ଅନ୍ତସ୍ୱର ଅନେକ ଶୁଣି ପାରନ୍ତି ନାହିଁ। ବାସ୍ତବ କଥା ହେଉଛି କେବଳ ତଥାକଥିତ ଡିଗ୍ରୀ ହାତକୁ ଆସିଲେ କ'ଣ ନାରୀର ଅସଲ ଜୀବନଟି ବଦଳି ଯାଏ? ଅନେକଙ୍କ ସ୍ୱପ୍ନ, ଜୀବନର ସଂକଳ୍ପ ଇପ୍ସିତ ଭାବନା ସବୁକିଛି ବିବାହ ଓ ତେଲଲୁଣର ଜଞ୍ଜାଳ, କର୍ମ ସଂସ୍ଥାନ ଓ ଦାୟିତ୍ୱ ଭିତରେ ଚାପି ହୋଇଯାଏ। ଏହା ହେଉଛି ଆମ ସମାଜର ସେହି ଶିକ୍ଷିତା ନାରୀଟିର କାହାଣୀ ଯାହା କେବଳ କାହାଣୀ ବା ମନଗଢ଼ା ଗପନୁହେଁ। ଏହା ମାର୍ମିକ ଅନ୍ତଃସ୍ୱର ଓ ଜୀବନର ମାର୍ମିକ ସତ୍ୟ। ପୁସ୍ତକ ପଢ଼ିବା ବେଳେ ଅନେକ ସଫଳତାକୁ ପଢ଼ିଥିଲା ଓ ବୁଝିଥିଲା କିନ୍ତୁ ତାକୁ ଜୀବନ ଶିଖାଇ ଦେଲା ଯେ ଜୀବନ ହେଉଛି ବୁଝାମଣା। ଶିକ୍ଷା ଥାଇ, ପ୍ରତିଭା ଥାଇ ସବୁକିଛି ଥାଇ ବି ସୁଯୋଗ କେବେ ସାଥୀ ହୋଇପାରିଲା ନାହିଁ। ଜୀବନର ସଫଳତାର ନିର୍ଦ୍ଧାରଣ ସବୁଠାରୁ ପ୍ରଥମେ ମନ ଭିତରେ ହୁଏ। ନିଷ୍ଠା ସହ ପରିଶ୍ରମ ଦ୍ୱାରା ସେହି ଲକ୍ଷ୍ୟ ପୂରଣ ହୁଏ। ତେଣୁ ସ୍ୱପ୍ନ ଦେଖିବା ଜ୍ଞାନଠାରୁ ମଧ ଗୁରୁତ୍ୱପୂର୍ଣ୍ଣ। ସଫଳ ମହିଳା ଜଣଙ୍କ ଯେ ସବୁବେଳେ ଖୁବ୍ ବୁଦ୍ଧିମାନ ଏକଥା ନୁହେଁ ସେମାନେ ଆମପରି ସାଧାରଣ ମଣିଷ। ମାତ୍ର ସେମାନଙ୍କ ପାଖରେ ଭିନ୍ନ ଭାବରେ କିଛି ଚିନ୍ତା କରିବାର ଓ ଏହାକୁ କାର୍ଯ୍ୟରେ ପରିଣତ କରିବାର ସାହାସ ଥାଏ। ପ୍ରଥମ ପାଦ ବଢ଼ାଇବାକୁ ମନରେ ସାହସ ଥାଏ, ଦ୍ୱିତୀୟ ପାଦ ପକାଇବାର ଉତ୍ସୁକତା ଥାଏ। ଏହାପରେ ତୃତୀୟ ପାଦ ଚାଲିବାର ନିଷ୍ଠା ଥାଏ। ଯେଉଁଠାରେ ନଦୀ ଆରମ୍ଭ ହୋଇଥାଏ ସେଠାରେ ଏହା ଖୁବ୍ ସରୁ ଓ ଅଗଭୀର। ମାତ୍ର ଏହା ଯେତେ ଯେତେ ଆଗକୁ ବହିଚାଲେ ସେତେ ଚଉଡା ଓ ଗଭୀର ହୋଇଯାଏ। ଆମ ଜୀବନରେ ସବୁଠାରୁ ବଡ଼ କାମର ଆରମ୍ଭ ଠିକ୍ ଏମିତି ହିଁ ହୁଏ। ଯେମିତି ନଦୀ ନିରନ୍ତର ଭାବରେ ଆଗକୁ ବହିବାରେ ଲାଗିଥାଏ, କୌଣସି ମହିଳା ଯଦି ଠିକ୍ ସେମିତି ନିଜ ଜୀବନରେ ନିରନ୍ତର ପ୍ରୟାସ କରି ଆଗକୁ ବଢ଼େ ତା'ହେଲେ ତାକୁ ସଫଳତା ମିଳେ। ସ୍ୱପ୍ନକୁ ସାକାର କରିବା ସ୍ୱପ୍ନ ଦେଖିବା ପରି ସହଜ ନୁହେଁ। ଏହି ସ୍ୱପ୍ନକୁ ବାରମ୍ବାର ଦେଖିବାକୁ ହୁଏ। ଏଥିସହ ତାକୁ ସତ କରିବା ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ହୁଏ। ଏଥିପାଇଁ ସମୟ ଓ ପରିଶ୍ରମ ଦରକାର। ସ୍ୱପ୍ନ ପୂର୍ଣ୍ଣ କରିବାକୁ ସମୟ ଲାଗେ। କିଏ କହେ ଏଥିପାଇଁ ମୋ ପାଖରେ ସମୟ ନାହିଁ, ପଇସା ନାହିଁ, ସହାୟତା କରିବାକୁ କେହି ନାହିଁ, ମାତ୍ର ଏସବୁ ନିରର୍ଥକ। ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଆମ ଭାଗ୍ୟ କରେନି। ଆମେ ନିଜେ ହିଁ କରିଥାଏ। ମାତ୍ର ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ପ୍ରଥମେ ଆବଶ୍ୟକ ହୁଏ ସକାରାତ୍ମକ ଚିନ୍ତାଧାରା। ଏଥିପାଇଁ ଦୈନନ୍ଦିନ ଜୀବନରେ ଖୁସି ଆବଶ୍ୟକ। ଚିନ୍ତା ଓ ଅବସାଦର ଜୀବନ ଆମ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ ଓ ମନରେ ସନ୍ଦେହ ଆଣେ। ଆମେ ନିଜ ସ୍ୱପ୍ନକୁ ସାକାର କରିବାରେ ଅସଫଳ ହୋଇଯାଏ। ଯେତେବେଳେ ଆମ ନିତିଦିନିଆ ଜୀବନରେ ଖୁସି ଆସେ ସେତେବେଳେ ସ୍ୱପ୍ନ ଓ ଜୀବନ ବିଷୟରେ ଆମର ଦୃଷ୍ଟିକୋଣ ବଦଳିଯାଏ। ମନରେ ଆଶା ସୃଷ୍ଟି ହୁଏ। ପାଦ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଆସିଯାଏ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଲେନ-୬, ଚହଟା ନଗର,**
**ବିଡ଼ାନାସୀ, କଟକ-୧୪**

# ଶ୍ରୀମନ୍ଦିରରେ ଦୋଳଉତ୍ସବ ଓ ଶ୍ରୀବିଗ୍ରହମାନଙ୍କ ଚାଚେରୀ ବେଶ



**ସନ୍ତୋଷ କୁମାର ଦାଶ**



ପ୍ରତିବର୍ଷ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳ ଉତ୍ସବ ନୀତି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଏହା ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଅଟେ। ଫାଲଗୁନ ମାସରେ ଭଗବାନ ବିଷ୍ଣୁ ଶ୍ରୀଗୋବିନ୍ଦ ରୂପରେ ଆରାଧିତ ହୋଇଥାନ୍ତି। ଏହି ମାସରେ ବସନ୍ତ ରାସ ବା ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଓଡ଼ିଶାରେ ଏହା ଦୋଳୋତ୍ସବ ରୂପେ ପ୍ରସିଦ୍ଧ। ଏହି ଅବସରରେ ଶ୍ରୀବିଗ୍ରହ ମାନଙ୍କର ଚାଚେରୀ ବେଶ ଅନୁଷ୍ଠିତ ହେବା ସହିତ ଓ ଚାଚେରୀ ଭୋଗ ଲାଗି ହୋଇଥାଏ। 'ଚାଚେରୀ' ଶବ୍ଦ ସଂସ୍କୃତ 'ଚର୍ଚ୍ଚରୀ' ଶବ୍ଦର ଅପଭ୍ରଂଶ। ଚର୍ଚ୍ଚରୀ ହୋଲି ଉତ୍ସବ, ବସନ୍ତ କାଳରେ ଗାନ କରା ଯାଉଥିବା ଗୀତ, ବାଦ୍ୟ ଓ ଆମୋଦ ପ୍ରମୋଦ, ଆନନ୍ଦୋତ୍ସବ ଆଦିକୁ ବୁଝାଏ। ଶ୍ରୀମନ୍ଦିରରେ ଫଗୁ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ମଧ୍ୟାହ୍ନ ଧୂପ ନୀତି ସମାପନ ପରେ ଏହି ଚାଚେରୀ ବେଶ ଓ ଚାଚେରୀ ଭୋଗ ହୋଇଥାଏ। ଏଥିରେ ବୋଇରାଣି, ମାଧାବଳୀ ଆଦି ବସ୍ତ୍ର ସହିତ, ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ସ୍ୱର୍ଣ୍ଣ କୁଣ୍ଡଳରେ ଏବଂ ଦେବୀ ସୁଭଦ୍ରାଙ୍କୁ ସ୍ୱର୍ଣ୍ଣ ତଡ଼ଗି ରେ ବିଭୂଷିତ କରାଯାଇ ଥାଏ। ଗୁଣା, ଝୁମ୍ପା ଓ ଅଧରମାଳ ଇତ୍ୟାଦି ପୁଷ୍ପାଳଙ୍କାର ରେ ଶ୍ରୀ ବିଗ୍ରହ ମାନେ ମଣ୍ଡିତ ହେବା ପରେ ଚାଚେରୀ ଭୋଗ ଲାଗି ହୁଏ। ଏହି ଭୋଗରେ ଆରିସା, ଧଉଳା, ଘି'ନାଡ଼ି, ଖଇରଚୂଳ, ଖିରି ଇତ୍ୟାଦି ଅର୍ପିତ ହୋଇଥାଏ। ଶାସ୍ତ୍ରରେ ଆହାର ତ୍ରିବିଧ ବୋଲି ବର୍ଣ୍ଣନା କରାଯାଇଛି। ଏହା ହେଉଛି ସାତ୍ତ୍ୱିକ, ରାଜସିକ ଓ ତାମସିକ। ତନ୍ମଧ୍ୟରେ ସାତ୍ତ୍ୱିକ ଆହାର ରସଯୁକ୍ତ, ଦୁଗ୍ଧ, ଘୃତାଦି ସ୍ନେହଗୁଣ ସଂପନ୍ନ, ସାରଯୁକ୍ତ ଏବଂ ହୃଦୟ ପ୍ରୀତିକର। ଶ୍ରୀମନ୍ଦିର ରେ ଦାରୁ ବ୍ରହ୍ମରୂପୀ ଶ୍ରୀବିଗ୍ରହ ମାନଙ୍କୁ ଏହି ସାତ୍ତ୍ୱିକ ଆହାର ଭୋଗ ନୈବେଦ୍ୟ ରୂପେ ଅର୍ପିତ ହୋଇଥାଏ। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ବସନ୍ତ ଋତୁରେ କଫର ପ୍ରାଦୁର୍ଭାବ ଅତ୍ୟଧିକ ହୋଇଥାଏ। ତେଣୁ ଦୋଳଗୋବିନ୍ଦ ଙ୍କୁ ଏହି ଚାଚେରୀ ଭୋଗ ଅବସର ରେ ଦୋଳପୂର୍ଣ୍ଣିମା ଦିନ ଦୋଳବେଦୀ ଠାରେ ଚଣା ଓ ଗୁଡ଼ ରେ ପ୍ରସ୍ତୁତ ଚଣା ମୁଆଁ, ଉଖୁଡ଼ା ଓ ସାକର ଇତ୍ୟାଦି ରୁକ୍ଷ ଜାତୀୟ ଭୋଗ ଅର୍ପିତ ହୁଏ। ଏହା କଫ ନାଶକ ବୋଲି ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବାସ୍ତବ ରେ ଋତୁ ଅନୁଯାୟୀ ଶ୍ରୀମନ୍ଦିରରେ କେତେକ ବିଶେଷ ଭୋଗ ଦ୍ରବ୍ୟର ଖଞ୍ଜା ପ୍ରାଚୀନ ସମୟରୁ ପ୍ରଚଳିତ ହୋଇଆସିଛି। ଏଣୁ ବସନ୍ତ ଉତ୍ସବ ରେ ମହାପ୍ରଭୁଙ୍କ ଚାଚେରୀ ବେଶ ଯେପରି ଆନନ୍ଦବର୍ଦ୍ଧକ ଚାଚେରୀ ଭୋଗ ମଧ୍ୟ ସେହିପରି ସ୍ୱାସ୍ଥ୍ୟ ପକ୍ଷେ ହିତକର। ଉକ୍ତ ଦିନ ମାନଙ୍କରେ ଠାକୁର ମାନଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ମେକାପ ସେବକ ମାନେ ଠାକୁରଙ୍କୁ ଚନ୍ଦନଲାଗି, ବସ୍ତ୍ର ଓ ମାଧାବଳୀ ଆଦି ନୂଆ ଲୁଗା ଲାଗି କରାଇ ୬ ମୂର୍ତ୍ତି ଅଳଙ୍କାର ଯଥା ୪ ସୁବର୍ଣ୍ଣ କୁଣ୍ଡଳ ଓ ୨ ତଡଗୀ ଲାଗି କରିଥାନ୍ତି। ଶ୍ରୀଦେବୀ ଓ ଭୂଦେବୀ ଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯିବା ପରେ ଠାକୁରମାନଙ୍କ ଚାଚେରୀ ବେଶ ବଢ଼ିବାପରେ ଚଳନ୍ତି ପ୍ରତିମା ଦୋଳ ଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ଙ୍କ ଦେଉଳି ଭୋଗ ଅନୁଷ୍ଠିତ ହୋଇ ରତ୍ନସିଂହାସନ କୁ ବିଜେ କରାଯାଏ। ପାଳିଆ ମୁଦିରସ୍ତ ସେବକ ପ୍ରସାଦ ଲାଗି କରନ୍ତି। ପରେ ପାଣି ପଡ଼ି ଘଣ୍ଟଛତା ସହ ତିନି ବାଡ଼ରେ ସର୍ବାଙ୍ଗ ନୀତି ବଢ଼େ। ଶ୍ରୀଜଗନ୍ନାଥ ଙ୍କ ବାଡରେ ବଳିଆ ସୁନ୍ଦର, ଚନ୍ଦନ, ଫଗୁ, ଝିମିରି ଫଗୁ, ପ୍ରସାଦ ଲାଗି ଓ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ। ପୁଣି କର୍ପୂର ଆଳତି କରାଯାଏ। ମୁଦିରସ୍ତ ଚାମର ଆଲଟ କରନ୍ତି। ତିନି ବାଡରେ ଫଗୁ ଆଞ୍ଜୁଳି ଦେଇସାରିବା ପରେ ଠାକୁରଙ୍କ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକ ସିଂହାସନକୁ ଉଠି ପ୍ରସାଦ ମଇଲମ କରନ୍ତି। ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଦିଆଯିବା ପରେ ପୁଷ୍ପାଳକ ସେବକମାନେ ଠାକୁର ଙ୍କୁ ହାତରେ ନେଇ ଜୟବିଜୟ ଦ୍ୱାର ନିକଟରେ ବିଜେ କରାନ୍ତି। ସେଠାରେ ପ୍ରସାଦଲାଗି, କର୍ପୂର ଆଳତୀ, ଦୂବାକ୍ଷତ, ସାତବତୀ, ସଞ୍ଜକାହାଳୀ ଓ ବନ୍ଦାପନା ଆଦି ନୀତି ଅନୁଷ୍ଠିତ ହୁଏ। ଚାଚେରୀ ବେଶରେ ନାଲି ରଙ୍ଗର ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ। ଚାଚେରୀ ବେଶରେ ଦିଅଁ ମାନେ ସ୍ୱତନ୍ତ୍ର ଶୈଳୀରେ (ଦିଅଁମାନେ ପିନ୍ଧିଥିବା ପାଟବସ୍ତ୍ରର ଶୀର୍ଷଭାଗ ଯତ୍ନର ସହ ହରଡ଼ମାଳିରେ ଖୁଞ୍ଚା ଯାଇଥାଏ) ପିନ୍ଧିଥିବା ଶାଢ଼ୀ, ମସ୍ତକର ଶ୍ରୀକପଡ଼ା, ହାତରେ ଧରିଥିବା ରୁମାଲ ସବୁ ନାଲି ରଙ୍ଗର ହୋଇଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ବିଗ୍ରହରେ ନଳୀଭୁଜ ଲାଗି କରାଯାଏ। ଜଗନ୍ନାଥଙ୍କ ନଳୀଭୁଜ ସମ୍ମୁଖରେ ଶଙ୍ଖ ଓ ଚକ୍ର, ଏବଂ ବଳଭଦ୍ରଙ୍କ ନଳୀଭୁଜରେ ହଳ ଓ ମୂଷଳ ଖୋଦିତ ହୋଇଥାଏ। ଏହି ବେଶରେ ପିନ୍ଧୁଥିବା ଅଳଙ୍କାରଗୁଡ଼ିକ ହେଲା ମୁଖର ଉଭୟ ପାର୍ଶ୍ୱରେ କୁଣ୍ଡଳ, ମସ୍ତକ ଶୀର୍ଷରେ ଚନ୍ଦ୍ରିକା, ଅଣ୍ଟାରେ ଅଣ୍ଟାପଟି ଓ ଓଡ଼ିଆଣି ଏବଂ ଗଳାରେ ଗିନି ମାଳ, ଚାବୁକ ମାଳ, ପଦ୍ମମାଳି ଓ ହରଡ଼ ମାଳି। ଏହି ବେଶରେ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼କି ଦ୍ୱାରା ସୁଶୋଭିତା ହୁଅନ୍ତି। ବେଶ ସମୟରେ ଠାକୁର ଙ୍କୁ ଆରିସା, ମରିଚି ନଡ୍ଡୁ, ଖିରି, ଧଉଳା ଓ ଘିନାଡି ଆଦି ଭୋଗ ଲଗାଯାଏ। ପରେ ଫଗୁ ଖେଳ ନୀତି ଅନୁଷ୍ଠିତ ହୋଇଥାଏ। ଏ ସବୁ ଉପଚାର ପାଇଁ ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ (ଧରିତ୍ରୀ ) ଓ ଦୋଳଗୋବିନ୍ଦ ବେହରଣ ଦ୍ୱାର ପାଖରେ ନାଲିପାଟ ପିନ୍ଧି ବେଶ ହୁଅନ୍ତି। ବେଶ ହୋଇଥିବା ମୂର୍ତ୍ତିଗୁଡ଼ିକୁ ରତ୍ନସିଂହାସନ ଉପରକୁ ଆଣିବା ପରେ ଚାଚେରୀ ଭୋଗ ରୂପେ ଖଇ ଓ କୋରା ଅର୍ପଣ କରାଯାଇଥାଏ। ପରେ ସେହି ମୂର୍ତ୍ତି ଗୁଡ଼ିକୁ ଜୟବିଜୟ ଦ୍ୱାର ନିକଟକୁ ନିଆଯାଇ ପଣ୍ଡା ଓ ପୁଷ୍ପାଳକ ସେବକ ମାନଙ୍କ ଦ୍ୱାରା ଫଗୁଖେଳ ନୀତି ସମାପନ ହୋଇଥାଏ। ବିଭିନ୍ନ ଉତ୍ସବ ସମୟ ରେ ଶ୍ରୀ ମନ୍ଦିର ରେ ଶ୍ରୀ ବିଗ୍ରହ ମାନଙ୍କ ବେଶ ଯେପରି ରହସ୍ୟମୟ, ପୂଜାନୀତି, ଭୋଗ ଲାଗି ମଧ୍ୟ ସେପରି ରହସ୍ୟମୟ। ଜୟ ଜଗନ୍ନାଥ ସ୍ୱାମୀ।

ତୁଳସୀପୁର। ପୁରୀ।
୯୪୩୯୩୬୧୮୮୮।

ଇସ୍ରାଏଲରେ ମୋଦି

# ମଝବୁତ ହେବ ପ୍ରତିରକ୍ଷା ଓ ରଣନୈତିକ ସହଯୋଗ



**ଇସ୍ରାଏଲ,୨୬।୧ :** ପ୍ରଧାନମନ୍ତ୍ରୀ ମୋଦୀଙ୍କ ଐତିହାସିକ ଇସ୍ରାଏଲ୍ ଗସ୍ତ। ଭାରତ-ଇସ୍ରାଏଲ୍ ସମ୍ପର୍କରେ ଯୋଡ଼ା ହେବ ଏକ ନୂତନ ଅଧ୍ୟାୟ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଇସ୍ରାଏଲ୍ ଯାଇଛନ୍ତି। ଇସ୍ରାଏଲରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା କରାଯାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନିଜେ ବିମାନ ବନ୍ଦରରେ ପହଞ୍ଚି ନିଜ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପାଛୋଟି ନେଇଛନ୍ତି।

ମୋଦୀଙ୍କ ଏହି ଗସ୍ତ କେବଳ ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତାକୁ ସୁଦୃଢ଼ କରିବ ନାହିଁ, ବରଂ ଏସିଆ ଏବଂ ମଧ୍ୟ-ପ୍ରାଚ୍ୟର ଭୂ-ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଆଣିବାର ସମ୍ଭାବନା ରଖିଛି । ଯଦିଓ ଏହି ଗସ୍ତକୁ ନେଇ ଉଭୟ ଦେଶରେ ଉତ୍ସାହ ରହିଛି, ଇସ୍ରାଏଲର ଆଭ୍ୟନ୍ତରୀଣ ରାଜନୀତିରେ ବିରୋଧୀଦଳଙ୍କ ବର୍ଜନ ଧମକ ଏହାକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିଛି। ୯ ବର୍ଷ ପରେ ଏହି ଗସ୍ତ କେବଳ ଫାଇଲ୍ ଚୁକ୍ତିରେ ସୀମିତ ନୁହେଁ। ଏହା ଦର୍ଶାଉଛି ଯେ ଭାରତ ଏବେ ନିଜର ବୈଦେଶିକ ନୀତିରେ ଅଧିକ ସ୍ପଷ୍ଟ।

ପୂର୍ବରୁ ଭାରତ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଯାଇ ଇସ୍ରାଏଲ୍ ସହ ଖୋଲାଖୋଲି ମିଶୁନଥିଲା, କିନ୍ତୁ ଏବେ ଭାରତ ନିଜର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଇସ୍ରାଏଲ୍ ଗସ୍ତ ଆଗାମୀ ଦଶନ୍ଧି ପାଇଁ ଭାରତର ପ୍ରତିରକ୍ଷା ଏବଂ ବୈଷୟିକ ରୂପରେଖ ପ୍ରସ୍ତୁତ କରିବ। ବ୍ୟବସାୟିକ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଏହା ଏକ ସଫଳ ଗସ୍ତ ହେବାକୁ ଯାଉଛି। ଭାରତ ଏବଂ ଇସ୍ରାଏଲର ଏହି 'ବିଜୟୀ ଯୋଡ଼ି' ବିଶ୍ୱ ରାଜନୀତିରେ ଏକ ନୂଆ ଶକ୍ତି କେନ୍ଦ୍ର ଭାବେ ଉଭା ହେବ।

# ପୁଣି ଟାରିଫ ବଢ଼ାଇଲେ ଟ୍ରମ୍ପ



**ୱାଶିଂଟନ୍,୨୬।୧ :** ଆମେରିକା ପୁଣି ଥରେ ଭାରତକୁ ଏକ ବଡ଼ ଝଟକା ଦେଇଛି। ସୌର ପ୍ୟାନେଲ ଉପରେ ପ୍ରାରମ୍ଭିକ ୧୨୬ ପ୍ରତିଶତ ଟାରିଫ୍ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମଧ୍ୟ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଭାରତ ବ୍ୟତୀତ, ଟ୍ରମ୍ପ ଅନେକ ଦେଶ ଉପରେ ଟାରିଫ୍ ଲଗାଇଛନ୍ତି। ଆମେରିକା ଇଣ୍ଡୋନେସିଆ ଉପରେ ୮୬ ପ୍ରତିଶତ ରୁ ୧୪୩ ପ୍ରତିଶତ ଏବଂ ଲାଓସ ଉପରେ ୮୧ ପ୍ରତିଶତ ଟାରିଫ୍ ଲଗାଇବାକୁ ପ୍ରସ୍ତାବ ରହିଛି। ନିକଟରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ କଠୋର ନିଷ୍ପତ୍ତିକୁ ଅବରୋଧ କରିଛନ୍ତି। ଏହା ପରେ, ଟ୍ରମ୍ପ ସମସ୍ତ ଦେଶ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି। କୋର୍ଟ ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତିକୁ କଂଗ୍ରେସରେ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଟ୍ରମ୍ପ ଭାରତ ଉପରେ ଆଉ ଏକ ଟାରିଫ୍ ଲଗାଇଛନ୍ତି। ଆମେରିକାର ବାଣିଜ୍ୟ ବିଭାଗ କହିଛି ଯେ ଭାରତ ଅନ୍ୟାୟ ଭାବରେ ଏହାର ନିର୍ମାତାମାନଙ୍କୁ ସବସିଡି ଦେଇଛି। ଆମେରିକା ଅଭିଯୋଗ କରିଛି ଯେ ଏହା ଶସ୍ତା ଉତ୍ପାଦ ବିକ୍ରି କରି ଆମେରିକୀୟ କମ୍ପାନୀଗୁଡ଼ିକୁ କ୍ଷତି ପହଞ୍ଚାଉଛି। ବିଶେଷଜ୍ଞଙ୍କ ମତରେ, ଟ୍ରମ୍ପଙ୍କ ଭାରୀ ଟାରିଫ୍ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକା ବଜାରରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିବ। ୨୦୨୪ରେ, ଭାରତ ଆମେରିକାକୁ ପ୍ରାୟ ୬,୫୦୦ କୋଟି ଟଙ୍କାର ସୌର ଉତ୍ପାଦ ରପ୍ତାନି କରିଥିଲା। ୨୦୨୨ରେ ରପ୍ତାନି ୨୦୨୪ ତୁଳନାରେ ନଅ ଗୁଣ କମ୍ ଥିଲା।

# ଇସ୍ରାଏଲ ଗସ୍ତକୁ କଂଗ୍ରେସର ସମାଲୋଚନା



**ନୂଆଦିଲ୍ଲୀ,୨୬।୧ :** କଂଗ୍ରେସ ପାର୍ଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତକୁ ତୀବ୍ର ସମାଲେଚନା କରିଛି। କଂଗ୍ରେସ କହିଛି, ନେତାନ୍ୟାହୁ ଗାଜାକୁ ଧ୍ୱଂସ କରି ଧୂଳି ସ୍ତୂପରେ ପରିଣତ କରିଛନ୍ତି। ନେତାନ୍ୟାହୁଙ୍କ ନିର୍ଦ୍ଦେଶରେ ଇସ୍ରାଏଲ ୱେଷ୍ଟ ବ୍ୟାଙ୍କରେ ବେଆଇନ ଭାବେ ବସତି ବିସ୍ତାର କରିଚାଲିଛି। ସାରା ବିଶ୍ୱ ନେତାନ୍ୟାହୁଙ୍କ ଏହି ଆଭିମୁଖ୍ୟକୁ ସମାଲୋଚନା କରୁଥିବାବେଳେ ମୋଦୀ ଇସ୍ରାଏଲ ଗସ୍ତରେ ଯାଇ ନେତାନ୍ୟାହୁଙ୍କୁ ନିର୍ଲ୍ଲଜ ଭାବେ ଆଲିଙ୍ଗନ କରି 'ନୈତିକ କାପୁରୁଷତା' ପ୍ରଦର୍ଶନ କରିଛନ୍ତି। କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ମହାସଚିବ ଜୟରାମ ରମେଶ 'ଏକ୍ସ'ରେ ଲେଖିଛନ୍ତି, ମେ' ୨୦ ୧୯୬୦ରେ ଜବାହାରଲାଲ ନେହରୁ ଗାଜାରେ ଥିଲେ ଏବଂ ଜାତିସଂଘ ଜରୁରୀକାଳୀନ ବାହିନୀରେ ଥିବା ଭାରତୀୟ ସୈନ୍ୟ ଦଳକୁ ଭେଟିଥିଲେ। ୧୯୮୧ ନଭେମ୍ବର ୨୯ରେ ଭାରତ ପାଲେଷ୍ଟାଇନ ସହିତ ଏହାର ଏକତା ପ୍ରଦର୍ଶନ କରି ଏକ ଡାକ ଟିକଟ ପ୍ରଚଳନ କରିଥିଲା। ନଭେମ୍ବର ୧୮, ୧୯୮୮ରେ ଭାରତ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଥିଲା। ସେ ସମୟ ଅଲଗା ଥିଲା। ବର୍ତ୍ତମାନ ଗାଜାରେ ଧ୍ୱଂସଲୀଳା ଚଳାଇଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ସାରା ବିଶ୍ୱ ନିନ୍ଦା କରୁଥିବାବେଳେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଭେଟିଛନ୍ତି।

ଏହାପୂର୍ବରୁ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା 'ଏକ୍ସ'ରେ ଲେଖିଥିଲେ ଯେ, ମୋଦୀ ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିବା ସମୟରେ ଗାଜାରେ ଚାଲିଥିବା ଗଣହତ୍ୟା ପ୍ରସଙ୍ଗ କଥା ଉଠାଇ ସେମାନଙ୍କ ପାଇଁ ନ୍ୟାୟ ଦାବି କରିବେ ବୋଲି ଆଶା। ମୋଦୀଙ୍କ ଗସ୍ତ ବୁଧବାରରୁ ଆରମ୍ଭ ହୋଇଥିବାବେଳେ ଏଥିରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ଓ ବାଣିଜ୍ୟ ସହଯୋଗିତା ଉପରେ ଆଲୋଚନା ହୋଇପାରେ। ଏହା ୯ ବର୍ଷରେ ମୋଦୀଙ୍କ ଦ୍ୱିତୀୟ ଇସ୍ରାଏଲ ଗସ୍ତ।

# ଖେମିନିଙ୍କ ବାସଭବନ ଉପରେ ମୁଜାହିଦ୍ଦିନଙ୍କ ଆକ୍ରମଣ



**ତେହେରାନ,୨୬।୧ :** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସରକାରୀ ବାସଭବନ ବେଇତ-ଏ ରହବାରି ଉପରେ ଆକ୍ରମଣ ହୋଇଥିବା ରିପୋର୍ଟ ଆସିଛି। ପିପୁଲ୍ସ ମୁଜାହିଦ୍ଦିନ ନାମକ ଏକ ସଂଗଠନ ଏହି ଆକ୍ରମଣ କରିଛି। ସଂଗଠନ କହିଛି ଯେ, ଆକ୍ରମଣ କରିଥିବା ଏହାର ୧୦୦ ଜଣ ସଦସ୍ୟଙ୍କୁ ଇରାନ ସେନା ଗିରଫ କରିଛି। କିଛି ସଦସ୍ୟଙ୍କୁ ମଧ୍ୟ ହତ୍ୟା କରାଯାଇଛି। ୧୯୭୯ ଇସଲାମିକ ବିପ୍ଳବ ପରେ ପ୍ରଥମ ଥର ପାଇଁ ଇରାନର ସର୍ବୋଚ୍ଚ ନେତାଙ୍କ ବାସଭବନ ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସୋମବାର ୨୫୦ ଜଣ ମୁଜାହିଦ୍ଦିନ କେନ୍ଦ୍ରୀୟ ତେହେରାନରେ ଥିବା ଇସଲାମିକ୍ ଗଣରାଜ୍ୟର ନେତାଙ୍କ କାର୍ଯ୍ୟାଳୟ ଓ ବାସଭବନ ଉପରେ ଆକ୍ରମଣ କରିଥିଲେ। ସମସ୍ତ ମୁଜାହିଦ୍ଦିନ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ। ଇରାନର ମେହର ନ୍ୟୁଜ୍ ଏଜେନ୍ସି ନିଶ୍ଚିତ କରିଛି, ସମୋନଙ୍କ ମଧ୍ୟରୁ କେବଳ ଚାରି ଜଣଙ୍କୁ ଗିରଫ କରାଯାଇଛି । ଇରାନରେ ଉତ୍ତେଜନା ଆରମ୍ଭ ହେବା ପରେ ଖେମିନି ତାଙ୍କ ବାସଭବନ ଛାଡି ଏକ ବଙ୍କରକୁ ଚାଲିଯାଇଥିଲେ। ତାଙ୍କ ପୁଅ, ମୋଜତାବା ଖେମିନି, ତାଙ୍କ ବାସଭବନ ଏବଂ କାର୍ଯ୍ୟାଳୟ ପରିଚାଳନା କରୁଛନ୍ତି।

ମୁଜାହିଦ୍ଦିନ ସଂଗଠନ ଦାବି କରିଛି, ଆକ୍ରମଣ ସମୟରେ ଅନେକ ଇରାନୀ ସୈନିକ ମଧ୍ୟ ନିହତ ହୋଇଥିଲେ। ତେବେ ସରକାର ଏହାକୁ ନିଶ୍ଚିତ କରି ନାହାନ୍ତି। ଇରାନ ସଂସଦର ଜାତୀୟ ସୁରକ୍ଷା କମିସନର ସଦସ୍ୟ ଅହମଦ ବଖଶାୟେସ୍ ଆର୍ଦେସ୍ତାନି କହିଛନ୍ତି, କିଛି ଆକ୍ରମଣ ଇସଲାମିକ୍ ଗଣରାଜ୍ୟକୁ ଦୁର୍ବଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଅନୁମାନ୍ କରାଯାଉଛି। କିନ୍ତୁ ଖେମିନିଙ୍କ ବାସଭବନ ଉପରେ ଆକ୍ରମଣ ଉପରେ ମନ୍ତବ୍ୟ ଦେବାକୁ ସେ ମନା କରିଦେଇଛନ୍ତି ।

# ମୁମ୍ବାଇରୁ ୨୫ ବାଂଲାଦେଶୀ ଗିରଫ



**ମୁମ୍ବାଇ,୨୬।୧ :** ମହାରାଷ୍ଟ୍ରରେ ମୁମ୍ବାଇ ପୁଲିସ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରି ଅନ୍ଧେରୀ ପଶ୍ଚିମର ୟାରି ରୋଡ ଅଞ୍ଚଳରୁ ୨୫ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି। ଭର୍ସୋଭା ପୁଲିସ ଷ୍ଟେସନର ଆତଙ୍କବାଦ ନିରୋଧୀ ସେଲ୍ (ଏଟିସି) ଏଡ଼େଇ ଏକ ଗୁପ୍ତ ଅପରେସନ୍ ଚଳାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨୧ ଜଣ କିନ୍ନର, ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷ ଅଛନ୍ତି। ସେମାନେ ଅନେକ ବର୍ଷ ଧରି ମୁମ୍ବାଇରେ ନିଜର ପରିଚୟ ଲୁଚାଇ ବେଆଇନ ଭାବରେ ରହୁଥିଲେ ।

ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା ଯେ, ଏହି ବ୍ୟକ୍ତିମାନେ ୟାରି ରୋଡରେ ଥିବା ଏକ ଧର୍ମସ୍ଥଳ ନିକଟରେ ବିଳମ୍ବିତ ରାତିରେ ଏକାଠି ହେବେ। ପୁଲିସ ଏବେ ସମଗ୍ର ନେଟୱାର୍କର ତଦନ୍ତ କରୁଛି। ଏହି ବ୍ୟକ୍ତିମାନେ ଏତେ ବର୍ଷ ଧରି ସୁରକ୍ଷା ଏଜେନ୍ସିଗୁଡ଼ିକର ଆଖିରୁ କିପରି ଖସି ଯାଇପାରିଲେ ଓ କେଉଁ ସ୍ଥାନୀୟ ଲୋକମାନେ ସେମାନଙ୍କୁ ନକଲି କାଗଜପତ୍ର ତିଆରି କରିବାରେ ସାହାଯ୍ୟ କରିଥିଲେ ତାହାର ତଦନ୍ତ କରାଯାଉଛି । ପ୍ରାଥମିକ ପଚରାଉଚରା ସମୟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି, ସେମାନେ ଭାରତରେ ଅନୁପ୍ରବେଶ କରିବା ପାଇଁ ବହୁ ଦୂର ଯାତ୍ରା କରିଥିଲେ। ସେମାନେ ପ୍ରଥମେ ବେଆଇନ ଭାବରେ ବାଂଲାଦେଶ ସୀମା ପାର କରି କୋଲକାତାରେ ପହଞ୍ଚିଥିଲେ। ତାପରେ ସେମାନେ ଦିଲ୍ଲୀ ଓ ଗୁଜରାଟର ବିଭିନ୍ନ ସହରରେ ଅଟକିଥିଲେ ଏବଂ ଶେଷରେ ଆର୍ଥିକ ରାଜଧାନୀ ମୁମ୍ବାଇରେ ବସବାସ କରିବା ଆରମ୍ଭ କରିଥିଲେ। ପୁଲିସ ଅଭିଯୁକ୍ତଙ୍କଠାରୁ ବହୁ ସଂଖ୍ୟକ ନକଲି ଭାରତୀୟ ପରିଚୟ ପତ୍ର, ଆଧାର କାର୍ଡ, ପାନ କାର୍ଡ ଏବଂ କିଛି ମୂଳ ବାଂଲାଦେଶୀ କାଗଜପତ୍ର ମଧ୍ୟ ଜବତ କରିଛି। ଏହି କାଗଜପତ୍ରଗୁଡ଼ିକ ଅନ୍ୟ କୌଣସି ସନ୍ଦେହଜନକ କାର୍ଯ୍ୟକଳାପରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା କି ନାହିଁ ତାହା ପୁଲିସ ତଦନ୍ତ କରୁଛି । ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରିଛି। ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ସେମାନଙ୍କୁ ଦେଶାନ୍ତର ପ୍ରକ୍ରିୟା ଆରମ୍ଭ କରାଯିବ।

# ଏୟାର ଆମ୍ବୁଲାନ୍ସରେ ନ ଥିଲା ବ୍ଲାକ୍ ବକ୍ସ!



**ରାଞ୍ଚି,୨୬।୧ :** ଝାଡ଼ଖଣ୍ଡ ଏୟାର ଆମ୍ବୁଲାନ୍ସ କ୍ରାସକୁ ନେଇ ଆସିଲା ଆଶ୍ଚର୍ଯ୍ୟଜନକ ତଥ୍ୟ। ବିମାନରେ ନଥିଲା ବ୍ଲାକ୍ ବକ୍ସ ନଥିଲା ବୋଲି ଜଣାପଡିଛି। ବ୍ଲାକ୍ ବକ୍ସ ନଥିବା ସ୍ପଷ୍ଟ କଲେ ଯାଞ୍ଚ କରୁଥିବା ଅଧିକାରୀ। ଏପରିକି କକ୍ ପିଟ୍ ଭଏସ୍ ରେକର୍ଡର କିମ୍ବା ଫ୍ଲାଇଟ୍ ଡାଟା ରେକର୍ଡର ମଧ୍ୟ ନଥିବା ଜଣାପଡିଛି।

ଗତ ୪ ବର୍ଷ ଧରି ମଧ୍ୟ ବିମାନ ବ୍ୟବହାର ହୋଇନଥିଲା। ବ୍ଲାକ୍ ବକ୍ସ ନଥିବାରୁ ଦୁର୍ଘଟଣାର କାରଣ ଜାଣିବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଡିଜିସିଏ ପକ୍ଷରୁ ଜାରି ସୂଚନା ଅନୁସାରେ, ଦିଲ୍ଲୀର ରେଡବାର୍ଡ ଏୟାରୱେଜ୍ ପକ୍ଷରୁ ପରିଚାଳିତ ଏହି ଏୟାର ଆମ୍ବୁଲାନ୍ସ ସୋମବାର ରାତି ୭ଟା ୧୧ ମିନିଟରେ ରାଞ୍ଚିରୁ ଉଡ଼ାଣ ଭରିଥିଲା।

ତେବେ ରାତି ୭ଟା ୩୪ ମିନିଟିରେ ବିମାନଟି କୋଲକାତା ଏଟିଏସ୍ ସହ ସମ୍ପର୍କ କରିଥିଲା। ପରେ ରାଡାର୍ ସହ ଏହାର ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ରାଞ୍ଚିଠାରୁ ୧୩୦ କିଲୋମିଟର ଦୂର ଚତ୍ରା ଜିଲ୍ଲାର କରମାଟାଣ୍ଡ ଗାଁ ନିକଟରେ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଗତ ସୋମବାର ଦିନ ଏହି ବିମାନ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଜଣେ ରୋଗୀ, ୨ ଜଣ ବିମାନ କର୍ମଚାରୀଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଥିଲା।

# ୨୬/୧୧ ଭଳି ଆକ୍ରମଣର ଧମକ ଦେଲା ଲସ୍କର-ଏ-ତୈଇବା



**ନୂଆଦିଲ୍ଲୀ,୨୬।୧ :** ଅପରେସନ୍ ସିନ୍ଦୂରରେ ଅଣ୍ଟା ଭାଙ୍ଗି ପଡ଼ିଥିବା ଆତଙ୍କୀ ସଂଗଠନ ଲସ୍କର-ଏ-ତୈବା(ଏଲଇଟି) ପୁଣିଥରେ ଭାରତକୁ ଖୋଲାଖୋଲି ଧମକ ଦେଇଛି। ଏଲଇଟିର ଉପମୁଖ୍ୟ ତଥା ପହଲଗାମ୍ ଆକ୍ରମଣର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସୈଫୁଲ୍ଲା କସୁରୀ, କୋଡ୍ ୱାର୍ଡରେ ଭାରତରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ କରିବା ନେଇ ଚେତାବନୀ ଦେଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଆଧାରରେ, ସୈଫୁଲ୍ଲା କସୁରୀ କହିଛି ୨୦୨୫ରେ ଆମେ ଆକାଶ ମାର୍ଗରେ ରାଜୁତି କରିଥିଲୁ, ୨୦୨୬ରେ ସମୁଦ୍ରକୁ କବଜା କରିବୁ। ଆକାଶ ଓ ସମୁଦ୍ର ଏକ କୋଡ୍ ଶବ୍ଦ ପରି ମନେ ହେଉଛି, ଯାହା ଉପକୂଳବର୍ତ୍ତୀ ସହରଗୁଡ଼ିକ ଉପରେ ଆକ୍ରମଣକୁ ସୂଚାଇ ଦେଉଛି। କେବଳ ଏତିକି ନୁହେଁ ବହୁ ପ୍ରତିକ୍ଷିତ ରାମ ମନ୍ଦିର ଉପରେ ବି ବଡ଼ଧରଣର ଆକ୍ରମଣ ନେଇ ସୈଫୁଲ୍ଲା ଇସାରା କରିଛି। ଗୁଇନ୍ଦା ସୂତ୍ର ଅନୁଯାୟୀ, ମୁମ୍ବଇରେ ୨୬/୧୧ ଆକ୍ରମଣ ଭଳି ପୁନରାବୃତ୍ତିର ଚେତାବନୀ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୈଫୁଲ୍ଲା ପାକିସ୍ତାନୀ ସେନା ସହଯୋଗରେ କାମ କରିବା କଥା ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି, ଯାହା ପୁଣି ଥରେ ପ୍ରମାଣିତ କରେ ଯେ ପାକିସ୍ତାନ ଆତଙ୍କବାଦୀଙ୍କ ପାଇଁ ଏକ 'ନର୍ସରୀ' ହୋଇ ରହିଛି।

# ରାଜଧାନୀ ଦିଲ୍ଲୀର ନାଁ ଇନ୍ଦ୍ରପ୍ରସ୍ଥ କରାଯାଉ

● କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଜେପି ସାଂସଦ



**ନୂଆଦିଲ୍ଲୀ,୨୬।୧ :** କେରଳର ନାମ ପରିବର୍ତ୍ତନ କରି କେରଳମ୍ କରିବା ପାଇଁ ଅନୁମୋଦନ ପରେ, ଏବେ ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି ହେଉଛି। ଦିଲ୍ଲୀର ଚାନ୍ଦନୀ ଚୌକ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ତାଙ୍କ ଚିଠିରେ ଖଣ୍ଡେଲୱାଲ ଦିଲ୍ଲୀର ନାମ ଇନ୍ଦ୍ରପ୍ରସ୍ଥ ରଖିବାକୁ ସେ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଏପରି ପଦକ୍ଷେପ ଭାରତର ରାଜଧାନୀର ଐତିହାସିକ ତଥା ସଭ୍ୟତାଗତ ପରିଚୟକୁ ପୁନଃସ୍ଥାପିତ କରିବ। ସେ ଐତିହାସିକ, ପ୍ରତ୍ନତତ୍ତ୍ୱବିତ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏହି ପ୍ରସ୍ତାବ ଉପରେ ଏକ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି। ଖଣ୍ଡେଲୱାଲ ଚିଠିରେ ଲେଖିଛନ୍ତି,ଐତିହାସିକ ସାହିତ୍ୟ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ତଥା ଦୀର୍ଘକାଳୀନ ସଭ୍ୟତାଗତ ପରମ୍ପରା ପ୍ରତିପାଦିତ କରେ ଯେ, ବର୍ତ୍ତମାନର ଦିଲ୍ଲୀ ହେଉଛି ପ୍ରାଚୀନ ଇନ୍ଦ୍ରପ୍ରସ୍ଥର ସ୍ଥାନ। ଯାହା ପାଣ୍ଡବମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମହାରାଜଧାନୀ। ମହାକାବ୍ୟ ମହାଭାରତରେ ଏହା ବର୍ଣ୍ଣିତ ହୋଇଛି। ଖଣ୍ଡେଲୱାଲଙ୍କ ଅନୁସାରେ, ଦିଲ୍ଲୀ ନାମ କେବଳ ଇତିହାସର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ପ୍ରତିଫଳିତ କରୁଛି। ସେ ଲେଖିଛନ୍ତି, ପୁରୁଣା କିଲ୍ଲାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ଦ୍ୱାରା କରାଯାଇଥିବା ଖନନରୁ ପ୍ରାୟ ୩,୦୦୦ ବର୍ଷ ପୁରୁଣା ପ୍ରାଚୀନ ବସତିର ପ୍ରମାଣ ମିଳିଛି। ଯାହା ୧,୦୦୦ ବିସିଇଠାରୁ ଥିବାର ଜଣାପଡ଼ିଛି। ଯେଉଁଥିରେ ମହାଭାରତ କାଳ ସହିତ ଜଡିତ ପେଣ୍ଟେଡ୍ ଗ୍ରେ ୱେୟାର (ପିଜିଡବ୍ଲୁ) ସଂସ୍କୃତିର ଅବଶେଷ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ତାଙ୍କ ଅନୁସାରେ, ଏହି ଆବିଷ୍କାରଗୁଡ଼ିକ ଐତିହାସିକ ବିଶ୍ୱାସକୁ ଦୃଢ଼ କରେ ଯେ, ପ୍ରାଚୀନ ଇନ୍ଦ୍ରପ୍ରସ୍ଥ ଆଜି ଦିଲ୍ଲୀ ଯେଉଁ ସ୍ଥାନରେ ଅବସ୍ଥିତ ସେଠାରେ ଅବସ୍ଥିତ ଥିଲା।

# ଆତ୍ମସମର୍ପଣ କରିବେ ୧୫ ମାଓବାଦୀ

ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଲେ ମାଓ ନେତା ବିକାଶ

**ରାଞ୍ଚି,୨୬।୧ :** ଆତ୍ମସମର୍ପଣ କରିବେ ବଲାଙ୍ଗିର, ବରଗଡ଼ ଓ ମହାସମୁନ୍ଦ (ବିବିଏମ) ଡିଭିଜନର ୧୫ ଜଣ ମାଓବାଦୀ। ମୁଣ୍ଡ ଉପରେ ୬୫ ଲକ୍ଷର ଘୋଷଣା ଥିବା (ବିବିଏମ) ଡିଭିଜନର ମୁଖିଆ ବିକାଶଙ୍କ ସମେତ ଅନ୍ୟ ୧୪ ଜଣ ମାଓବାଦୀ ଆତ୍ମସମର୍ପଣ କରିବେ। ଏଥିପାଇଁ ଛତିଶଗଡ଼ ସରକାରର ଗୃହମନ୍ତ୍ରୀ ବିଜୟ ଶର୍ମାଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି ମାଓବାଦୀ। ମାଓବାଦୀଙ୍କ ପ୍ରସ୍ତାବ ଗ୍ରହଣ କରି ମାଓବାଦୀଙ୍କୁ ବାର୍ତ୍ତା ଦେଇଛନ୍ତି ଛତିଶଗଡ଼ ଗୃହମନ୍ତ୍ରୀ ବିଜୟ ଶର୍ମା। ଚିଠିରେ ନକ୍ସଲ ଉଲ୍ଲେଖ କରିଛନ୍ତି, ବନ୍ଧୁକ ଧରି ଜନ ଯୁଦ୍ଧ କରିବା ଅସମ୍ଭବ। ଆତ୍ମସମର୍ପଣ କରି ଜନତାଙ୍କ ସହ ରହି କରିବା ଠିକ୍ ପଦକ୍ଷେପ ହେବ। ଆମକୁ ଜଙ୍ଗଲରୁ ବାହାରିବାକୁ ପ୍ରାୟ ଏକ ସପ୍ତାହ ଲାଗିବ। ମାର୍ଚ୍ଚ ୧୫ ସୁଦ୍ଧା ଛତିଶଗଡ଼ରେ ଆତ୍ମସମର୍ପଣ କରିବୁ ବୋଲି ନିଷ୍ପତ୍ତି ନେଇଛି ସଂଗଠନ। ଆତ୍ମସମର୍ପଣ ପାଇଁ ୧୫ ନକ୍ସଲ ଜଙ୍ଗଲରୁ ବାହାରି ସାରିଛନ୍ତି। କିଛି ଆଗରେ ରହିଛନ୍ତି ଏବଂ କିଛି ନକ୍ସଲ ରୋଗାଗ୍ରସ୍ତ ଥିବାରୁ ଧୀରେ ଧୀରେ ଆସୁଛନ୍ତି। ମାର୍ଚ୍ଚ ୧ ତାରିଖ ସୁଦ୍ଧା ଛତିଶଗଡ଼ ସରକାରଙ୍କ ସହ ସଂପର୍କରେ ଆସିବୁ। ସବୁଜ ସଙ୍କେତ ମିଳିଲେ ଆତ୍ମସମର୍ପଣ କରିବୁ। ତେବେ ଏହା ପୂର୍ବରୁ ଓଡ଼ିଶାର ବରଗଡ଼ ଓ ବଲାଙ୍ଗୀର ପୁଲିସକୁ କମ୍ବିଂ ଅପରେସନ୍ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ।

# ଆସାମରେ ନେହରୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲା

● ଥାନାରେ ଏତଲା ଦେଲା କଂଗ୍ରେସ



**ଆସାମ,୨୬।୧ :** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କର ଏକ ୧୦ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତିକୁ ଆସାମର କଛାର ଜିଲ୍ଲାରେ ଭାଙ୍ଗିବା ଘଟଣାକୁ ନେଇ କଂଗ୍ରେସ ଏତଲା ରୁଜୁ କରିଛି । ଫେବୃଆରି ୨୩ରେ କେତେକ ଅଜ୍ଞାତ ଲୋକ ଜେସିବି ଲଗାଇ ଏହି ପ୍ରତିମୂର୍ତ୍ତିକୁ ଗଡ଼େଇ ପକାଇବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସ୍ଥାନୀୟ କଂଗ୍ରେସ କର୍ମୀ ଏହାକୁ ରାଜନୀତି ଦ୍ୱାରା ପ୍ରେରିତ ଘଟଣା ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ବିଜେପିର ନିରବତାକୁ ନେଇ ମଧ କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସ ନେତା ପ୍ରଦୀପ କୁମାର ଦେ କହିଛନ୍ତି, ପ୍ରାତଃ ଭ୍ରମଣରେ ଯାଉଥିବା ଲୋକ ମଙ୍ଗଳବାର ନେହରୁଙ୍କ ପ୍ରତିମୂର୍ତ୍ତି ପଡ଼ିଯାଇଥିବା ଦେଖିଥିଲେ। ପୁଲିସକୁ ତୁରନ୍ତ ଖବର ଦେଇଥିଲୁ, ପୁଲିସ କହିଥିଲା ଏହା ଆପେ ଆପେ ପଡ଼ି ଯାଇଥିବ। କିନ୍ତୁ ସିସିଟିଭି ଫୁଟେଜରୁ ପ୍ରତିମୂର୍ତ୍ତି କେତେକ ଲୋକ ଜେସିବି ଲଗାଇ ଗଡ଼ାଇ ପକାଉଥିବାର ଦେଖିବାକୁ ମିଳିଛି। ଦେ କହିଥିଲେ, ୧୯୬୫ ମସିହାରେ ପ୍ରତିଷ୍ଠା ହୋଇଥିବା ନେହରୁ କଲେଜ ସମ୍ମୁଖରେ ୨୦୦୦ ମସିହାରେ ଏହି ପ୍ରତିମୂର୍ତ୍ତି ଲଗାଯାଇଥିଲା। ପୂର୍ବତନ ଜିଲ୍ଲା କଂଗ୍ରେସ ମୁଖ୍ୟ ଅଭିଜିତ ପଲ୍ ଏହାକୁ ବାଂଲାଦେଶରେ ଏହାର ପ୍ରତିଷ୍ଠାତା ଶେଖ ମୁଜିବର ରେହମାନଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଓ ତାଙ୍କ ଝିଅ ଶେଖ୍ ହସିନାଙ୍କ କ୍ଷମତାରୁ ବିତାଡ଼ିତ କରିବା ପରି ଘଟଣା ବୋଲି କହିଛନ୍ତି ।

ଏନସିଇଆରଟି ଅଷ୍ଟମ ଶ୍ରେଣୀ ବହିକୁ ନେଇ ଝଡ଼

# ନ୍ୟାୟପାଳିକା ଉପରେ ଏହା ଇଚ୍ଛାକୃତ ଆକ୍ରମଣ :ସିଜେଆଇ




**ନୂଆଦିଲ୍ଲୀ,୨୬।୧ :** ଏନସିଆରଟିର ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର ଏକ ଅଧ୍ୟାୟ ବିବାଦ ସୃଷ୍ଟି କରିଛି। ଏହି ଅଧ୍ୟାୟରେ ନ୍ୟାୟପାଳିକା ବିଷୟରେ ଏକ ଅପମାନଜନକ ବର୍ଣ୍ଣନା ଅଛି, ଯାହା ଏବେ ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ କ୍ରୋଧିତ କରିଛି। ମୁଖ୍ୟ ବିଚାରପତି ଏହାକୁ ନ୍ୟାୟପାଳିକା ଉପରେ ଏକ ଇଚ୍ଛାକୃତ ଏବଂ ଗଭୀର ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ସେ ଏହି ଘଟଣାର ସ୍ୱତଃ ତଦନ୍ତ କରିଛନ୍ତି ଏବଂ କଡ଼ା ମନ୍ତବ୍ୟ ଦେଇଛନ୍ତି।

ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ସିଜେଆଇ କହିଛନ୍ତି ଯେ ତାଙ୍କୁ ପୁସ୍ତକର ବିଷୟବସ୍ତୁ ବିଷୟରେ ଚିନ୍ତା ପ୍ରକଟ କରି ହାଇକୋର୍ଟର ବିଚାରପତିଙ୍କ ସମେତ ଅନେକ ଲୋକଙ୍କଠାରୁ ଫୋନ୍ ଏବଂ ମେସେଜ୍ ଆସୁଛି। ସିଜେଆଇ କହିଛନ୍ତି, ମୁଁ ନ୍ୟାୟପାଳିକାର ସାଧୁତାକୁ ବଦନାମ କରିବାକୁ କିମ୍ବା ପ୍ରଶ୍ନ ଉଠାଇବାକୁ କାହାକୁ ଅନୁମତି ଦେବି ନାହିଁ। ଏହା ନ୍ୟାୟପାଳିକା ଉପରେ ଜାଣିଶୁଣି ଏବଂ ଗମ୍ଭୀର ଆକ୍ରମଣ ପରି ମନେ ହେଉଛି। ଆମେ ନ୍ୟାୟପାଳିକା ପ୍ରତିଷ୍ଠାନକୁ ଟାର୍ଗେଟ କରିବାକୁ କାହାକୁ ଅନୁମତି ଦେବୁ ନାହିଁ ବୋଲି ସେ କହିଛନ୍ତି।

ଏନସିଇଆରଟି ଫେବୃଆରୀ ୨୩ ତାରିଖରେ ଏକ ନୂତନ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ, ଏଥିରେ ଆମ ସମାଜରେ ନ୍ୟାୟପାଳିକାର ଭୂମିକା ଶୀର୍ଷକ ଏକ ଅଧ୍ୟାୟ ଅଛି । ଏହି ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ଶୀର୍ଷକ ଏକ ବିଭାଗ ମଧ୍ୟ ଅଛି । ଏଥିରେ ଅଦାଲତଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ବିସ୍ତୃତ ବିବରଣୀ ଦିଆଯାଇଛି। ଏଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଦୁର୍ନୀତି ଘଟଣା ରିପୋର୍ଟ ହୋଇଛି।

ରିପୋର୍ଟ ଅନୁସାରେ, ଅଧ୍ୟାୟରେ କୁହାଯାଇଛି ଯେ ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଲୋକମାନେ ଦୁର୍ନୀତିର ସମ୍ମୁଖୀନ ହେଉଛନ୍ତି। ଗରିବ ଏବଂ ଅସହାୟ ଲୋକଙ୍କ ପାଇଁ ନ୍ୟାୟ ପାଇବାର ସମସ୍ୟା ଆହୁରି ଖରାପ ହୋଇପାରେ। ଦୁର୍ନୀତି ସମ୍ବନ୍ଧୀୟ ବିଭାଗରେ କୁହାଯାଇଛି ଯେ ବିଚାରପତିମାନେ ଏକ ଆଚରଣ ସଂହିତା ଦ୍ୱାରା ଆବଦ୍ଧ ଯାହା କେବଳ କୋର୍ଟରେ ନୁହେଁ ବରଂ ବାହାରେ ମଧ୍ୟ ସେମାନଙ୍କର ଆଚରଣକୁ ନିୟନ୍ତ୍ରଣ କରେ। ଏହି ଅଧ୍ୟାୟଟି ନ୍ୟାୟପାଳିକାର ଆଭ୍ୟନ୍ତରୀଣ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ମଧ୍ୟ ବ୍ୟାଖ୍ୟା କରିଛି । ଏହି ପୁସ୍ତକଟି ଗୁରୁତର ମାମଲାରେ ବିଚାରପତିଙ୍କୁ ବହିଷ୍କାର କରିବା ସମ୍ବିଧାନିକ ନିୟମ ଏବଂ ସଂସଦ କିପରି ମହାଭିଯୋଗ ପ୍ରସ୍ତାବ ପାରିତ କରି ଜଣେ ବିଚାରପତିଙ୍କୁ ବହିଷ୍କାର କରିପାରିବ ତାହା ମଧ୍ୟ ବର୍ଣ୍ଣନା କରିଛି । ଏଥିରେ କୁହାଯାଇଛି ଯେ ଏପରି ପ୍ରସ୍ତାବଗୁଡ଼ିକୁ ଉପଯୁକ୍ତ ତଦନ୍ତ ପରେ ହିଁ ବିଚାର କରାଯାଏ, ଯେଉଁ ସମୟରେ ବିଚାରପତିଙ୍କୁ ତାଙ୍କର ମାମଲା ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯାଏ। ଏହା ବ୍ୟତୀତ, ପୁସ୍ତକଟି ନିର୍ବାଚନୀ ବଣ୍ଡ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ସମ୍ପର୍କରେ କୋର୍ଟର ନିର୍ଦ୍ଦେଶ ବିଷୟରେ ମଧ୍ୟ ଦର୍ଶାଇଛି ।

## ଆଇସିସି ଟି-୨୦ ବିଶ୍ୱକପ୍
# ଜିତିଲା ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ବିଦା



**କଲମ୍ବୋ,୨୫।୨ଃ** ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର୍-୮ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିଅନ୍ ନ୍ୟୁଜିଲାଣ୍ଡ୍ ୬୧ ରନ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏହି ପର୍ଯ୍ୟାୟରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାର ଅନ୍ୟତମ ଆୟୋଜକ ଶ୍ରୀଲଙ୍କାକୁ ବିଦାୟ ନେବାକୁ ପଡ଼ିଛି। ସେହିପରି ଆଜିର ମ୍ୟାଚର ଫଳାଫଳ ପରେ ପାକିସ୍ତାନର ସେମି ରାସ୍ତା ଏକପ୍ରକାର ବନ୍ଦ ହୋଇଯାଇଛି। ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ୍ ଗୋଟିଏ ବିଜୟ ସହ ୩ ପଏଣ୍ଟ୍ ପାଇ ଏବେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପାକିସ୍ତାନ ୨ ମ୍ୟାଚ୍‌ରୁ ମାତ୍ର ଗୋଟିଏ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ସୁପର୍-୮ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ଇଂଲଣ୍ଡକୁ ଭେଟିବ। ଇଂଲଣ୍ଡ ୪ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିସାରିଛି। ନ୍ୟୁଜିଲାଣ୍ଡ ତିନି ପଏଣ୍ଟ ସହ ଭଲ ରନ୍ ରେଟରେ ଆଗୁଆ ରହିଛି। ଶେଷ ମ୍ୟାଚରେ ଯଦି ଇଂଲଣ୍ଡକୁ ହରାଏ, ତା'ହେଲେ ଦଳ ସେମିଫାଇନାଲରେ ପହଞ୍ଚିବ। ଯଦି ହାରିଯାଏ, ତା'ହେଲେ ମଧ୍ୟ ସେମିଫାଇନାଲରେ ପହଞ୍ଚିବାର ଆଶା ଅଧିକ ରହିବ। ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନ ନିଜର ଅନ୍ତିମ ମ୍ୟାଚ ଖେଳିବ। ଉକ୍ତ ମ୍ୟାଚ୍‌ରେ ଯଦି ପାକିସ୍ତାନ ହାରିଯାଏ ତା'ହେଲେ ନ୍ୟୁଜିଲାଣ୍ଡ ସେମିରେ ପହଞ୍ଚିବ। ଆଉ ପାକିସ୍ତାନ ଯଦି କମ ରନ ବ୍ୟବଧାନରେ ଶ୍ରୀଲଙ୍କାଠାରୁ ଜିତେ, ତା'ହେଲେ ବି ନ୍ୟୁଜିଲାଣ୍ଡ ସେମିରେ ପହଞ୍ଚିବ।

# ଇସ୍ରାଏଲ ସହ ରହିଛି ଭାରତ; ହମାସ ହମଲାକୁ ନିନ୍ଦା

**ନୂଆଦିଲ୍ଲୀ,୨୫।୨(ସଂଚାର ବ୍ୟୁରୋ)ଃ** ଇସ୍ରାଏଲର ସଂସଦକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ସମୟରେ ସେ ମୁସଲିମ ଦେଶଗୁଡ଼ିକୁ ବଡ଼ ସନ୍ଦେଶ ଦେଇଛନ୍ତି। ପିଏମ ମୋଦୀ କହିଛନ୍ତି, ଭାରତ ଗାଜା ଶାନ୍ତି ପ୍ରସ୍ତାବକୁ ସମର୍ଥନ କରୁଛି। ଏହି ରାଜିନାମା କ୍ଷେତ୍ରରେ ନ୍ୟାୟ ଓ ଶାନ୍ତିର ଆଶାକୁ ଜାଗ୍ରତ କରୁଛି। ଏଥିସହ ଅକ୍ଟୋବର ୭ରେ ହମାସ ଦ୍ୱାରା ଇସ୍ରାଏଲ ଉପରେ ହୋଇଥିବା ହମଲାକୁ ମଧ୍ୟ କଡ଼ା ନିନ୍ଦା କରିଛନ୍ତି ମୋଦୀ।



ଇସ୍ରାଏଲ ସଂସଦକୁ ସମ୍ବୋଧିତ କରି ପିଏମ ମୋଦୀ କହିଛନ୍ତି, ଗତ କିଛି ବର୍ଷରେ ଭାରତ ଦୁନିଆର ଦ୍ରୁତଗତିରେ ବଢୁଥିବା ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ଶୀଘ୍ର ଆମେ ଦୁନିଆର ତୃତୀୟ ଶୀର୍ଷ ଅର୍ଥ ବ୍ୟବସ୍ଥାରେ ସାମିଲ୍ ହେବୁ। ଗତ କିଛି ବର୍ଷରେ ଭାରତ ଦ୍ୱିତୀୟ ଦେଶ ସହିତ ଅନେକ ଜରୁରୀ ଟ୍ରେଡ ଏଗ୍ରିମେଣ୍ଟ କରିଛି। ଇହୁଦୀ ସମୁଦାୟ ଭାରତରେ ବିନା କୌଣସି ଭେଦଭାବରେ ରହି ଆସୁଛନ୍ତି। ସେମାନେ ନିଜର ଧର୍ମକୁ ବଞ୍ଚାଇ ରଖିଛନ୍ତି। ସମାଜରେ ସଂପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି।

କୌଣସି ବି କାରଣ ପାଇଁ ସାଧାରଣ ଲୋକଙ୍କ ହତ୍ୟାକୁ ଉଚିତ କୁହାଯାଇ ପାରିବ ନାହିଁ। କେହି ବି ଆତଙ୍କବାଦକୁ ଉଚିତ ଦର୍ଶାଇ ପାରିବେ ନାହିଁ। ଭାରତ ମଧ୍ୟ ଦୀର୍ଘ ସମୟ ଧରି ଆତଙ୍କବାଦର ଯନ୍ତ୍ରଣା ସହି ଆସୁଛି। ମୁମ୍ବାଇ ଆତଙ୍କୀ ହମଲାରେ ଇସ୍ରାଏଲ ନାଗରିକଙ୍କ ସମେତ ଶତାଧିକ ନିରୀହ ଲୋକଙ୍କ ପ୍ରାଣହାନୀ ଘଟଣା ଏବେ ବି ମନରେ ସତେଜ ଅଛି। ଆପଣଙ୍କ ପରି ଆମର ମଧ୍ୟ ଆତଙ୍କବାଦ ପାଇଁ ଶୂନ୍ୟ ସହନଶୀଳ ନୀତି ରହିଛି। ଏଥିରେ କୌଣସି ଦୋମୁହାଁ ନୀତିର ସ୍ଥାନ ନାହିଁ ବୋଲି ସେ କହିଛନ୍ତି।

ଇସ୍ରାଏଲ ସଂସଦକୁ ସମ୍ବୋଧିତ କରି ପିଏମ ମୋଦୀ କହିଛନ୍ତି, ଗାଜା ପିସ୍ ଇନିସିଏଟିଭ, ଯାହାକୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ମଞ୍ଜୁରୀ ଦେଇଛି, ତାହା ଏକ ମାର୍ଗ ଦେଖାଇଛି। ଭାରତ ଶାନ୍ତି ପାଇଁ ଏହି ପ୍ରୟାସକୁ ସମର୍ଥନ ଜଣାଉଛି। ଆମର କହିବା କଥା ଏଥିରେ ଅଞ୍ଚଳର ସମସ୍ତ ଲୋକଙ୍କ ପାଇଁ ଏକ ଉଚିତ୍ ଏବଂ ଦୀର୍ଘ ସ୍ଥାୟୀ ଶାନ୍ତିର ମାର୍ଗ ପ୍ରଶସ୍ତ କରିବ। ଆମର ସମସ୍ତ ପ୍ରୟାସ ଉଚିତ୍ ବୁଝାମଣା, ସାହାସ ଓ ମଣିଷ ମଣିଆ ମାର୍ଗରେ ଚାଲିବା ଉଚିତ।

## ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ

**କୋଲକାତା,୨୫।୨(ସଂଚାର ବ୍ୟୁରୋ)ଃ** ମଙ୍ଗଳବାର ମଧ୍ୟରାତ୍ରିର ଅନ୍ଧାରରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ପଥରପ୍ରତିମାର ବୋଲେର ବଜାର ସେତୁ ସଂଲଗ୍ନ ଅଞ୍ଚଳରେ ଏହି ଘଟଣା ଘଟିଛି। ମଙ୍ଗଳବାର ରାତିରେ ରାୟଦିଘି ଦିଗରୁ ଜଣେ ଯୁବକ ମୋଟର ସାଇକେଲରେ ବୋଲେର ବଜାର ସେତୁ ପାର ହୋଇ କେଦାରପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ କେଦାରପୁର ଦିଗରୁ ଆସୁଥିବା ଜଣେ ବ୍ୟକ୍ତି ସେତୁ ଉପରେ ଦ୍ରୁତ ଗତିରେ ମୋଟରସାଇକେଲ ଚଲାଇ ଆସୁଥିଲେ। ସେତୁ ପାର ହେଉଥିବା ସମୟରେ ଦୁଇଟି ବାଇକ୍ ନିୟନ୍ତ୍ରଣ ହରାଇ ଉଭୟ ପାର୍ଶ୍ୱର ସେତୁର ରେଲିଂରେ ପିଟି ହୋଇଯାଇଥିଲେ। ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ଡାକ୍ତରଖାନା ନେବା ବାଟରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣଙ୍କର ଡାକ୍ତରଖାନାରେ ଚିକିତ୍ସା ସମୟରେ ମୃତ୍ୟୁ ହୋଇଥିଲା।

## ସର୍ଭିସ୍ ବନ୍ଧୁକରେ ନିଜକୁ ଗୁଳି କଲେ ବିଏସ୍ଏଫ୍ ଯବାନ

**କୋଲକାତା, ୨୫।୨(ସଂଚାର ବ୍ୟୁରୋ)ଃ**ଜଣେ ବିଏସ୍ଏଫ୍ ଯବାନ ନିଜ ସର୍ଭିସ୍ ବନ୍ଧୁକରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଯବାନ ଜଣକ ମୃତ୍ୟୁବରଣ କରିଥିଲେ। ବାଲୁରଘାଟ ବ୍ଲକର ଭାରତ-ବାଂଲାଦେଶ ସୀମାରେ ଥିବା ଗୋପୀନଗର ବିଏସ୍ଏଫ୍ କ୍ୟାମ୍ପରେ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ବିଏସ୍ଏଫ୍ ସୂତ୍ର ଅନୁସାରେ, ସନ୍ଧ୍ୟାରେ ଯବାନ ତାଙ୍କ ଘରେ ଥିଲେ। ସେଠାରେ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଯବାନ କାହିଁକି ଆତ୍ମହତ୍ୟା କଲେ ସେ ବିଷୟରେ ବିଏସ୍ଏଫ୍ ଏବଂ ପୋଲିସ ଦ୍ୱନ୍ଦ୍ୱରେ ଅଛନ୍ତି।

## ପଶ୍ଚିମବଙ୍ଗକୁ ଆସୁଛନ୍ତି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

**କୋଲକାତା, ୨୫।୨(ସଂଚାର ବ୍ୟୁରୋ)ଃ** ପ୍ରତ୍ୟେକ ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଉଛି। ନିର୍ବାଚନ ବିଜ୍ଞପ୍ତି ଜାରି ହେବା ଦିନ ରାଜ୍ୟରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଏକ ଗୋଷ୍ଠୀ ରହିବେ। ସୂତ୍ର ଅନୁଯାୟୀ, ପ୍ରତ୍ୟେକ ବିଧାନସଭାର ତଦାରଖ ପାଇଁ ଅତି କମରେ ଜଣେ ପର୍ଯ୍ୟବେକ୍ଷକ ରହିବେ। ନାମାଙ୍କନ ପ୍ରକ୍ରିୟା ମଧ୍ୟ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ତଦାରଖ କରାଯିବ। ଏହି ଫର୍ମୁଲା ନିର୍ବାଚନ କମିଶନ ବଙ୍ଗଳା ସମେତ ୫ଟି ରାଜ୍ୟରେ ବ୍ୟବହାର କରୁଛନ୍ତି। କମିଶନ ଦେଶର ୧୪୪୪ ଅଧିକାରୀଙ୍କୁ ତାଲିମ ଦେଉଛି।



## ଜାତୀୟ ରାଜପଥ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା
# ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ)ଃ** ଓଡ଼ିଶାରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୪ଟି ଚାଲୁଥିବା ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏଥିରେ ୨୧ କିମି ଦୀର୍ଘ କଟକ-କନ୍ଦରପୁର ରାସ୍ତା, ୧୧୧ କିମି ଦୀର୍ଘ କ୍ୟାପିଟାଲ ରିଜିୟନ ରିଙ୍ଗ ରୋଡ୍, ମୋହନା-କୋରାପୁଟ ରାସ୍ତା ସମେତ ସମ୍ବଲପୁର, ବୋରିଗୁମ୍ମା, ଜୟପୁର, ଟିଟିଲାଗଡ଼, ଧର୍ମଗଡ଼, ରାଇରଙ୍ଗପୁର, ଫୁଲବାଣୀ, ନବରଙ୍ଗପୁର ଓ ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଉପରେ ସେତୁ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ହୋଇଥିଲା । ଏଥିରେ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନ, ଜଙ୍ଗଲ ଜମି ଅଧିଗ୍ରହଣ ନେଇ ଥିବା ଜଟିଳତା ଦୂରୀକରଣ ଓ ବିଦ୍ୟୁତ, ପାନୀୟ ଜଳ ଓ ଟେଲିକମ ଆଦି ୟୁଟିଲିଟି ସ୍ଥାନାନ୍ତରଣ ନେଇ ଆଲୋଚନା ହୋଇଥିଲା। ବୈଠକରେ ସମୟସୀମା ମଧ୍ୟରେ ଅପେକ୍ଷିତ କାର୍ଯ୍ୟ ସମ୍ପାଦନ କରି ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧୀକାରୀଙ୍କୁ ପୂର୍ତ୍ତ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# ନିଖୋଜ ଶିକ୍ଷକଙ୍କ ଝୁଲନ୍ତା ଶବ ଉଦ୍ଧାର

- ପରୀକ୍ଷା ଡ୍ୟୁଟି ସାରି ଘରକୁ ଫେରିନଥିଲେ

**ଝରିଗାଁ,୨୫।୨(ସଂଚାର ବ୍ୟୁରୋ)ଃ** ଶେଷରେ ଜଙ୍ଗଲରୁ ଉଦ୍ଧାର ହୋଇଛି ନିଖୋଜ ଶିକ୍ଷକଙ୍କ ମୃତଦେହ। ୪ ଦିନ ତଳେ ନିଖୋଜ ହୋଇଯାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚରଣ ଭକ୍ତଙ୍କ ଝୁଲନ୍ତା ଶବ ଆଜି ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ମେନପୁର ନିକଟସ୍ଥ କଲାଗାଁ ଜଙ୍ଗଲରେ ଠାବ ହୋଇଛି। ଝରିଗାଁ ବ୍ଲକ୍ ରାତାଖଣ୍ଡିଗୁଡା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ସେ କାର୍ଯ୍ୟରତ ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଭକ୍ତ କଲେଗାଁ ବିଦ୍ୟାଳୟକୁ ମାଟ୍ରିକ ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବେ ଯାଇ ଆଉ ଘରକୁ ଫେରି ନଥିଲେ। ଆଜି ଅଲେଖଙ୍କ ମୃତଦେହ ଉଦ୍ଧାର ହେବା ନେଇ ଖବର ପାଇବା ପରେ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ତଦନ୍ତ କରିଛି। କେଉଁ କାରଣରୁ ଶିକ୍ଷକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି, ତା' ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ନଚେତ୍ ତାଙ୍କୁ କିଏ ମାରି ଏହାକୁ ଆତ୍ମହତ୍ୟାର ରୂପ ଦେଇଛି କି କ'ଣ, ସେ ଦିଗ ଉପରେ ମଧ୍ୟ ପୁଲିସ୍ ତଦନ୍ତ କରିବ ବୋଲି ମଧ୍ୟ ସ୍ପଷ୍ଟ କରିଛି। ତେବେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ନାନା ଆଲୋଚନା ହେଉଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ।

# ଆଳୁ ଚାଷରେ ବାଧକ ସାଜିଛି ଶୀତଳ ଭଣ୍ଡାର

**ଭୁବନେଶ୍ୱର,୨୫।୨ଃ** ଆଳୁ ଉତ୍ପାଦନ ସମୟରେ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାର ନଥିବାରୁ ବିଭିନ୍ନ ଅଞ୍ଚଳରେ ବେପାରୀମାନେ ନାମମାତ୍ର ଦରରେ ଚାଷୀମାନଙ୍କଠାରୁ ଆଳୁ କିଣୁନେଉଛନ୍ତି । ଏଥିପାଇଁ କିଲୋ ପିଛା ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଚାଷୀ ପାଉଥିବାବେଳେ ସେମାନେ ଏହାକୁ ରାଜ୍ୟ ବାହାରର ବିଭିନ୍ନ ଶୀତଳ ଭଣ୍ଡାରରେ ମହଜୁଦ ରଖି ପରବର୍ତ୍ତୀ ସମୟରେ ପୁଣି ଆମକୁ କିଲୋ ୨୦ରୁ ୩୦ ଟଙ୍କା ଦରରେ ଯୋଗାଉଛନ୍ତି ।

ଓଡ଼ିଶାର ମାଟି, ଜଳବାୟୁ ଆଳୁ-ପିଆଜ ଆଦି ଚାଷ ପାଇଁ ଅନୁକୂଳ ଥିଲେ ମଧ୍ୟ ସଂରକ୍ଷଣ ସୁବିଧା ନଥିବାରୁ କ୍ଷତିରେ ପଡ଼ିବା ଆପେକ୍ଷା ଆଳୁ ଚାଷ ନକରିବାକୁ ବହୁ ଚାଷୀ ମତପ୍ରକାଶ କରୁଛନ୍ତି । ଏଥିଯୋଗୁ ଆଳୁ ମିଶନ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟାପକ ପ୍ରୋତ୍ସାହନ ସତ୍ତ୍ୱେ ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରୁ ନାହିଁ । ଏଥିପାଇଁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି । ଉତ୍ତରପ୍ରଦେଶ, ପଞ୍ଜାବ ଆଦିରୁ ଆଳୁ ଆମଦାନି କଲେ ପରିବହନ ଖର୍ଚ୍ଚ ଢେର ଅଧିକ ପଡୁଛି ।

ରାଜ୍ୟରେ ୫୦ରୁ ଅଧିକ ଶୀତଳ ଭଣ୍ଡାର ଅଚଳ ହୋଇ ପଡ଼ିଥିବାବେଳେ ୧୭ଟି ଜିଲ୍ଲାରେ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି ମାତ୍ର ୩୫ଟି ଶୀତଳ ଭଣ୍ଡାର । ସମବାୟ ଭିତ୍ତିରେ ନିର୍ମାଣ କରାଯାଇଥିବା ଅଧିକାଂଶ ଶୀତଳ ଭଣ୍ଡାରରେ ତାଲା ଝୁଲୁଛି । ସମ୍ବଲପୁର ଜିଲ୍ଲାରେ ୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବାବେଳେ ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ୪ଟି କରି, କୋରାପୁଟରେ ୩ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି । ବାଲେଶ୍ୱର, ବଲାଙ୍ଗୀର, ଯାଜପୁର, ମୟୂରଭଞ୍ଜ ଓ ପୁରୀ ଜିଲ୍ଲାରେ ଦୁଇଟିକରି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବାବେଳେ ସୁନ୍ଦରଗଡ଼, ନବରଙ୍ଗପୁର, ମାଲକାନଗିରି, କେନ୍ଦୁଝର, ଝାରସୁଗୁଡ଼ା, ଗଞ୍ଜାମ, ଭଦ୍ରକ ଓ ବରଗଡ଼ ଜିଲ୍ଲାରେ ମାତ୍ର ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଚାଲୁଛି ।

କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରଗୁଡ଼ିକର ସଂରକ୍ଷଣ କ୍ଷମତା ମାତ୍ର ୧ଲକ୍ଷ ୭୨ ହଜାର ୧୮୦ ମେଟ୍ରିକ୍ ଟନ୍ ରହୁଛି । ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶା ପାଇଁ ବାର୍ଷିକ ପ୍ରାୟ ୧୬ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଦରକାର ପଡୁଥିବାବେଳେ ରାଜ୍ୟରେ ଏବେ ଅତି ବେଶୀରେ ୩ରୁ ୪ଲକ୍ଷ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ଆଳୁ ଉତ୍ପାଦିତ ହେଉଛି । ରାଜ୍ୟ ସରକାର ଇତିମଧ୍ୟରେ ପ୍ରଣୟନ କରିଥିବା ନୂତନ ଶୀତଳ ଭଣ୍ଡାର ନୀତି ଅନୁଯାୟୀ ୫୮ଟି ସବ୍‌ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ କରି ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହାଛଡ଼ା ଆଉ କେତେଗୁଡ଼ିଏ ଅଚଳ ଶୀତଳ ଭଣ୍ଡାରକୁ ସଚଳ କରିବା ପାଇଁ ମଧ୍ୟ ଯୋଜନା ଥିବା କୁହାଯାଉଛି। ଏଥିପାଇଁ ଆଗ୍ରହୀ ବେସରକାରୀ ସଂସ୍ଥାମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଅଛନ୍ତି ।

ତେବେ ଶୀତଳ ଭଣ୍ଡାର ଅଞ୍ଚଳରେ ଯେଭଳି ଆଦୌ ବିଦ୍ୟୁତକାଟ୍ ନହୁଏ ଏବଂ ବିଦ୍ୟୁତ ଶୁଳ୍କ କମ୍ ପରିମାଣରେ ରୁହେ ତାହାକୁ ଆଖିଆଗରେ ରଖି ଯୋଜନା କରାନଗଲେ ଶୀତଳ ଭଣ୍ଡାର ନୀତି ଆଳୁ ମିଶନ ଭଳି ବିଫଳ ହୋଇପାରେ ବୋଲି ବିଭିନ୍ନ କୃଷକ ସଂଗଠନର ନେତାମାନେ କହୁଛନ୍ତି । ପିଆଜ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ନାହିଁ । ତେବେ ପିଆଜ ରଖିôବା ପାଇଁ ଅନୁକୂଳ ବାତାବରଣରେ ପର୍ଯ୍ୟାପ୍ତ ସଂଖ୍ୟକ ନିରାପଦ ଭାଡ଼ି ନିର୍ମାଣ କରାଯାଉନଥିବାରୁ ପିଆଜ ଉତ୍ପାଦନ ସମୟରେ ବି ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଚାଷୀଙ୍କଠାରୁ ଶସ୍ତାରେ ପିଆଜ କିଣୁ ନେଉଥିବାବେଳେ ଓଡ଼ିଶାର ଚାହିଦା ମେଣ୍ଟାଇବା ପାଇଁ ମହାରାଷ୍ଟ୍ରରୁ ଆଣିବାକୁ ପଡୁଛି । (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରୟାଗରାଜରେ...

ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ସେ ପ୍ରକୃତି ସଂରକ୍ଷଣ, ଗଙ୍ଗା ସ୍ୱଚ୍ଛତା ଓ ମାନବ ସେବା କ୍ଷେତ୍ରରେ ସ୍ୱାମୀଜୀଙ୍କ ଅବଦାନକୁ ସ୍ମରଣ କରିଥିଲେ।

ପ୍ରାଚୀନ କାଳରୁ ପ୍ରୟାଗରାଜ ଋଷି ଓ ମୁନୀମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ସେ ଆଶା ପ୍ରକାଶ କରିଥିଲେ ଯେ ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଳ୍ ଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂହ, ଓଡ଼ିଶା ଏଜି ପୀତାମ୍ବର ଆଚାର୍ଯ୍ୟ ଓ ଶତାଧିକ ସାଧୁସନ୍ଥ ଯୋଗ ଦେଇଥିଲେ।

### କୋଟିପତି...

ଜବତ କରିଥିଲା ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା। ମାଲକାନଗିରିର ଗ୍ରାମ୍ୟ ଉନ୍ନୟନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଆଶିଷ କୁମାର ଦାଶଙ୍କ ନିକଟରୁ ୨୦୨୨ ମାର୍ଚ୍ଚ ୨୫ରେ ଭିଜିଲାନ୍ସ ଜବତ କରିଥିଲା ୧ କୋଟି ୪୦ ଲକ୍ଷ ୧୮ ହଜାର ଟଙ୍କା। ପୁରୀ ଚାରି ଛକ ମେଡିକାଲର ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ସୁକାନ୍ତ ଜେନାଙ୍କଠାରୁ ୨୦୨୨ ଫେବୃଆରୀ ୧୬ ତାରିଖରେ ଭିଜିଲାନ୍ସ ଜବତ କରିଥିଲା ୧ କୋଟି ୧୩ ଲକ୍ଷ ୧୬ ହଜାର ଟଙ୍କା। ଇଡ୍‌କଲର ଜଏଣ୍ଟ ମ୍ୟାନେଜର ଗୟା ସାନ୍ତରାଙ୍କଠାରୁ ୨୦୨୨ ଡିସେମ୍ବର ୨୦ ଓ ୨୧ ଚଢ଼ାଉରୁ ମିଳିଥିଲା ନଗଦ ୧ କୋଟି ୬ ଲକ୍ଷ ୪୪ ହଜାର ଟଙ୍କା। ଆଠଗଡ଼ର ପୂର୍ବତନ ଡିଏଫଓ ସୁଧାଂଶୁ ଶେଖର ମିଶ୍ରଙ୍କଠାରୁ ୨୦୧୬ ଫେବୃଆରୀ ୨୪ରେ ଭିଜିଲାନ୍ସ ଚଢ଼ାଉରୁ ମିଳିଥିଲା ନଗଦ ୧ କୋଟି ୧ ଲକ୍ଷ ୭୦ ହଜାର ଟଙ୍କା।

### କିଶୋରୀଙ୍କୁ...

ସରକାରୀ ଡାକ୍ତରଖାନାମାନଙ୍କରେ ଉପଲବ୍ଧ ହେବ।

'ସ୍ୱସ୍ଥ ନାରୀ, ସଶକ୍ତ ରାଷ୍ଟ୍ର' ସଂକଳ୍ପକୁ ପୂରଣ କରିବା ଲକ୍ଷ୍ୟରେ ଆରମ୍ଭ ହେଉଥିବା ଏହି ସ୍ୱେଚ୍ଛାକୃତ ଟିକାକରଣ ଅତ୍ୟନ୍ତ ଜରୁରୀ। କାରଣ ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ କର୍କଟ ମଧ୍ୟରେ ସର୍ଭାଇକାଲ କ୍ୟାନ୍ସର ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପରିସଂଖ୍ୟାନ ଅନୁଯାୟୀ, ଦେଶରେ ପ୍ରତିବର୍ଷ ପ୍ରାୟ ୮୦ ହଜାର ନୂଆ ମାମଲା ସାମ୍ନାକୁ ଆସୁଥିବା ବେଳେ ପ୍ରାୟ ୪୨ ହଜାରରୁ ଅଧିକ ମହିଳା ଏହି ରୋଗରେ ପ୍ରାଣ ହରାଉଛନ୍ତି।

ବିଶେଷ କରି ଏଚ୍‌ପିଭିର ଟାଇପ୍ ୧୬ ଓ ୧୮ ଯୋଗୁଁ ଏହି ମାରାତ୍ମକ କର୍କଟ ହୋଇଥାଏ, ଯାହାକୁ ସଠିକ୍ ସମୟରେ ଟିକାକରଣ ଓ ଯାଞ୍ଚ ଦ୍ୱାରା ରୋକାଯାଇପାରିବ। କାର୍ଯ୍ୟକ୍ରମରେ ସରକାର 'ଗାର୍ଡାସିଲ' ନାମକ ଏକ କ୍ୱାଡ୍ରିଭାଲେଣ୍ଟ ଏଚ୍‌ପିଭି ଟିକା ବ୍ୟବହାର କରିବେ, ଯାହା ଏଚ୍‌ପିଭି-୧୬, ୧୮, ୬ ଓ ୧୧ ଭଳି ଭାଇରସ ପ୍ରକାରରୁ ସୁରକ୍ଷା ଦେଇଥାଏ। ଏହି ଟିକା ସମ୍ପୂର୍ଣ୍ଣ ନିରାପଦ ଓ ବିଶ୍ୱର ପ୍ରାୟ ୧୭୦ଟି ଦେଶରେ ପୂର୍ବରୁ ଏହାର ଉପଯୋଗ ହୋଇସାରିଛି। ଓଡ଼ିଶାରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ସମୟରେ ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହିବେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ପଷ୍ଟ କରିଛନ୍ତି। ଏହି ଟିକାକରଣ କାର୍ଯ୍ୟକ୍ରମ ବାବଦରେ ମୋଟ ୩୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏହି ଟିକାରେ ସମସ୍ତ ପ୍ରକାରର କର୍କଟ ରୋଗକୁ ପ୍ରତିହତ କରାଯାଇପାରିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

### ୧.୫ ଲକ୍ଷ...

ଟ୍ରାଞ୍ଜାକ୍ସନ ମ୍ୟାନେଜମେଣ୍ଟ ସିଷ୍ଟମ (ଟିଏମଏସ୍) ଜରିଆରେ କ୍ଲେମ୍ ପ୍ରକ୍ରିୟା ଆରମ୍ଭ କରିବେ। ଯୋଜନାର ସଫଳ ପରିଚାଳନା ପାଇଁ ଏକ ସୁଦୃଢ଼ ପ୍ରଶାସନିକ ବ୍ୟବସ୍ଥା ରହିଛି। ଜାତୀୟ ସ୍ତରରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସଚିବ ପରିଚାଳନା କମିଟିର ମୁଖ୍ୟ ଥିବା ବେଳେ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଅଧିନରେ ଜାତୀୟ ସଡ଼କ ସୁରକ୍ଷା ପରିଷଦ କାର୍ଯ୍ୟ କରିବ। ସେହିପରି ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଡକ ସୁରକ୍ଷା ସମିତି' ଏହାର ତଦାରଖ କରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ଚିକିତ୍ସାଳୟ ସମେତ ଯେଉଁ ଡାକ୍ତରଖାନାରେ ଜରୁରୀକାଳୀନ ଚିକିତ୍ସା ସୁବିଧା ରହିଛି, ସେଠାରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହୋଇପାରିବ। ଏଥିପାଇଁ ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ପରିବହନ ବିଭାଗଙ୍କୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ସେବା ପାଇବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ସେମାନେ ଜିଲ୍ଲାସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିପାରିବେ ଓ ଜିଲ୍ଲାପାଳ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ପ୍ରାୟ ୧୬ ଜଣ ମୃତ୍ୟୁବରଣ କରୁଛନ୍ତି। ଏଣୁ ଏହି ହାର କମାଇବା ସରକାରଙ୍କ ପ୍ରାଥମିକତା ରହିଛି। 'ପିଏମ ରାହତ' ଯୋଜନାରେ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇ ଅବିଳମ୍ବେ ଚିକିତ୍ସା ଆରମ୍ଭ କଲେ ଏହି ସଂଖ୍ୟା ହ୍ରାସ ପାଇବ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ସମେତ ଜିଲ୍ଲା ସ୍ତରରେ ପ୍ରସ୍ତୁତି ଓ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

## ବିଏସ୍ଏନ୍ଏଲ୍ ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ
# ବାତିଲ ହେଲା ରୟାଲ ପ୍ରୋଟକଲ

**ନୂଆଦିଲ୍ଲୀ,୨୫।୨ଃ** ବିଏସ୍ଏନ୍ଏଲ୍ ନିର୍ଦ୍ଦେଶକ ବିବେକ ବଞ୍ଜଲଙ୍କ ପ୍ରସ୍ତାବିତ ପ୍ରୟାଗରାଜ ଯାତ୍ରାକୁ ନେଇ ବିବାଦ ପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ଏହା ଗ୍ରହଣ ଯୋଗ୍ୟ ନୁହେଁ ବୋଲି କହିଛନ୍ତି। ବଞ୍ଜଲଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ତାଙ୍କୁ ନୋଟିସର ଜବାବ ରଖିବାକୁ କୁହାଯାଇଛି। ତାଙ୍କ ଜବାବର ତର୍ଜମା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିନ୍ଧିଆ କହିଛନ୍ତି। ଫେବୃଆରି ୨୫-୨୬ ତାରିଖରେ ବଞ୍ଜଲଙ୍କ ପ୍ରୟାଗରାଜ ଯାତ୍ରା ପାଇଁ କାର୍ଯ୍ୟାଳୟ ପକ୍ଷରୁ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି



କରାଯାଇଥିଲା। ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକମାନେ ଏହାକୁ 'ରୟାଲ ପ୍ରୋଟୋକଲ' କହି ସମାଲୋଚନା କରିଥିଲେ । ବଞ୍ଜଲଙ୍କ ପ୍ରସ୍ତାବିତ ଯାତ୍ରା ପାଇଁ ୫୦ ଜଣ କର୍ମଚାରୀ ନିୟୋଜିତ ଥିବା ସହିତ ସ୍ନାନ କିଟ୍‌ଠାରୁ ଟାୱେଲ ଓ ଅଣ୍ଡରୱେର୍ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ମିନିଟ୍‌ରୁ ମିନିଟ୍ କାର୍ଯ୍ୟ ସୂଚୀ ଦେଖି ଲୋକମାନେ ଏହାକୁ ଭିଆଇପି ସଂସ୍କୃତିର ପାଠାକାଷ୍ଠା ବୋଲି କହିଥିଲେ। ବିଏସ୍ଏନ୍ଏଲ୍ ପକ୍ଷରୁ ୧୯ ଫେବୃଆରିରେ ଜାରି ଏହି ଚିଠି ଡେପୁଟି ଜେନେରାଲ ମ୍ୟାନେଜର ସ୍ତରୀୟ ଅଧିକାରୀ ଜାରି କରିଥିଲେ। ବଞ୍ଜଲଙ୍କ ଗସ୍ତ ପାଇଁ ୫୦ରୁ ଅଧିକ କର୍ମଚାରୀଙ୍କୁ ୨୧ ରୁ ଅଧିକ ଅଲଗା ଦାୟିତ୍ୱ ଦିଆଯାଇଥିଲା। ଏଥିରେ ପ୍ରୟାଗରାଜ ରେଳ ଷ୍ଟେସନରୁ ଔପଚାରିକ ସ୍ୱାଗତଠାରୁ ତ୍ରିବେଣୀ ସଙ୍ଗମ ସ୍ନାନ, ମନ୍ଦିର ଦର୍ଶନ, ନୌକା ବ୍ୟବସ୍ଥା, ଭୋଜନ ନେଇ ଯେଉଁ କାର୍ଯ୍ୟସୂଚୀ ରହିଥିଲା ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ବିଭିନ୍ନ ମହଲରେ ତୀବ୍ର ସମାଲୋଚନା ପରେ ବଞ୍ଜଲଙ୍କ ପ୍ରସ୍ତାବିତ ଗସ୍ତ ବାତିଲ ହୋଇଥିଲା ।

## ଓଭରଟେକ କରିବା ପଡ଼ିଲା ମହଙ୍ଗା



**ବଲାଙ୍ଗୀର,୨୫।୨(ସଂଚାର ବ୍ୟୁରୋ)ଃ** ବିଳମ୍ବିତ ସନ୍ଧ୍ୟାରେ ବଲାଙ୍ଗୀରରେ ସଡ଼କ ଦୁର୍ଘଟଣା। ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର ଭିଆଇପି ରାସ୍ତା ଭାବେ ପରିଚିତ ଭାଗିରଥି ଛକ- ସର୍କିଟ ହାଉସ ରାସ୍ତାରେ ଦୁଇ ମଟର ସାଇକେଲ ଦୁର୍ଘଟଣା ହୋଇଛି। ଏଥିରେ ଦୁଇ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଦୁଇ ବାଇକ ଅତ୍ୟନ୍ତ କ୍ଷୀପ୍ର ଗତିରେ ପରସ୍ପରକୁ ଓଭରଟେକ କରୁଥିବାବେଳେ ରାସ୍ତାରେ ପରସ୍ପର ମଧ୍ୟରେ ପିଟି ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ସ୍ଥଳରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ପହଞ୍ଚି ଆହତଙ୍କୁ ଭୀମଭୋଇ ମେଡ଼ିକାଲ କଲେଜ ଓ ହସପିଟାଲକୁ ନେଇଥିଲେ। ଦୁଇ ବାଇକ୍ ଆପାଚି ଓ ପଲସର୍ ମଟର ସାଇକେଲକୁ ପୋଲିସ ଜବତ କରି ଥାନାକୁ ନେଇଥିବା ଜଣାପଡ଼ିଛି। ଭିଆଇପି ରାସ୍ତାରେ ସ୍ପିଡ୍ ବାଇକର ଓ ନିଶାଖୋର ଅମାନିଆ ଗାଡ଼ି ଚାଳକମାନେ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟାଉଥିବାରୁ ଅଭିଭାବକ ଓ ସାଧାରଣ ଲୋକମାନେ ପ୍ରଶାସନ ଓ ପୋଲିସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି।

## ବିବାହ ଶୋଭାଯାତ୍ରାରେ ଗଣ୍ଡଗୋଳ
# ବସ ଭଙ୍ଗାରୁଜା, ୬ ଆହତ



**ହିନ୍ଦୋଳ,୨୫।୨(ସଂଚାର ବ୍ୟୁରୋ)ଃ** ବିବାହ ଶୋଭାଯାତ୍ରାରେ ଗଣ୍ଡଗୋଳ। ବସ ଭଙ୍ଗାରୁଜା ସହ ୬ ଜଣ ଆହତ। ଢେଙ୍କାନାଳ ସଦର ଥାନା ସାନ ନଡ଼ବ ଅଞ୍ଚଳରୁ ବରଯାତ୍ରୀ ରାସୋଳ ଥାନା ଈଶ୍ୱରାପାଳ ଅଞ୍ଚଳକୁ ଆସୁଥିଲା। ବରଯାତ୍ରୀ ମାନେ ରାସ୍ତା ନାଚୁଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହୋଇଥିଲା। ଏହାକୁ ନେଇ ବରଯାତ୍ରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହୋଇଥିଲା। ନିଶାସକ୍ତ ଅବସ୍ଥାରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ କିଛି ଲୋକଙ୍କୁ ମାଡପିଟ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ରାଗିଯାଇ ଉଭୟ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା। ଗଣ୍ଡଗୋଳରେ ଉଭୟ ଗୋଷ୍ଠୀରୁ ୬ ଜଣ ଆହତ ହେବା ସହ ବସ ଭଙ୍ଗାରୁଜା ହୋଇଛି। ଖବର ପାଇ ଘଟଣା ସ୍ଥଳରେ ରାସୋଳ ପୋଲିସ ପହଞ୍ଚି ତଦନ୍ତ କରୁଛି।

# କଟକ ସହରର ବିକାଶ ପାଇଁ ନୂଆ ମାର୍ଗଦର୍ଶିକା

**କଟକ,୨୫।୨(ସଂଚାର ବ୍ୟୁରୋ)ଃ** ଐତିହାସିକ କଟକ ସହରର କୋର୍ ଅଞ୍ଚଳ ବା ପୁରାତନ ବସ୍ତିଗୁଡ଼ିକର ବିକାଶ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ 'ପ୍ଲାନିଂ ଆଣ୍ଡ ବିଲଡିଂ ଷ୍ଟାଣ୍ଡାର୍ଡ ରେଗୁଲେସନ ଫର୍ ଓଲ୍ଡ ଏରିଆ, ୨୦୨୬' ସମ୍ପର୍କିତ ଗେଜେଟ୍ ବିଜ୍ଞପ୍ତି ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ନୂତନ ନିୟମାବଳୀ ରୌପ୍ୟ ନଗରୀର ୪୩ଟି ପୁରାତନ ୱାର୍ଡରେ କାର୍ଯ୍ୟକାରୀ ହେବ। ପୁରାତନ ଅଞ୍ଚଳର ସଂକୀର୍ଣ୍ଣ ରାସ୍ତା ଓ ଛୋଟ ଜମିକୁ ଦୃଷ୍ଟିରେ ରଖି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ (ଓଡିଓ) ନିୟମ-୨୦୨୦କୁ କୋହଳ କରାଯାଇଛି। କ୍ଷୁଦ୍ର ଆବାସିକ ପ୍ଲଟ ପାଇଁ ସର୍ବନିମ୍ନ ରାସ୍ତାର ଓସାର ୪.୫ ମିଟରକୁ ହ୍ରାସ କରାଯାଇଛି। ଅଣ-ଉଚ୍ଚ କୋଠା ନିର୍ମାଣ କ୍ଷେତ୍ରରେ ସେଟବ୍ୟାକ୍ ନିୟମକୁ ଯୁକ୍ତିଯୁକ୍ତ କରାଯାଇଥିବା ବେଳେ 'ଫ୍ଲୋର୍ ଏରିଆ ରେସିଓ' (ଏଫଏଆର)କୁ ମଧ୍ୟ ପୁନଃ ନିର୍ଦ୍ଧାରଣ କରାଯାଇଛି। ଏହି ନିୟମାବଳୀ ଦ୍ୱାରା କଟକର ଐତିହ୍ୟକୁ ବଜାୟ



ରଖିବା ସହିତ ଆଧୁନିକ ଜୀବନଶୈଳୀ ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ବିଶେଷ କରି ଛୋଟ ଜମି ଉପରେ ଗୃହ ନିର୍ମାଣ କରୁଥିବା ବ୍ୟକ୍ତିମାନେ ଏହାଦ୍ୱାରା ଉପକୃତ ହେବେ। ଏହା ସହରର ଭିଡ଼ ନିୟନ୍ତ୍ରଣ କରିବା ସହ ପାର୍କିଂ ସମସ୍ୟାର ସମାଧାନ ଏବଂ ବେଆଇନ ନିର୍ମାଣକୁ ବୈଧ କରିବା ପ୍ରକ୍ରିୟାକୁ ସହଜ କରିବ। କଟକର ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ସହ ବାସିନ୍ଦାଙ୍କୁ ଉତ୍ତମ ବାସସ୍ଥାନ ଯୋଗାଇଦେବା ଦିଗରେ ଏହି ବିଜ୍ଞପ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର



ବୋରିଗୁମ୍ମା,୨୫।୨ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବନାଞ୍ଚଳ ମୁଣ୍ଡାଗୁଡା ଗ୍ରାମରେ ପୁଣି ଭାଲୁ ଆତଙ୍କ। ଆଜି ସକାଳୁ ସକାଳୁ ପୁଣି ଜଣେ ମହିଳା ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସକାଳ ୬ ଘଣ୍ଟ ସମୟରେ ବୋରିଗୁମ୍ମା ମୁଣ୍ଡାଗୁଡା ଗ୍ରାମର ୪ ଜଣ ମହିଳା ଶୌଚ ପାଇଁ ଗାଁ ନିକଟରେ ଥିବା ପଡିଆକୁ ଯାଇଥିବା ବେଳେ ତିନିଟି ଭାଲୁ ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲେ। ମହିଳା ଜଣଙ୍କୁ ଭାଲୁ ଆକ୍ରମଣ କରୁଥିବା ଦେଖି ଅନ୍ୟ ମହିଳାମାନେ ପାଟିତୁଣ୍ଡ କରିଥିଲେ ଫଳରେ ଭାଲୁ ଛାଡି ଚାଲିଯାଇଥିଲା। ଗୁରୁତର ମହିଳା ଜଣକ ହେଲେ ଲକ୍ଷ୍ମୀ ଗଣ୍ଡା। ତାଙ୍କୁ ପ୍ରଥମେ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କ କାନ ଓ କାନ୍ଧରେ ଅସ୍ତ୍ର ପ୍ରଚାର କରିବା ପାଇଁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବନ ବିଭାଗର କର୍ମଚାରୀମାନେ ବୋରିଗୁମ୍ମା ମେଡିକାଲରେ ପହଞ୍ଚି ଆହତଙ୍କ ସହ ଆଲୋଚନା କରିଛନ୍ତି।

## ମହୁମାଛି ଆକ୍ରମଣରେ ଯୁବକ ମୃତ

ରାଇଘର,୨୫।୨ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା କୁସୁମପୁର ଡ଼ି ଏନ କେ ଗ୍ରାମର ତପନ ବର (୪୦)ଜଣେ ମାଛ ବେପାରୀ। ପ୍ରତିଦିନ ଭଳି ମଙ୍ଗଳବାର ଦିନ ବୋବେଇ ଗ୍ରାମକୁ ମାଛ ବୁଲେଇ ବିକିବାକୁ ଯାଇଥିଲେ ।ମାଛ ବିକ୍ରି ସରିବା ପରେ ସନ୍ଧ୍ୟା 5ଟା ସମୟରେ ଘରକୁ ଫେରିବା ବାଟରେ ମାଉଲିଭଟା ରାସ୍ତା କଡରେ ଥିବା ଶିମିଳି ଗଛ ରେ ବସା ବାନ୍ଧିଥିବା ମହୁମାଛି ତପନ କୁ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉମରକୋଟ ଜୋନାଲ ହସ୍ପିଟାଲ ନେଇଥିଲେ | ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ନବରଙ୍ଗପୁର ସ୍ଥାନାନ୍ତର କରିଥିଲେ। ନବରଙ୍ଗପୁର ଯିବା ବାଟରେ ତପନ ଙ୍କ ମୃତ୍ୟୁ ହୋଇଥିବା ଗଞ୍ଜାପରା ସରପଞ୍ଚ ମୋତିରାମ ଗଣ୍ଡ କହିଛନ୍ତି |

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ



କାକଟପୁର/ଅସ୍ତରଙ୍ଗ,୨୫।୨ (ସଂଚାର ବ୍ୟୁରୋ): ବୁଧବାର ପ୍ରାତଃରୁ ଜଣେ ବୃଦ୍ଧଙ୍କ ମୃତଦେହ ଡମଶୁଣ ସ୍ଥିତ ଲୁଣାପାଟ ନିକଟ ଏକ ଚୁଆରେ ମୁହଁ ମାଡି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇବା ପରେ ଏହି ଘଟଣା ସମ୍ପର୍କରେ ନୂଆଗଡ ସାମୁଦ୍ରିକ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଂଚି ବୃଦ୍ଧଙ୍କ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଛି। ମୃତ ବୃଦ୍ଧ ଜଣକ ହେଲେ ବିଦ୍ୟାଧର ମହାନ୍ତି (୮୫)। ସେ ଜଗତସିଂହପୁର ଜିଲ୍ଲା ମାଛଗାଁ ଓଚିନ୍ଧା ଗ୍ରାମର ବାସିନ୍ଦା ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ବୃଦ୍ଧ ଜଣକ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ ହେବ ଖଣ୍ଡିବେଲାରୀ ଗ୍ରାମର କୈଳାଶ ବିଶ୍ୱାଳଙ୍କ ଘରେ ରହୁଥିଲେ। କିନ୍ତୁ ଅଚାନକ ବୃଦ୍ଧ ଜଣକ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ବ୍ୟାଗ ଧରି ଘରୁ ଆସିଥିଲେ। କିନ୍ତୁ ସେ କିପରି ପାଣିରେ ପଡିଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ଏ ନେଇ ସମ୍ପର୍କୀୟ ପକ୍ଷରୁ ନୂଆଗଡ ସାମୁଦ୍ରିକ ଥାନା ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ୧/୨୬ରେ ମାମଲା ରୁଜୁ କରିବା ସହ ବୃଦ୍ଧଙ୍କର ମୃତ୍ୟୁ କିପରି ହେଲା? ତାହାର ତଦନ୍ତ ଜାରି ରଖିଛି। ପୁଲିସ ମୃତଦେହକୁ ବ୍ୟବଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ସୂଚନା ମିଳିଛି।

### ମୌଳିକ ସୁବିଧାରୁ ବଞ୍ଚିତ ଲବଙ୍ଗୀ ଗାଁ

# ଦୁଇମାସ ହେଲା ସୋଲାର ପମ୍ପ ଅଚଳ, ଚୁଆପାଣି ଭରସା





ଫୁଲବାଣୀ,୨୫।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଦୁର୍ଗମ ଅପହଞ୍ଚ ଅଞ୍ଚଳରେ ଆଜି ବି ଲୋକେ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଭାରତ ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଏବେ ବି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସଲାଗୁଡା ପଞ୍ଚାୟତର ଲବଙ୍ଗୀ ଗାଁର। ଏହି ଗ୍ରାମରେ ୮ ପରିବାରର ପ୍ରାୟ ୮୦ରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି। ଲବଙ୍ଗୀ ଗାଁରେ ୨ ମାସ ହେଲା ସୋଲାର ପମ୍ପ ବସାଯାଇଛି। ମାତ୍ର ଶରୁ ୪ ଦିନ ଲୋକେ ପାଣି ପାଇଛନ୍ତି ଆଉ ସେଠାରୁ ପାଇପାରୁନାହାନ୍ତି। ସୋଲାର ପମ୍ପ ଅଚଳ ହୋଇ ପଡିଛି। ଦୁଃଖରା ଗାଁରେ ସୋଲାର ପମ୍ପ ବସାଯାଇଛି କିନ୍ତୁ ବିଜୁଳି ପାଣି ଚଲାଯାଉନାହିଁ। ସେ ନେଇ ଲବଙ୍ଗୀ ଗ୍ରାମବାସୀମାନେ ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ।

ଏ ଗାଁରେ ସ୍କୁଲ ନାହିଁ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ। ଲବଙ୍ଗୀ ଗାଁ ଲୋକଙ୍କ ପିଲାମାନେ ସ୍କୁଲ ଓ ଅଙ୍ଗନବାଡିକୁ ଯିବାକୁ ହେଲେ ମୁର୍ଜୀ ଗାଁକୁ ଯିବାକୁ ପଡୁଛି। ମଝିରେ ବାଘ ନଦୀ ପଡୁଛି। ବର୍ଷା ଦିନ ଆସିଲେ ରାସ୍ତା ବିଚ୍ଛିନ୍ନ ହୋଇଯାଉଛି, ପିଲାମାନେ ସ୍କୁଲ ଏବଂ ଅଙ୍ଗନବାଡିକୁ ଯାଇପାରୁନାହାନ୍ତି। ଏହି ଗାଁକୁ ରାସ୍ତା ପାଇଁ ବାରମ୍ବାର ଜିଲ୍ଲାପାଳ, ବିଡ଼ିଓ, ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି।

ସେହିପରି ଯଦି ଲବଙ୍ଗୀ ଗାଁରେ କାହାର ଦେହ ଅସୁସ୍ଥ ହେଲେ କିମ୍ବା ଗର୍ଭବତୀ ମହିଳାମାନେ ମେଡିକାଲକୁ ଯିବାକୁ ହେଲେ ୪୦ ରୁ ୫୦ କିଲୋମିଟର ଦୂରକୁ ଯିବାକୁ ପଡେ। ବାଘ ନଦୀରେ ପାଣି ହେଲେ ଲୋକମାନେ ରସ ହଣ୍ଡା ଦ୍ୱାରା ଯିବାଆସିବା କରନ୍ତି। ତେଣୁ ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରିବାକୁ ଦୀର୍ଘ ବର୍ଷରୁ ଦାବି ହୋଇଆସୁଛି।

ସେହିପରି ସବୁ ସାହିରେ ନଳକୂପ ଥିଲେ ବି ଖରାଦିନେ ଜଳସ୍ତର ହ୍ରାସ ପାଇବା ଯୋଗୁଁ ସେଥିରୁ ପାଣି ବାହାରୁ ନାହିଁ। ୨୦ରୁ ୪୦ ଥର ହ୍ୟାଣ୍ଡେଲ ମାରିଲେ ଢାଳେ ପାଣି ମିଳିବା କଷ୍ଟକର। ଏହି ସମସ୍ୟା ସତ୍ତ୍ୱେ ଲବଙ୍ଗୀ ଗାଁକୁ ବସୁଧା ଯୋଜନାରେ ସାମିଲ କରାଯାଇନାହିଁ। ଫଳରେ ଗ୍ରାମବାସୀମାନେ ଖରାଦିନେ ବାଘ ନଦୀ, ଝରଣା ଓ ଚୁଆରୁ ପାଣି ସଂଗ୍ରହ କରୁଛନ୍ତି। ଏଠାକାର ଲୋକମାନେ ଜଙ୍ଗଲରୁ କାଠ, ମହୁ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉଛନ୍ତି।

ସଲାଗୁଡା ସରପଞ୍ଚ ରୋହିତ କହିଁରଙ୍କୁ ପଚାରିବାରୁ ଗ୍ରାମବାସୀମାନେ ଜଣାଇଛନ୍ତି ଯେ ସୋଲାର ପମ୍ପ ଖରାପ କିନ୍ତୁ ଆର.ଡବ୍ଲ୍ୟୁଏସଏସକୁ ଜଣାଇଥିଲେ ଯଦି କାମ ୭ ଦିନ ଭିତରେ ନହେବେ ଆମ୍ଭେମାନେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଛନ୍ତି।

### ଆବାସ ଯୋଜନାରେ ମିଳୁନି ଘର

## ଭଙ୍ଗା କୁଡ଼ିଆରେ କଟୁଛି କୁନି ଗାଗରାଇଙ୍କ ଜୀବନ



ଯାଜପୁର ରୋଡ଼,୨୫।୨ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହର ଅନ୍ତର୍ଗତ ୱାର୍ଡ ନମ୍ବର-୪ ଲକ୍ଷ୍ମୀନଗର ହୁଡ଼ି ସାହିର ଅନେକ ପରିବାର ଏବେ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ ଯୋଜନାର ସୁଫଳ ପାଇବାରୁ ବଂଚିତ ଥିବା ନେଇ ଅଭିଯୋଗରେ ଜଣାଇଛନ୍ତି। ଏହାର ଏକ ନିଛକ ଉଦାହରଣ ଏହି ସାହିର ରାଜୁ ଗାଗରାଇ(୪୦) ଓ ତାଙ୍କ ସ୍ତ୍ରୀ କୁନି ଗାଗରାଇ। ଝାଟିମାଟିର କୁଡ଼ିଆ ଘରେ ବର୍ଷ ବର୍ଷ ହେଲା ମାଟି କାନ୍ଥ ଉପରେ ଛିଣ୍ଡା ପାଲ ଓ ଜରି ଘୋଡାଇ ୩ ଜଣ ପିଲାଙ୍କୁ ନେଇ ନିଜ ଜୀବନ କାଟୁଛନ୍ତି। ଏ ନେଇ ରାଜୁ ଓ କୁନି ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି କାଉନସିଲରଙ୍କ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁ ନାହିଁ। କିନ୍ତୁ ଖାଲି ସରକାରଙ୍କ ଚାଉଳ ଗଣ୍ଡେ ପାଇ ସେ ଏହି ଭଙ୍ଗାଘରେ ଜୀବନ କାଟୁଛନ୍ତି। ତେବେ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ସେ ଗଣମାଧ୍ୟମ ଜରିଆରେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ସୋଆରେ ଏକଦିବସୀୟ 'ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ -୨୦୨୬' କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୁଧବାର ଖୋର୍ଦ୍ଧା ଜିଲ୍ଲା ନିମନ୍ତେ ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜିର ଯୁବପିଢ଼ିଙ୍କୁ ଭବିଷ୍ୟତର ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀ ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ବିକଶିତ ଭାରତ - ୨୦୪୭' ସ୍ୱପ୍ନ ଏକ ମହାନ ପ୍ରୟାସ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକ ସୁଶ୍ରୀ ସରିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ସରକାର ଏହି 'ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ - ୨୦୨୬' ଦ୍ୱାରା ଅନେକ ଯୁବ ପ୍ରତିଭାଙ୍କୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିଥିବା ବେଳେ ସେମାନେ ନିଜର ପ୍ରତିଭା, ବିଚାର ଓ ଦାୟିତ୍ୱକୁ ସର୍ବସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ଏହି ମଞ୍ଚ ବେଶ ସହାୟକ ହୋଇପାରିଛି। ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି 'ବିକଶିତ ଭାରତ ଯୁଥ ପାର୍ଲିଆମେଣ୍ଟ - ୨୦୨୬'ର ମୂଳ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ "ଫିଫ୍‌ଟି ଇୟର୍ସ ଅଫ୍ ଏମର୍ଜେନ୍ସି: ଲେସନ୍‌ସ ଫର ଇଣ୍ଡିଆନ୍ ଡେମୋକ୍ରେସି" ରହିଥିଲା। ଏହି ପ୍ରସଙ୍ଗରେ ପ୍ରତିଯୋଗୀମାନେ ଇଂରାଜୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ। ଏଥିରେ ୨୦୦ପ୍ରତିଯୋଗୀ ଭାଗ ନେଇଥିଲେ।

ଖୋର୍ଦ୍ଧା ଜିଲ୍ଲାର ମେରା ଯୁବା ଭାରତର ଡିଷ୍ଟ୍ରିକ୍ଟ ଯୁଥ ଅଫିସର ତଥା ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀ ନିଖିଲ କେ., ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ଯୁଥ ଅଫିସର ଶ୍ରୀ ଏ.ଏସ୍. କବିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ।ଏହି କାର୍ଯ୍ୟକ୍ରମରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇ ପ୍ରତିଯୋଗୀ ଓ ବର୍ତ୍ତମାନର ଯୁବପିଢ଼ି ଆଗାମୀ ଦିନରେ ନିଜର ତଥା ରାଷ୍ଟ୍ରର ଉନ୍ନତି ନିମନ୍ତେ ଦାୟିତ୍ୱ ବହନ କରିବା ସହିତ ଜଣେ ଜଣେ ଶ୍ରେଷ୍ଠ ନେତା ଭାବେ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିପାରିବେ ବୋଲି ସେ କହିଥିଲେ।

ଶେଷରେ ଏନ୍‌ଏସଏସ୍‌ର ସଂଯୋଜକ ପ୍ରଫେସର କମଳ ଲୋଚନ ମହନ୍ତ ଉପସ୍ଥିତ ରହି କାଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ମଜଦୂର ସଂଘର ପ୍ରତିବାଦ ଦିବସ ଓ ଜିଲ୍ଲାପାଳଙ୍କୁ ଦାବପତ୍ର ପ୍ରଦାନ




ଢେଙ୍କାନାଳ, ୨୫।୨ (ସଂଚାର ବ୍ୟୁରୋ): ପୁରୀ ଠାରେ ୨୧ତମ ଅଖିଳ ଭାରତୀୟ ସମ୍ମେଳନ ଗତ ଫେବୃଆରୀ ମାସ ୦୬, ୦୭ ଓ ୦୮ ତାରିଖ ୨୦୨୬ ଅନୁଷ୍ଠିତ ହୋଇଥିଲା । ଉକ୍ତ ଅଧିବେଶନରେ ବିଏମ୍‌ଏସ୍ ୨୫ ଫେବୃଆରୀକୁ ପ୍ରତିବାଦ ଦିବସ ପାଳନ କରିବା ଓ ୧୧ ଦଫା ଦାବୀ ସମ୍ବଳିତ ପତ୍ର ଦେବାକୁ ନିଷ୍ପତି ନିଆଯାଇଥିଲା । ଅଦ୍ୟ ୨୫ ତାରିଖ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ମଜଦୂର ସଂଘ ସଂଲଗ୍ନ ଆଠଗୋଟି ଶ୍ରମିକ ସଂଗଠନର କାର୍ଯ୍ୟକର୍ତା ଉପସ୍ଥିତ ରହି 'ପ୍ରତିବାଦ' ଦିବସ ପାଳନ କରାଯାଇ ୧୧ ଦଫା ସମ୍ବଳିତ ଦାବୀପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କ ମାଧ୍ୟମରେ ମାନନୀୟ ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଗଲା । ଉକ୍ତ କାର୍ଯ୍ୟକ୍ରମ ସଂଘ ଜିଲ୍ଲା ପ୍ରଭାରୀ ଶ୍ରୀନିବାସ ଖୁଂଟିଆ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

## ଗଞ୍ଜାମରେ ପାରମ୍ପରିକ ଝାମୁ ପର୍ବ ଅନୁଷ୍ଠିତ



ଛତ୍ରପୁର, ୨୫।୨ (ସଂଚାର ବ୍ୟୁରୋ): ଗଞ୍ଜାମ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଏଲାମା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷର ପାରମ୍ପରିକ ଝାମୁ ପର୍ବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ଶନିମନ୍ଦିର ନିକଟରେ ଅବସ୍ଥିତ ଏହି ପବିତ୍ର ପୀଠରେ ମା'ଙ୍କ ଅପାର କରୁଣା ଲାଭ ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖାଯାଇଥିଲା।ପୂଜାର୍ଚ୍ଚନା, ହୋମ ଓ ବିଶେଷ ନୀତିକାନ୍ତି ପରେ ଯାତ୍ରାର ମୁଖ୍ୟ ଆକର୍ଷଣ ଝାମୁ ପର୍ବ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ଜଳନ୍ତା ଅଙ୍ଗାର ଉପରେ ଖାଲି ପାଦରେ ଚାଲି ମା'ଙ୍କ ପ୍ରତି ନିଜର ଅତୁଟ ଆସ୍ଥା ପ୍ରକାଶ କରିଥିଲେ। "ଜୟ ମା' ଏଲାମା" ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଯାଇଥିଲା।

ଯାତ୍ରା ଅବସରରେ ଭକ୍ତମାନଙ୍କ ସୁରକ୍ଷା ଓ ଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପାନୀୟ ଜଳ, ପ୍ରସାଦ ବଣ୍ଟନ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଭାବେ ସମ୍ପନ୍ନ ହୋଇଥିବା ବେଳେ ଏହି ଯାତ୍ରା ପୁନର୍ବାର ଗଞ୍ଜାମର ଧାର୍ମିକ ଐତିହ୍ୟକୁ ଉଜାଗର କରିଛି।

## ଆଇନ ସଚେତନତା ଶିବିର




ହିଞ୍ଜିଳିକାଟୁ, ୨୫।୨ (ସଂଚାର ବ୍ୟୁରୋ): ତାଲୁକା ଆଇନ ସେବା କମିଟି ପକ୍ଷରୁ ହିଞ୍ଜିଳିକାଟୁ ବ୍ଲକ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦିନ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ ଓ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ମଂଚାସୀନ ଥିଲେ। ଅଞ୍ଚଳରେ ଦିନକୁ ଦିନ ମହିଳା ହିଂସା ବୃଦ୍ଧି ପାଉଛି ଏଥିପାଇଁ ରହିଥିବା ଆଇନ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା ସେହିପରି ବାଲ୍ୟ ବିବାହ, ଶିଶୁ ଶ୍ରମିକ ପାଇଁ ରହିଥିବା ଆଇନ ସମ୍ପର୍କରେ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ଓ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବେକରେ ରଶି ଲଗାଇ ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା

### ଆସନ୍ତା ୮ରେ ପିନ୍ଧିଥାନ୍ତେ ବାହା ମୁକୁଟ

ନୀଳଗିରି, ୨୫।୨ (ସଂଚାର ବ୍ୟୁରୋ): ଜୈନିକ ଶିକ୍ଷୟିତ୍ରୀଙ୍କର ବିବାହ ସ୍ଥିର ହୋଇଥିଲା ବେଳେ ଆସନ୍ତା ମାର୍ଚ୍ଚ ୮ରେ ହୋଇଥାନ୍ତା ବାହାଘର। ପିନ୍ଧିଥାନ୍ତେ ବାହା ମୁକୁଟ। ହେଲେ ତା ପୂର୍ବରୁ ସବୁକିଛି ସରିଯାଇଛି। କୌଣସି ମାନସିକ ଚାପରେ ନିଜହାତରେ ନିଜ ଜୀବନକୁ ଶେଷ କରିଦେଇଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଘାଟଘରସାହି ଅଞ୍ଚଳରେ।

ସୂଚନା ଯୋଗ୍ୟ ନୀଳଗିରି ଏନଏସି ଅଧିନସ୍ଥ ୨ ନମ୍ବରୱାର୍ଡ ଘାଟଘରସାହି ଗ୍ରାମର ନବକିଶୋର ପରିଛାଙ୍କ ଝିଅ ଧାରା ପରିଛା (୩୨) ନିଲଗିରି ବ୍ଲକ ସିଆଡିମାଳ ଗ୍ରାମ ପଞ୍ଚାୟତ ଚତର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଆସୁଥିଲେ। ଆସନ୍ତା ମାର୍ଚ୍ଚ ୮ରେ ମଧ୍ୟ ବିବାହ ସ୍ଥିର ହୋଇଥିଲା। ହେଲେ ଆଜି ସକାଳେ ପରିବାର ଲୋକ ତାଙ୍କୁ ଘର ଭିତରେ ବେକରେ ରସି ଲଗାଇ ଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ସାନଭାଇ ଅଭିଳାଷ ପରିଛା ଏନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ନୀଳଗିରି ଥାନା ପକ୍ଷରୁ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମୂର୍ଚ୍ଛା ରୋଗରେ ଯୁବକ ମୃତ

ରାଇଘର, ୨୫।୨ (ସଂଚାର ବ୍ୟୁରୋ): ରାଇଘର ଥାନା ଅଧୀନରେ ଥିବା ରେଙ୍ଗାଭାଟି ଗ୍ରାମର ଜରାହୁ ଗଣ୍ଡ (୩୫)ରବିବାର ରାତିରେ ଘରୁ ବାହାରି କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ପାଇ ପାରିନଥିଲେ। ବୁଧବାର ସକାଳୁ ଦେଖିବାକୁ ପାଇଥିଲେ ଘର ଠାରୁ ପ୍ରାୟ ଏକ କିଲୋମିଟର ଦୂର ଗ୍ରାମ୍ୟ ଜଙ୍ଗଲରେ ପଡି ରହିଛି ଜରାହୁର ମୃତ ଶରୀର। ଏହାପର ରାଇଘର ଥାନାରେ ଲିଖିତ ଜଣାଇବା ପାରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ ଜରାହୁର ମାନସିକ ବିକୃତି ପୂର୍ବରୁ ଥିଲା। ଏହିପରି ପୂର୍ବରୁ ଘରୁ ଦୁଇ ତିନି ଦିନ ବାହାରେ ବୁଲି ଘରକୁ ଫେରେ କିନ୍ତୁ ଏଥର ତାର ମୂର୍ଚ୍ଛା ରୋଗ ଥିବା କାରଣରୁ ରୋଗ ବାହାରିବା ସମୟରେ କେହି ପାଖରେ ନଥିବା କାରଣରୁ ଶନିବାର ରାତିରେ ତାର ମୃତ୍ୟୁ ହୋଇଥିବା ପ୍ରକାଶ କରିଛି।

# ମତ୍ସ୍ୟଜୀବୀଙ୍କୁ ଠକିଦେଲା ସାମୁଦ୍ରିକ ମତ୍ସ୍ୟ ବିଭାଗ

### ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ଋଣ ଭାରରେ ବୁଡ଼ିଛନ୍ତି ମତ୍ସ୍ୟଜୀବୀ



ବାଲିଆପାଳ,୨୫।୨ (ସଂଚାର ବ୍ୟୁରୋ): ମତ୍ସ୍ୟଜୀବୀଙ୍କୁ ଠିକିଦେଲା ସାମୁଦ୍ରିକ ମତ୍ସ୍ୟ ବିଭାଗ। ଡଙ୍ଗା ତିଆରି ପାଇଁ କାର୍ଯ୍ୟାଦେଶ ଦେଲା ହେଲେ ଟଙ୍କା ଦେଲାନି, ଫଳରେ ଡଙ୍ଗା ତିଆରି କରି ଅର୍ଥ ନପାଇ ଋଣଗ୍ରସ୍ତ ହୋଇ ଋଣ ପରିଶୋଧ ଚିନ୍ତାରେ ମତ୍ସ୍ୟଜୀବୀ। ସରକାର ମତ୍ସ୍ୟଜୀବୀ ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। ମାତ୍ର କିଛି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ମାନଙ୍କ ପାଇଁ ଏହି ଯୋଜନା ହେଉଛି ବାଟବଣା। ଯାହାକୁ ନେଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଡଙ୍ଗା ତିଆରି ପାଇଁ କରିଥିବା ଋଣ ପରିଶୋଧ କରି ନପାରି ଋଣ ଭାରରେ ବୁଡ଼ି ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଡଗରା ଏବଂ ଚୈମୁଖ ଅଞ୍ଚଳରେ।

୨୦୨୨-୨୩ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ଡଗରା ଏବଂ ଚୈମୁଖ ଅଞ୍ଚଳରୁ ୨୦ ଜଣ ମତ୍ସ୍ୟଜୀବୀଙ୍କୁ ଯନ୍ତ୍ରଚାଳିତ ଡଙ୍ଗା ତିଆରି ପାଇଁ କାର୍ଯ୍ୟାଦେଶ ମିଳିଥିଲା। ବାଲିଆପାଳରେ ସାମୁଦ୍ରିକ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ଚନ୍ଦନେଶ୍ୱର ସାମୁଦ୍ରିକ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ମାଧ୍ୟମରେ ସେଥି ମଧ୍ୟରୁ ୧୪ ଜଣଙ୍କ ଭେରିଫିକେସନ ହୋଇ ଟଙ୍କା ମିଳିଲା, ମାତ୍ର ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କର ଭେରିଫିକେସନ ହେଲା ନାହିଁ କି ଟଙ୍କା ମଧ୍ୟ ମିଳିଲା ନାହିଁ। ଚନ୍ଦନେଶ୍ୱର ସାମୁଦ୍ରିକ ମତ୍ସ୍ୟ ବିଭାଗ ଅଧିକାରୀ ଅଧିନରେ ଥିବା ବିଲ୍ଡର ମଧ୍ୟରେ ୩୦ ପ୍ରତିଶତ ହାତଗୁଞ୍ଜା ଯେଉଁମାନେ ଦେଉଛନ୍ତି ସେମାନଙ୍କୁ ଡଙ୍ଗା ତିଆରି ବାବଦରେ ଟଙ୍କା ମିଳୁଛି, ଯେଉଁମାନେ ଦେବାକୁ ବାରଣ କରିଛନ୍ତି ସେମାନଙ୍କୁ ଟଙ୍କା ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଯାହା ଫଳରେ ବାଲିଆପାଳ ବ୍ଲକ ର ୬ ଜଣ ମତ୍ସ୍ୟଜୀବୀଙ୍କୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଟଙ୍କା ମିଳୁନାହିଁ।

ପୁଣି ୨୦୨୩ -୨୪ ଆର୍ଥିକ ବର୍ଷରେ ବାଲିଆପାଳରୁ ୨୬ ଜଣ ଏବଂ ଚନ୍ଦନେଶ୍ୱରରୁ ୨୧ ଜଣ ମତ୍ସ୍ୟଜିବୀ ଡଙ୍ଗା ତିଆରି କରିବା ପାଇଁ ଆବେଦନ କରିଥିଲେ, ମାତ୍ର ଚନ୍ଦନେଶ୍ୱରର ୧୪ ଜଣକୁ ଡଙ୍ଗା ତିଆରି ପାଇଁ କାର୍ଯ୍ୟାଦେଶ ମିଳିଥିଲା ବେଳେ ବାଲିଆପାଳର କାହାକୁ ବି କାର୍ଯ୍ୟାଦେଶ ମିଳି ନଥିଲା। ଯାହାକୁ ନେଇ ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟଙ୍କ ନିକଟରେ ଅଭିଯୋଗ କରିଥିଲେ ବାଲିଆପାଳର ମତ୍ସ୍ୟଜୀବୀ। ଗତ ୨୦୨୫ ସେପ୍ଟେମ୍ବର ମାସରେ ଚନ୍ଦନେଶ୍ୱର ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଅନନ୍ତ ଜେନା ଏବଂ ବାଲେଶ୍ୱର ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ସିଏଚ୍ ପଲ୍ଲବୀଙ୍କ ବିରୁଦ୍ଧରେ ଅନୁସନ୍ଧାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ କଟକ ମତ୍ସ୍ୟ ନିର୍ଦ୍ଦେଶାଳୟ। ମାତ୍ର ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ ହୋଇଛି। ତେବେ ଆସନ୍ତା ୧୫ ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ସୁବର୍ଣ୍ଣରେଖା ମତ୍ସ୍ୟଜୀବୀ ସମିତିର ସମ୍ପାଦକଙ୍କ ସହ ମତ୍ସ୍ୟଜୀବୀମାନେ।

## କୃଷି-ମହିଳା ଜୀବିକାକୁ ପ୍ରୋତ୍ସାହନ ପାଇଁ କଷ୍ଟମ୍ ନିଯୁକ୍ତି କେନ୍ଦ୍ର ପ୍ରତିଷ୍ଠା



ଖୋର୍ଦ୍ଧା,୨୫।୨ (ସଂଚାର ବ୍ୟୁରୋ): ପରିବେଶ ଅନୁକୂଳ ସୂତା-ଆଧାରିତ ପ୍ୟାକେଜିଂ ସାମଗ୍ରୀ ଉତ୍ପାଦନକୁ ସମର୍ଥନ କରିବା ପାଇଁ ଖୋର୍ଧାର ବାଲିପାଟଣାର ଆଇତଲଙ୍ଗା ଗ୍ରାମରେ ଆଇସିଏଆର୍-ସିଆଇଡବ୍ଲୁଏ ଏକ କଷ୍ଟମ୍ ନିଯୁକ୍ତି କେନ୍ଦ୍ର (ସିଏଚ୍‌ସି) ସ୍ଥାପନ କରିଛି। ନାରୀ ଶକ୍ତି ମହିଳା କୃଷକଙ୍କ ଆଗ୍ରହ ଗୋଷ୍ଠୀକୁ ଦଶଟି ବୈଦ୍ୟୁତିକ ସିଲାଇ ମେସିନ୍ ଯୋଗାଇ ଦିଆଯିବା ସହିତ ମେସିନ୍ ପରିଚାଳନା ଏବଂ କପା ବ୍ୟାଗ୍ ସିଲାଇ ଉପରେ ଏକ ତିନି ଦିନିଆ ତାଲିମ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ସିଏଚ୍‌ସି ପ୍ରତିଷ୍ଠା ଏବଂ ତାଲିମ କାର୍ଯ୍ୟକ୍ରମଆଇସିଏଆର୍-ସିଆଇଡବ୍ଲୁଏର ବୈଜ୍ଞାନିକ ଡକ୍ଟର ଅଙ୍କିତା ସାହୁଙ୍କ ଦ୍ୱାରା ସମନ୍ୱିତ ହୋଇଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ସ୍ଥାୟୀ ଜୀବିକା ମାଧ୍ୟମରେ ମହିଳାମାନଙ୍କ ଆୟ ବୃଦ୍ଧି କରିବା।

ପୂର୍ବରୁ, ଉଦ୍ୟାନ କୃଷି ଆଧାରିତ ରାସାୟନିକ ମୁକ୍ତ କୃଷି ପ୍ରକଳ୍ପ ଅଧୀନରେ, ଆଇସିଏଆର୍-ସିଆଇଡବ୍ଲୁଏ ଖୋର୍ଦ୍ଧାର ବାଲିପାଟଣା ବ୍ଲକର ସୋଡୁଆ ଏବଂ ଧନହରା ଗ୍ରାମରେ ଏକ ମହିଳା ନେତୃତ୍ୱାଧୀନ ଜୈବ-ଇନପୁଟ୍ ସମ୍ବଳ ୟୁନିଟ୍ ସ୍ଥାପନ କରିଥିଲ। ଯାହା ଜୀବାମୃତ, ଘନଜୀବାମୃତ, ଭର୍ମିକମ୍ପୋଷ୍ଟ ଏବଂ ହାଣ୍ଡିଖାତା ଉତ୍ପାଦନ କରୁଥିଲା। ଏହି ପ୍ରୟାସଗୁଡ଼ିକ କୃଷକ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କୃଷି-ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ପାଇଁ ଆଇସିଏଆର୍-ସିଆଇଡବ୍ଲୁଏର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ସୁଭଦ୍ରା ଯୋଜନାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

# ମହିଳା ସଶକ୍ତିକରଣ ଓ ଶିଶୁ ସୁରକ୍ଷା ପ୍ରାଥମିକତା



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ।

ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କ ପ୍ରମୁଖ 'ସୁଭଦ୍ରା' ଯୋଜନାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଯେତେବେଳେ ସରକାରୀ ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯାଏ, ତା' ସେମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିଥାଏ। ଏଥିସହ ସେ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ 'ତିଥି ଭୋଜନ' ଆୟୋଜନ ତଥା ପୋଷଣ ଦିବସ ଅଥବା ପୋଷଣ ସପ୍ତାହ ପାଳନ ପାଇଁ ପରାମର୍ଶ ଦେଇଛନ୍ତି। ସେ ନାଗରିକ ଓ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ରାଜ୍ୟରୁ ଅପପୁଷ୍ଟି ନିର୍ମୂଳ କରିବାରେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି କହିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳରେ ସରକାରଙ୍କର ବିଭିନ୍ନ ଯୋଜନାର ସକରାତ୍ମକ ପ୍ରଭାବ ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ କେନ୍ଦ୍ର-ରାଜ୍ୟ ସମନ୍ୱୟ ମାଧ୍ୟମରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ମହିଳାଙ୍କ ସାମଗ୍ରିକ ସଶକ୍ତିକରଣ ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା। ଆସନ୍ତା ୮ ଆନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାରେ ଜମା ହେବାକୁ ଯାଉଥିବାରୁ ଏହାର ସମଯୋପଯୋଗୀ ଓ ପାରଦର୍ଶୀ ବିତରଣ ପାଇଁ ବିଭାଗ କାମ କରୁଛି। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଚାଲିଥିବା ଯୋଜନାଗୁଡ଼ିକ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନର ମାନ ଉନ୍ନତ କରିବା ଦିଗରେ ଓଡ଼ିଶା ଆଗୁଆ ହେଉଛି ବୋଲି ସେ କହିଥିଲେ।

## ୨୩ ଜିଲ୍ଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୩ ଜିଲ୍ଲାରେ ବର୍ଷା ସମ୍ଭାବନା। ବିଜୁଳି ଘଡ଼ଘଡ଼ି ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବର ଆଶଙ୍କା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଆଗାମୀ ୨୪ ମଧ୍ୟରେ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ବର୍ଷା ସହ ୩୦ରୁ ୪୦ କିମି ପବନ ବହିବ ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏହିସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ପଶ୍ଚିମା ଝଡ଼ର ପ୍ରଭାବରେ ବାୟୁମଣ୍ଡଳ ଥଣ୍ଡା ରହିଛି। ଓଡ଼ିଶାର ଉତ୍ତର-ଉପକୂଳ ଏବଂ ଏହାର ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ୧.୫ କିମି ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ମୟୂରଭଞ୍ଜ ଜିଲାର ଯଶିପୁରରେ ସର୍ବାଧିକ ୪୦.୪ ମିମି ବର୍ଷା ଏବଂ ଭୁବନେଶ୍ୱରରେ ୧୭.୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ପାରା ବାଡମିଣ୍ଟନ ବିଶ୍ୱ ଚମ୍ପିଆନ ମୋହନ ଭଗତ ନବୀନ ନିବାସରେ ଭେଟିଛନ୍ତି। ନବୀନ ମୋହନଙ୍କୁ ବାହାରିନରେ ତାଙ୍କ ପ୍ରଦର୍ଶନ ପାଇଁ ଖୁବ୍ ପ୍ରଶଂସା କରିଛନ୍ତି।



## ପାରାଦୀପ ସମୁଦ୍ର କୂଳରେ ୨୦ ଫୁଟର ମଲା ତିମି

**ପାରାଦୀପ, ୨୫।୨ (ସଂଚାର ବ୍ୟୁରୋ):** ପାରାଦୀପ ଷଣ୍ଢକୁଦ ସମୁଦ୍ର କୂଳରେ ଲାଗିଛି ଏକ ୨୦ ଫୁଟ ଲମ୍ବର ତିମି। ଏହାକୁ ଦେଖିବା ସକାଶେ ସମୁଦ୍ର କୂଳରେ ଲୋକଙ୍କ ବେଶ୍ ଭିଡ଼ ଜମିଛି। ଏହି ବିରାଟକାୟ ତିମି ମାଛକୁ ଦେଖି କିଛି ଲୋକ ଭୟ କରିବା ସହ ଅନ୍ୟ ଲୋକମାନଙ୍କୁ ଜଣାଇଥିଲେ। ତେବେ ତିମି ମାଛଟିର କେମିତି ମୃତ୍ୟୁ ହୋଇଛି, ତା' ଜଣାପଡ଼ି ନ ଥିଲେ ମଧ କୌଣସି ଜାହାଜ ସହ ପିଟି ହୋଇ ମାଛଟି ମରିଯାଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ପାଖାପାଖି ୨୦ ବର୍ଷ ତଳେ ପାରଦୀପ ସମୁଦ୍ର କୂଳରେ ଏକ ବିରାଟକାୟ ତିମି ମାଛ ଲାଗିଥିବା ବେଳେ ଗତକାଲି କୂଳରେ ଲାଗିଥିବା ତିମି ମାଛର ଲମ୍ବ ପାଖାପାଖି ୨୦ ଫୁଟ ଓ ଏହାର ଓଜନ ଏକ ଟନ୍‌ରୁ ଅଧିକ ହେବ ବୋଲି ମତ୍ସ୍ୟଜୀବୀମାନେ ଆକଳନ କରିଛନ୍ତି। ତେବେ ଏହି ତିମି ମାଛ ଦେହରୁ ପ୍ରବଳ ଦୁର୍ଗନ୍ଧ ବାହାରୁ ଥିବାରୁ ଏହା ପାଖାପାଖି ଦୁଇ ସପ୍ତାହ ପୂର୍ବରୁ ମରିଥିବା ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି।

## ମାଡ଼ିଗଲା କାର୍, ବୃଦ୍ଧ ମୃତ

**ଧର୍ମଶାଳା, ୨୫।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତର ଦରକୁଣ୍ଡି ଗାଁରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା। ଘର ଦୁଆର ମୁହଁରେ ବସିଥିବା ଜଣେ ବୃଦ୍ଧଙ୍କ ଉପରେ ଅଚାନକ ଏକ କାର୍ ମାଡ଼ିଯିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ମୃତ ବୃଦ୍ଧ ଜଣଙ୍କ ହେଲେ ରଘୁନାଥ ଧଳ (୭୫)। ମିଳିଥିବା ସୂଚନାନୁସାରେ, ରଘୁନାଥ ଗାଁ ଦାଣ୍ଡରେ ବସିଥିବା ସମୟରେ ଓଆର୦୨ ସିଜେଡ୍- ୩୯୧୨ ନମ୍ବରବିଶିଷ୍ଟ କାର୍‌ଟି ଅଚାନକ ତାଙ୍କ ଉପରକୁ ମାଡ଼ିଯାଇଥିଲା। ଫଳରେ ରଘୁନାଥ କାର୍ ତଳେ ଆସିଯିବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ଧର୍ମଶାଳା ଗୋଷ୍ଠୀ କେନ୍ଦ୍ରକୁ ପଠାଇଛି। କାର୍ ଚାଳକଙ୍କୁ ପୁଲିସ୍ ଥାନାକୁ ନେବା ସହ ଘଟଣା ନେଇ ଅଧିକ ତଦନ୍ତ ଜାରି ରଖିଛି।

● ହୋର୍ଡିଂ ଖସି ମୃତ୍ୟୁ ଘଟଣା

## ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା

**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଆଇଗିଣିଆରେ ହୋର୍ଡିଂ ପଡ଼ି ୨ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସିଏମ୍‌ଆର୍‌ଏଫ୍‌ରୁ ଏହି ଅନୁକମ୍ପା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ୍ସ' ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ମଙ୍ଗଳବାର କାଳବୈଶାଖୀରେ ଭୁବନେଶ୍ୱର ଆଇଗଣିଆ ନିକଟରେ ଏକ ହୋର୍ଡିଂ ଭୁଶୁଡ଼ି ପଡି ଏକ ପାନ ଦୋକାନ ଉପରେ ପଡ଼ିଥିଲା। ଏହି ସମୟରେ ହୋର୍ଡିଂ ତଳେ ଚାପି ହୋଇ ଟୁନା ଗୌଡ଼ ଓ ସଚ୍ଚିଦାନନ୍ଦ ପ୍ରଧାନ ନାମକ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା।

● ସ୍ତ୍ରୀକୁ ମାରିବାକୁ ଉଦ୍ୟମ କରୁଥିଲେ

## ଶ୍ୱଶୁରଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ ଜ୍ୱାଇଁ

**ବାଲିଆପାଳ, ୨୫।୨ (ସଂଚାର ବ୍ୟୁରୋ):** ପ୍ରେମ ବିବାହର କରୁଣ ପରିଣତି। ଜ୍ୱାଇଁ ସାଜିଲେ ନରରାକ୍ଷସ। ପେଟ୍ରୋଲ ଢ଼ାଳି ଜୀବନରୁ ସ୍ତ୍ରୀଙ୍କୁ ମାରିବା ଉଦ୍ୟମ କରୁଥିବା ବେଳେ ଶ୍ୱଶୁର ଗୁରୁତର ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।ଏମିତି ଘଟଣା ଘଟିଥିଲା ଗତ ୧୭ ତାରିଖ ରାତିରେ। ଖବର ଅନୁସାରେ, ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧିନ ନାରାୟଣପୁର ଗ୍ରାମର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ ସୋର ଅଞ୍ଚଳର ମାଣତ୍ରୀ ଗ୍ରାମର କରୁଣାକର କବିଙ୍କୁ ସାତ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ତେବେ ବିବାହର କିଛି ବର୍ଷ ସାଂସାରିକ ଜୀବନ ବେଶ ଠିକ୍ ଠାକ୍ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଦୁହିଁଙ୍କ ମଧରେ ବିଭିନ୍ନ କାରଣରୁ ବିବାଦ ତଥା ମନୋମାଳିନ୍ୟ ଦେଖା ଦେବା ସହ ଶେଷରେ ମାମଲା ଥାନାକୁ ଯାଇଥିଲା।ଗତ ଏକମାସ ହେବ ସ୍ୱାମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଝିଅ ବାପ ଘର ନାରାୟଣ ପୁରକୁ ପଳାଇ ଆସିଥିଲେ। ଗତ ୧୭ ତାରିଖ ରାତିରେ କରୁଣାକର ଶ୍ୱଶୁର ଘରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଉତକ୍ଷିପ୍ତ ହୋଇ ସାଙ୍ଗରେ ଆଣି ଥିବା ପେଟ୍ରୋଲ ସ୍ତ୍ରୀ ଉପରକୁ ପକାଇ ନିଆଁ ଲଗାଇବା ଉଦ୍ୟମ ବେଳେ ଶ୍ୱଶୁର ବାଧା ଦେଇଥିଲେ। ତେବେ ନର ରାକ୍ଷସ ସାଜିଥିବା ଜ୍ୱାଇଁ ଶ୍ୱଶୁର ଦେହରେ ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକ ପହଞ୍ଚି ଜ୍ୱାଇଁକୁ କାବୁ କରି ପୋଲିସରେ ଜିମା ଦେବା ସହ ଗୁରୁତର ଶ୍ୱଶୁରଙ୍କୁ ପ୍ରଥମେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଏବଂ ଅବସ୍ଥା ଅଧିକ ଗୁରୁତର ହେବା ପରେ କଟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଶ୍ୱଶୁର ରାଜେନ୍ଦ୍ର ସାମନ୍ତରାୟଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଜ୍ୱାଇଁକୁ ବାଲିଆପାଳ ପୋଲିସ କୋର୍ଟ ଚାଲାଣ କରିଛି। ତେବେ ପରିବାରର ଅଗୋଚରରେ ପ୍ରେମ ବିବାହ କରିବା କେତେଯେ ଭୟାନକ ରୂପ ନେଇପାରେ, ସେନେଇ ସାଧାରଣରେ ଚର୍ଚ୍ଚା ହେଉଛି।

ମା'-ବାପାଙ୍କୁ ଅବହେଳା କରିବା ପଡ଼ିବ ମହଙ୍ଗା

# ପୁଲିସର ସୁରକ୍ଷା ବଳୟରେ ରହିବେ ସିନିୟର ସିଟିଜେନ

**କଟକ, ୨୫।୨ (ସଂଚାର ବ୍ୟୁରୋ):** ଏଣିକି ପୁଲିସର ସୁରକ୍ଷା ବଳୟ ଭିତରେ ସୁରକ୍ଷିତ ରହିବେ ବୃଦ୍ଧ ପିତାମାତା। ସିନିୟର ସିଟିଜେନ୍‌ଙ୍କୁ ଓଡ଼ିଶା ପୁଲିସ୍ ସୁରକ୍ଷା ଦେବ। ଏଥିପାଇଁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ବୟସ୍କ ବାପା-ମା'ଙ୍କ ସୁରକ୍ଷା ପାଇଁ ଲଢ଼ିବ ଓଡ଼ିଶା ପୁଲିସ। ଖାଲି ବାପା-ମା' ନୁହଁନ୍ତି, ବରିଷ୍ଠ ନାଗରିକଙ୍କ ଭରଣପୋଷଣ ପାଇଁ ବି ପୁଲିସ୍ ଦାୟିତ୍ୱବାନ ରହିବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି। ଏହା ସ୍ଥାନୀୟ ପୁଲିସ ଏସପିଙ୍କ ଦାୟିତ୍ୱ ବୋଲି ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି।



ହାଇକୋର୍ଟ କହିଛନ୍ତି ଯେ ମାତା-ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ଓଡ଼ିଶାରେ ପ୍ରଣୟନ ହୋଇଥିବା ଏ ସମ୍ପର୍କିତ ୨୦୦୯ର ନିୟମାବଳୀ ଅନୁସାରେ ନିଜ କାର୍ଯ୍ୟ ପରିସର ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ମଙ୍ଗଳ ସୁନିଶ୍ଚିତ କରିବା ଏସପିଙ୍କ ଦାୟିତ୍ୱ। ବିଶେଷକରି ନିଜ ଘରେ ପୁଅ ଓ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ପ୍ରତି ପୁଲିସର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ କହିଛନ୍ତି। ଏଥିରେ ଖିଲାପ ହେଲେ ପୁଲିସ ଏହା ବିରୋଧରେ ପଦକ୍ଷେପ ଗ୍ରହଣ କରିପାରିବ। କୋର୍ଟ କହିଛନ୍ତି ଯେ ଯଦି ପୁଅ-ବୋହୂଙ୍କ ସହ ବିବାଦର ସମାଧାନ ନ ହୁଏ, ତା'ହେଲେ ଆବେଦନାକରୀ ପିତାମାତା ୨୦୦୭ର ଅଧିନିୟମ ତଥା ୨୦୦୯ର ନିୟମାବଳୀ ଅନୁଯାୟୀ ସେମାନଙ୍କୁ ନିଜ ଘରୁ ଉଚ୍ଛେଦ ପାଇଁ ପଦକ୍ଷେପ ନେଇପାରିବେ। ଏପରି ପ୍ରକ୍ରିୟାରେ ପୁଲିସ ସେମାନଙ୍କୁ ସହଯୋଗ କରିପାରିବ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି। ରାଉରକେଲା ପ୍ଲାଣ୍ଟସାଇଟ ଥାନାଞ୍ଚଳର ଦୁଇ ଜଣ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି।

# ହଟିବ ଅସୁରକ୍ଷିତ ହୋର୍ଡିଂ



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀରେ ପାତ୍ରପଡ଼ା-ଆଇଗଣିଆ ଦୁର୍ଗାପୂଜା ମଣ୍ଡପ ନିକଟରେ ଏକ ବିରାଟ ହୋର୍ଡିଂ ଭୁଶୁଡ଼ିବା ଯୋଗୁ ଦୁଇଜଣ ପ୍ରାଣ ହରାଇଥିଲେ ଓ ଏକାଧିକ ଆହତ ହୋଇଛନ୍ତି। ଘଟଣାସ୍ଥଳ ପରିଦର୍ଶନ ପରେ ବିଏମସି ମେୟର ସୁଲୋଚନା ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସହରବାସୀଙ୍କ ଜୀବନ ସହ କୌଣସି ପ୍ରକାରର ସାଲିସ କରାଯିବ ନାହିଁ। ଅସୁରକ୍ଷିତ ହୋର୍ଡିଂଗୁଡ଼ିକୁ ସମ୍ପୂର୍ଣ୍ଣ ହଟାଇ ଦିଆଯିବ। ଏଥିପାଇଁ ଆସନ୍ତା ମାର୍ଚ୍ଚ ୬ତାରିଖରୁ ବିଏମସି ପକ୍ଷରୁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯିବ। ଯେଉଁ ହୋର୍ଡିଂଗୁଡ଼ିକ ପାଖରେ ବୈଧ ଷ୍ଟ୍ରକଚରାଲ ପ୍ରମାଣପତ୍ର ନଥିବ, ସେଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ଜମି ମାଲିକମାନେ ବିଜ୍ଞାପନ ପାଇଁ ଅର୍ଥ ଗ୍ରହଣ କରୁଥିଲେ ମଧ୍ୟ ସୁରକ୍ଷା ଦିଗକୁ ଗୁରୁତ୍ୱ ଦେଉନାହାନ୍ତି। ଏହି ଦୁର୍ଘଟଣା ପାଇଁ ଦାୟୀ ଥିବା ଘରୋଇ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆବଶ୍ୟକ ପଡ଼ିଲେ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ବର୍ଷା ଯୋଗୁ ହୋର୍ଡିଂଟି ରାସ୍ତା ଉପରକୁ ଖସି ପଡ଼ିଥିଲା। ଫଳରେ ସେଠାରେ ଥିବା କିଛି ଦୋକାନୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ନାଁରେ ଟଙ୍କା ଆଦାୟ

କଡା କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ସାଇବର ଅପରାଧୀଙ୍କ କଳାକାରନାମା ଦିନକୁ ଦିନ ବଢ଼ିବାରେ ଲାଗିଛି। ବରିଷ୍ଠ ଆଇଏଏସ୍ ଅରିନ୍ଦମ ଡାକୁଆ ସାଇବର ଠକଙ୍କ ଶୀକାର ହେବାର ଦୁଇଦିନ ନପୁରୁଣୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାଁରେ କେହି ଟଙ୍କା ଆଦାୟ କରୁଥିବା ଜଣାପଡ଼ିଛି। ରାଜ୍ୟ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯିବା ସହ ଟଙ୍କା ଆଦାୟ ପାଇଁ ବ୍ୟବହୃତ ହୋଇଥିବା ମୋବାଇଲ ନମ୍ବରକୁ ମଧ ଜାରି କରାଯାଇଛି। ଏନେଇ ସାଇବର କ୍ରାଇମ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାଁରେ ସାଧାରଣ ଲୋକଙ୍କଠୁ କିଛି ଅସାଧୁ ବ୍ୟକ୍ତି ଟଙ୍କା ଆଦାୟ କରୁଛନ୍ତି। ଏହି ଠକମାନେ ନିଜକୁ ଉପମୁଖ୍ୟମନ୍ତ୍ରୀଙ୍କ ନିକଟତର ବୋଲି ଦର୍ଶାଇ ବିଭିନ୍ନ କାମ କରାଇ ଦେବାର ବାହାନାରେ ମୋଟା ଅଙ୍କର ଅର୍ଥ ଲୁଟ୍ କରୁଥିବା ଜଣାପଡ଼ିଛି। ଏହି ଘଟଣା ପଦାକୁ ଆସିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ଆଦାୟ ପାଇଁ ବ୍ୟବହୃତ ହୋଇଥିବା ମୋବାଇଲ ନମ୍ବର ୭୩୭୭୩୫୨୪୪୯ ଓ ଅଭିଯୋଗକାରୀଙ୍କ ବୟାନକୁ ଆଧାର କରି ସାଇବର କ୍ରାଇମ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏପରି ଅସାଧୁ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବି ଅଜଣା ବ୍ୟକ୍ତିଙ୍କୁ ଟଙ୍କା ପଇଠ କରିବା ପୂର୍ବରୁ ସମ୍ପୂର୍ଣ୍ଣ ତଥ୍ୟକୁ ଯାଂଚ କରନ୍ତୁ ଓ ଠକାମିରୁ ବଂଚନ୍ତୁ ବୋଲି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

# ପୁରୀ ସମୁଦ୍ର କୂଳରେ ବ୍ୟାଗେଜ୍ ଲକର ବ୍ୟବସ୍ଥା

ଘଣ୍ଟା ହିସାବରେ ପଇସା ଦେବେ ପର୍ଯ୍ୟଟକ



**ପୁରୀ, ୨୫।୨ (ସଂଚାର ବ୍ୟୁରୋ):** ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଆଉ ପର୍ଯ୍ୟଟକଙ୍କୁ ହଇରାଣ ହେବାକୁ ପଡ଼ିବନି। ପ୍ରଥମଥର ପାଇଁ ପୁରୀ ସମୁଦ୍ର କୂଳରେ କରାଯାଇଛି ବ୍ୟାଗେଜ୍ ଲକର ସିଷ୍ଟମ। ସମୁଦ୍ର ବାଲିରେ ନିଜର ବ୍ୟାଗ ରଖି ସମୁଦ୍ରକୁ ସ୍ନାନ କରିବାକୁ ଯାଆନ୍ତି ପର୍ଯ୍ୟଟକ। ଏଥିପାଇଁ ବିଭିନ୍ନ ସମୟରେ ବ୍ୟାଗ ଚୋରି ହୋଇଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ପୁରୀ ପୌରସଂସ୍ଥା ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଛି।

ପ୍ରଥମଥର ପାଇଁ ପୁରୀ ସମୁଦ୍ର କୂଳରେ କରାଯାଇଛି ବ୍ୟାଗେଜ୍ ଲକର ସିଷ୍ଟମ। ବେଳାଭୂମିର ଦୁଇଟି ସ୍ଥାନରେ ଏହି ବ୍ୟାଗେଜ ଲକର ବ୍ୟବସ୍ଥା ଆରମ୍ଭ ହୋଇଛି। ଭିକ୍ଟୋରିଆ ହୋଟେଲ ସମ୍ମୁଖ ଓ ଦିଗବାରେଣୀ ଛକ ପାଖରେ ଦୁଇଟି ବ୍ୟାଗେଜ ଲକର ପରୀକ୍ଷାମୂଳକ ଭାବେ ସ୍ଥାପନ ହୋଇଛି। ତେବେ ବ୍ୟାଗେଜ ଲକର ବ୍ୟବସ୍ଥା ଆପଣାଇବାକୁ ହେଲେ ପ୍ରଥମେ ସେଠାରେ ଲାଗିଥିବା କ୍ୟୁଆର କୋଡ ସ୍କାନ କରିବା ପରେ ଲୋକେସନ ଅନ କରି ଆବଶ୍ୟକୀୟ ତଥ୍ୟ ଦେବାକୁ ପଡିବ। ଏହାପରେ ଅନଲାଇନରେ କିଛି ଟଙ୍କା ଦେବାକୁ ପଡିବ। ଏହାପରେ ଲକର ଆପେ ଆପେ ଖୋଲିବା ପରେ ପର୍ଯ୍ୟଟକମାନେ ନିଜର ବ୍ୟାଗ, ଜୋତା, ମୋବାଇଲ ଓ ଅନ୍ୟାନ୍ୟ ଜିନିଷପତ୍ର ରଖି ମୋବାଇଲ ଯୋଗେ ଏହାକୁ ବନ୍ଦ କରିବେ।

ଗୋଟିଏ ସିଷ୍ଟମରେ ୨୭ଟି ଲକର ଥିବା ବେଳେ ଏଥିରେ ଛୋଟ, ମଧ୍ୟମ, ବଡ଼ ଏବଂ ଅତିରିକ୍ତ ବଡ଼ ଭଳି ଭିନ୍ନ ଭିନ୍ନ ମାପର ଲକର ରହିଛି। ସବୁଠାରୁ ବଡ଼ ଲକରରେ ୮ରୁ ୧୦ଟି ବ୍ୟାଗ୍, ଚପଲ ଓ ମୋବାଇଲ ରହିପାରିବ। ଏଥିପାଇଁ ଘଣ୍ଟାକୁ ୧୧୮ ଟଙ୍କା ଦେବାକୁ ପଡ଼ିବ। ସେହିଭଳି ବଡ଼ ଲକର ପାଇଁ ଘଣ୍ଟାକୁ ୬୯ ଟଙ୍କା ୬୨ ପଇସା, ମଧ୍ୟମ ଲକର ପାଇଁ ଘଣ୍ଟାକୁ ୨୯ ଟଙ୍କା ୫ ପଇସା ଏବଂ ଛୋଟ ଲକର ପାଇଁ ଘଣ୍ଟାକୁ ୧୮ ଟଙ୍କା ୮୮ ପଇସା ଅନଲାଇନ ଯୋଗେ ପେମେଣ୍ଟ କରିବାକୁ ପଡିବ। ଆଜିଠାରୁ ଏହି ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ଆଗକୁ ଏହାର ବହୁଳ ବ୍ୟବହାର ସକାଶେ ପଦକ୍ଷେପ ନିଆଯିବ ବୋଲି ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି।

## ସାଇବର ଠକେଇ: ମହିଳାଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ବରଗଡ଼ରେ ସାଇବର କବଚ ଅଭିଯାନ। ମନି ଲଣ୍ଡ୍ରିଂ ଜରିଆରେ ବ୍ୟାଙ୍କ ହିତାଧିକାରୀଙ୍କ ଆକାଉଣ୍ଟ ଅପବ୍ୟବହାର କରି ୭ କୋଟି ଟଙ୍କା ସାଇବର ଠକେଇ କରିଥିବା ଅଭିଯୋଗରେ ଜଣେ ମହିଳାଙ୍କ ସହିତ ୩ ଜଣ ଯୁବକଙ୍କୁ ଗିରଫ କରିଛି ବରଗଡ଼ ପୁଲିସ। ଗିରଫ ମହିଳା ବରଗଡ଼ ବଦ୍ରିପ୍ରସାଦ ଆପାର୍ଟମେଣ୍ଟ ଡି ବ୍ଲକ ୨୧୩ ନମ୍ବର ଫ୍ଲାଟରେ ରହୁଥିବା ଚାନ୍ଦିନୀ ଅଗ୍ରୱାଲ। ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ବିହାରର ମୁରାଦପୁର ଅଞ୍ଚଳର ରାକେଶ ମଣ୍ଡଳ, ପଦ୍ମପୁର ସହରର ମହମ୍ମଦ ରିଜୁଆନ ଓ ସିଦ୍ଧେଶ୍ୱର ପଟ୍ଟନାୟକ। ଏମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା

ବଢ଼ୁଛି ବେଆଇନ ଅଫିମ ଚାଷ

## ପ୍ରାୟ ୨୫ କୋଟି ଟଙ୍କାର ଗଛ ନଷ୍ଟ

**ଦେବଗଡ଼, ୨୫।୨ (ସଂଚାର ବ୍ୟୁରୋ):** ଗଞ୍ଜେଇ ପରେ ଅଫିମ। ବଢ଼ୁଛି ବେଆଇନ ଅଫିମ ଚାଷ। ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାର ଅଫିମ ଗଛ ନଷ୍ଟ କରୁଛି ପୋଲିସ। ଦେବଗଡ଼ ଜିଲ୍ଲାରେ ପ୍ରାୟ ୨୫ କୋଟି ଟଙ୍କାର ଅଫିମ ଗଛ ନଷ୍ଟ କଲା ଅବକାରୀ ବିଭାଗ। ରିଆମାଳ ଥାନା କାଦୋପଡ଼ା ଗାଁରେ ବେଆଇନ ଅଫିମ ଚାଷ ହୋଇଥିଲା। ପ୍ରାୟ ୨ ଏକର ସରକାରୀ ଜମିରେ ଅଫିମ ଚାଷ ହୋଇଥିଲା। ଅବକାରୀ ବିଭାଗ ସୂଚନା ପାଇ ଆଜି ଚଢ଼ଉ କରିଥିଲା। ପ୍ରାୟ ୫୦ ହଜାରରୁ ଅଧିକ ଅଫିମ ଗଛ ଲାଗିଥିଲା। ପୂର୍ବରୁ ଅନେକ ଥର ଅଫିମ ଅମଳ ହୋଇ ସାରିଥିବା ଜଣାପଡିଛି। ସମସ୍ତ ଅଫିମ ଗଛ ନଷ୍ଟ କରିବା ସହ ପୋଡ଼ି ଦେଇଛି ଅବକାରୀ ବିଭାଗ। ପ୍ରାୟ ୨୫ କୋଟି ଟଙ୍କାର ଗଛ ନଷ୍ଟ କରାଯାଇଛି।

## ଦୁଇ ଜଣଙ୍କୁ ପାଦରେ ଦଳିଦେଲା ବଣୁଆ ହାତୀ

**ନୟାଗଡ଼, ୨୫।୨, ୨୫।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ବନଖଣ୍ଡର ପୃଥକ୍ ପୃଥକ୍ ସ୍ଥାନରେ ଦୁଇଟି ଭିନ୍ନଭିନ୍ନ ହାତୀ ଆକ୍ରମଣରେ ବୁଧବାର ସକାଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ରେଞ୍ଜ ମୟୂରଝଲିଆ ଗାଁର କାଳୁ ମହାରଣା (୫୮) ଓ ଖୋର୍ଦ୍ଧା ଜିଲା କୁଞ୍ଜୁରୀ ନରମାନବୀ ଗାଁର ବାବୁଲି ପରିଡ଼ା (୪୬)। କାଳୁ ପୁଅ ସହ ମିଶି ସକାଳ ସମୟରେ ନିଜ କାଜୁ ଜଙ୍ଗଲ ସଫା କରିବା ପାଇଁ ସାଇକେଲ ଯୋଗେ ଯାଉଥିଲେ। ମୟୂରଝୋଲିଆ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ହାତୀ ଆକ୍ରମଣ କରିଥିଲା। ଘଟଣାସ୍ଥଳରୁ ପୁଅ ଦୌଡ଼ି ପଳାଇ ଯାଇଥିବା ବେଳେ ବାପା କାଳୁ ବର୍ତ୍ତି ପାରି ନ ଥିଲେ। ହାତୀ ପ୍ରଥମେ କାଳୁଙ୍କ ସାଇକେଲ ଭାଙ୍ଗି ଦେଇଥିଲା। ପରେ କାଳୁଙ୍କୁ ଦଳି ଚକଟି ମାରିଥିଲା।

ଅନ୍ୟପକ୍ଷେ ଜଙ୍ଗଲରେ ଦନ୍ତାହାତୀ ବୁଲୁଥିବା ବେଳେ ବାବୁଲିଙ୍କୁ ଘର କଞ୍ଜୁରୀ ନରମାନବୀ ଗାଁର ବାଡ଼ିପଟୁ ଭିଡ଼ି ନେଇ ଦଳି ଦେଇଥିଲା। ପ୍ରକାଶ ଥାଉକି, ଗତ ୧ ମାସ ଭିତରେ ରଣପୁର ବନଖଣ୍ଡ ଅଞ୍ଚଳରେ ହାତୀଙ୍କ ଉତ୍ପାତ ବୃଦ୍ଧି ପାଉଛି। ହାତୀ ଆକ୍ରମଣରେ ୨ ରୁ ୩ ଜଣ ପ୍ରାଣ ହରାଇ ସାରିଲେଣି। ତେବେ ବନ ବିଭାଗର ପଦକ୍ଷେପ ନ ଥିବାରୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି।

ମହାନଦୀ ଟ୍ରିବ୍ୟୁନାଲ ଗସ୍ତକୁ ବିରୋଧ

# ଭୁବନେଶ୍ୱର ସହ ୯ଟି ସ୍ଥାନରେ ହେବ ସତ୍ୟାଗ୍ରହ



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ଆସନ୍ତାକାଲି ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତକୁ ବିରୋଧ କରିଛି ମହାନଦୀ ବଞ୍ଚାଅ ଅଭିଜାନ କମିଟି। ଏହା ପୂର୍ବରୁ ୨୦୨୩ରେ ମଧ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତରେ ଆସିଥିଲା ଓ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ତହବିଲରୁ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

**୨୦୨୩ ଗସ୍ତରୁ ସୁଫଳ ମିଳିଲାନି, ଏବେ କେଉଁ ଆଶା ?**

ହେଲେ ଫଳ କ'ଣ ହେଲା, ତା' ସମସ୍ତଙ୍କୁ ଜଣା। ଏବେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ସରିବାକୁ ବସିଥିବା ବେଳେ ପୁଣିଥରେ ଏହି ଗସ୍ତ କ'ଣ ପାଇଁ ବୋଲି ମହାନଦୀ ବଞ୍ଚାଅ ଅଭିଯାନ ପ୍ରଶ୍ନ କରିଛି।

ଆସନ୍ତା ମାର୍ଚ୍ଚରେ ଟ୍ରିବ୍ୟୁନାଲ ଅବଧି ସରିବ। ଯେହେତୁ ୯ ମାସ ଧରି ଅଧ୍ୟକ୍ଷ ପଦବୀ ଖାଲି ଥିଲା, ତେଣୁ ପୁଣି ୯ ମାସ ଟ୍ରିବ୍ୟୁନାଲ ଅବଧି ବଢ଼ିପାରେ। ହେଲେ ସେଥିରେ ଏ ପର୍ଯ୍ୟନ୍ତ ସ୍ପଷ୍ଟତା ଆସିନାହିଁ। ଯେହେତୁ ଟ୍ରିବ୍ୟୁନାଲରୁ ଓଡ଼ିଶାକୁ ଓ ମହାନଦୀକୁ କିଛି ବି ନ୍ୟାୟ ମିଳୁନି, ତେଣୁ ଓଡ଼ିଶାବାସୀଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ ଓ ସେଥିରୁ ଓଡ଼ିଶାର କ'ଣ ଲାଭ ହେବ ବୋଲି ପ୍ରଶ୍ନ କରି ଏହି ଗସ୍ତକୁ ଆସନ୍ତାକାଲି ବିରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ଓ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା ଓ ବିଚାରବିମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଅଭିଯାନ ପକ୍ଷରୁ କୁହାଯାଇଛି। ଆସନ୍ତାକାଲି ମାଷ୍ଟର କ୍ୟାଣ୍ଟିନ ଛକରେ ବିରୋଧ ପ୍ରଦର୍ଶନ କରାଯିବ। ସେହିପରି ଆସନ୍ତା ୨୭ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ କନକତୋରା, ସମ୍ବଲପୁର, ବିନିକା, ସୋନପୁର, ଆଠମଲ୍ଲିକ, ବାଙ୍କୀ, ବୈଦେଶ୍ୱର, କଟକ, ପାରାଦ୍ୱୀପ ଆଦି ସ୍ଥାନରେ ମଧ୍ୟ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ପ୍ରଦର୍ଶନ କରିବା ସହ ସହ ବାଲି ସତ୍ୟାଗ୍ରହ କରିବ ବୋଲି ଅଭିଯାନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

ସେହିଭଳି ଦୟା ନଦୀରେ ଏକ ବ୍ୟାରେଜ ନିର୍ମାଣକୁ ନେଇ ଚିନ୍ତା ବ୍ୟକ୍ତ କରିଛି ମହାନଦୀ ବଞ୍ଚାଅ ଅଭିଯାନ। ଏହାଦ୍ୱାରା ତଳ ମୁଣ୍ଡରେ ନଦୀର ଅବସ୍ଥା ଶୋଚନୀୟ ହୋଇପଡ଼ିବ। ନଦୀରୁ ଉଠୁଥିବା ବାଲି ଓ ମାଟିକୁ ମାଫିଆମାନେ ବୋହିନେଉଛନ୍ତି, ଯାହା ନଦୀ ଏବଂ ଅଞ୍ଚଳବାସୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଆସନ୍ତା ୨୭ ତାରିଖରେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ସେହି ଅଞ୍ଚଳ ଗସ୍ତ କରି ସ୍ଥାନୀୟ ସମସ୍ୟାର ଅନୁଧ୍ୟାନ କରିବା ସହ ପ୍ରକଳ୍ପର ସମସ୍ତ ତଥ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି ବୋଲି ପ୍ରସନ୍ନ ବିଷୋୟୀ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



### ୧୧ ଲକ୍ଷ ସ୍କୋୟାରଫିଟ୍ ପରିବ୍ୟାପ୍ତ

# ଦ୍ୱିତୀୟ ସର୍ବବୃହତ ଅଫିସ୍ ଖୋଲିଲା ଆମାଜନ



**ବେଙ୍ଗାଲୁରୁ,୨୫।୨:** ଇ-କମର୍ସ କମ୍ପାନୀ ଆମାଜନ ଫେବୃଆରୀ ୨୩ ତାରିଖରେ ବେଙ୍ଗାଲୁରୁର ଉପକଣ୍ଠରେ ଥିବା କାଟିଗେନାହାଲ୍ଲିରେ ଏସିଆର ଦ୍ୱିତୀୟ ସର୍ବବୃହତ ଅଫିସ୍ ଖୋଲିଛି। ୧୧ ଲକ୍ଷ ସ୍କୋୟାର ଫିଟ୍ ପରିବ୍ୟାପ୍ତ ଏହି ୧୨ ମହଲା ବିଶିଷ୍ଟ କ୍ୟାମ୍ପସରେ ଅନେକ ଅତ୍ୟାଧୁନିକ ସୁବିଧା ରହିଛି। ଏହି କାର୍ଯ୍ୟାଳୟରେ ଇ-କମର୍ସ, ଅପରେସନ୍ସ, ପେମେଣ୍ଟ, ଟେକ୍ନୋଲୋଜୀ ଓ ସେଲର ସର୍ଭିସେସ୍ ଭଳି ବିଭାଗରେ ୭,୦୦୦ ରୁ ଅଧିକ କର୍ମଚାରୀ ଏକା ସାଂଗରେ କାମ କରିବେ। ୨୦୩୦ ସୁଦ୍ଧା ଆଉ₹୩.୨୦ ଲକ୍ଷ କୋଟି ନିବେଶ କରିବା। କମ୍ପାନୀ ଆମାଜନର ଏହି ନୂଆ କ୍ୟାମ୍ପସ୍ ପ୍ରାୟ ୫ ଏକର ଜମିରେ ତିଆରି ହୋଇଛି। ଆମାଜନର ଗ୍ଲୋବାଲ୍ ଆଫେୟାର୍ସ ଏବଂ ଲିଗାଲ୍ ଅଫିସର ଡେଭିଡ୍ ଜାପୋଲସ୍କି କହିଛନ୍ତି ଯେ ଭାରତରେ ଟେକ୍ନୋଲୋଜୀ ଅପଣାଇବାର ଗତି ଏବଂ ଏଆଇ ପ୍ରତି ଯେପରି ଉତ୍ସାହ ରହିଛି ବିଶ୍ୱର ଅନ୍ୟ କୌଣସି ଦେଶରେ ନାହିଁ। ସେ କହିଛନ୍ତି ଯେ ଆମାଜନ ଏପର୍ଯ୍ୟନ୍ତ ଭାରତରେ ଏହାର ସମସ୍ତ ବ୍ୟବସାୟରେ ୪୦ ବିଲିୟନ ଡଲାର (ପ୍ରାୟ ୩.୬୦ ଲକ୍ଷ କୋଟି ଟଙ୍କା) ନିବେଶ କରିସାରିଛି। କମ୍ପାନୀ ୨୦୩୦ ସୁଦ୍ଧା ଅତିରିକ୍ତ ୩୫ ବିଲିୟନ ଡଲାର (ପ୍ରାୟ ୩.୨୦ ଲକ୍ଷ କୋଟି ଟଙ୍କା) ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି। ଡେଭିଡ୍ ଜାପୋଲସ୍କି ଆହୁରି କହିଛନ୍ତି ଯେ ଭାରତର ଦ୍ରୁତ ଗତିଶୀଳ ସହରଗୁଡ଼ିକ ପାଇଁ ଡିଜାଇନ୍ କରାଯାଇଥିବା କ୍ୱିକ୍ କମର୍ସ ଆଉଟଲେଟ୍ ଆମାଜନ ନାଓଁ ବହୁତ ସଫଳ ହୋଇଛି। କମ୍ପାନୀ ଏବେ ଏହି ଭାରତୀୟ ମଡେଲକୁ ମଧ୍ୟପ୍ରାଚ୍ୟ, ଉତ୍ତର ଆମେରିକା, ୟୁରୋପ ଏବଂ ଲାଟିନ୍ ଆମେରିକା ଭଳି ବଜାରରେ ବିସ୍ତାର କରୁଛି ବୋଲି ସେ କହିଛନ୍ତି। ବେଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ନବସୃଜନକେନ୍ଦ୍ର (ଗ୍ଲୋବାଲ ଇନୋଭେସନ ହବ) ଭାବରେ ଉଭା ହୋଇଛି:ମନ୍ତ୍ରୀ ଏମବି ପାଟିଲ କର୍ଣ୍ଣାଟକର ଭାରୀ ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରୀ ଏମ.ବି. ପାଟିଲ ମଧ କ୍ୟାମ୍ପସ ଉଦଘାଟନ ଉତ୍ସବରେ ଯୋଗ ଦେଇଥିଲେ। ସେ କହିଥିଲେ ଯେ ବେଙ୍ଗାଲୁରୁରେ ଆମାଜନର ନିରନ୍ତର ନିବେଶ ଏକ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କେନ୍ଦ୍ର ଭାବରେ ଭାରତର ବଢୁଥିବା ଶକ୍ତିକୁ ପ୍ରଦର୍ଶନ କରୁଛି। ସେ କହିଥିଲେ ଯେ ଏତେ ବଡ଼ କ୍ୟାମ୍ପସ କେବଳ ନିଯୁକ୍ତି ସୃଷ୍ଟି କରେ ନାହିଁ ବରଂ ସ୍ଥାନୀୟ ଇକୋସିଷ୍ଟମ ଏବଂ ଦେଶର ଡିଜିଟାଲ୍ ଅର୍ଥନୀତିକୁ ମଧ ସୁଦୃଢ଼ କରେ।



# ଗରିବ ପରିବାରକୁ ମିଳିବ ମାଗଣା ଗ୍ୟାସ୍ ସିଲିଣ୍ଡର

**ଦିଲ୍ଲୀ/ଲକ୍ଷ୍ନୌ,୨୫।୨:** ପାଖେଇ ଆସୁଛି ରଙ୍ଗର ପର୍ବ ହୋଲି । ଏହି ଅବସରରେ ସାଧାରଣ ଜନତାଙ୍କୁ ମହଙ୍ଗା ମାଡ଼ରୁ ରକ୍ଷା କରିବା ପାଇଁ ସରକାର ଏକ ବଡ଼ ଘୋଷଣା କରିଛନ୍ତି । ବିଶେଷ କରି ଦିଲ୍ଲୀ ଏବଂ ଉତ୍ତରପ୍ରଦେଶର ଗରିବ ପରିବାରଙ୍କୁ ରୋଷେଇ ଗ୍ୟାସ୍ ଉପରେ ଏକ ବଡ଼ ଆଶ୍ୱସ୍ତି ମିଳିବାକୁ ଯାଉଛି । ଉଭୟ ସରକାର ନିଜ ନିଜ ରାଜ୍ୟର ଯୋଗ୍ୟ ହିତାଧିକାରୀଙ୍କ ପାଇଁ ମାଗଣା ସିଲିଣ୍ଡର ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦିଲ୍ଲୀ ସରକାର ହୋଲି ଏବଂ ଦୀପାବଳି ଅବସରରେ ଗରିବ ପରିବାରକୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଚଳିତ ହୋଲିରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୮୫୩ ଟଙ୍କା ପଠାଯିବ । ଏହି ସୁବିଧା କାହାକୁ ମିଳିବ ଆସନ୍ତୁ ଜାଣିବା । ପ୍ରାୟ ୧୭.୫ ଲକ୍ଷ ବୈଧ ରାସନ କାର୍ଡଧାରୀ ପରିବାର ଏହି ସୁବିଧା ପାଇବେ । ଯେଉଁମାନଙ୍କ ଘରେ ପାଇପଲାଇନ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ଅଛି, ସେମାନେ ମଧ୍ୟ ଏହି ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବେ । ତେବେ ଏଥିରୁ କିଏ କିଏ ବାଦ ପଡ଼ିବେ ? ସରକାରୀ କର୍ମଚାରୀ, ପେନସନଭୋଗୀ ଏବଂ ରାସନ କାର୍ଡ ନଥିବା ବ୍ୟକ୍ତିଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି । ଉତ୍ତରପ୍ରଦେଶରେ 'ଉଜ୍ଜ୍ୱଳା' ହିତାଧିକାରୀଙ୍କୁ ମାଗଣା ସିଲିଣ୍ଡର: ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ମଧ୍ୟ ମହିଳାମାନଙ୍କ ପାଇଁ ଖୁସି ଖବର ଆଣିଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ପଞ୍ଜିକୃତ ହୋଇଥିବା ରାଜ୍ୟର ସମସ୍ତ ମହିଳାମାନେ ହୋଲି ଅବସରରେ ଏକ ମାଗଣା ଗ୍ୟାସ୍ ସିଲିଣ୍ଡର ପାଇବେ । ଏହି ନିଷ୍ପତ୍ତି ଦ୍ୱାରା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ମହିଳାମାନେ ବିଶେଷ ଉପକୃତ ହେବେ ।

# ଫୋନ୍‌ରୁ ସିମକାର୍ଡ କାଢ଼ିବା ମାତ୍ରେ କାମ କରିବନି ହ୍ୱାଟସଆପ୍

**ନୂଆଦିଲ୍ଲୀ,୨୫।୨:** ଏଣିକି ଫୋନରୁ ସିମକାର୍ଡ କାଢ଼ିବା ମାତ୍ରେ କାମ କରିବା ବନ୍ଦ କରିଦେବ ହ୍ୱାଟ୍ସଆପ୍ । ହ୍ୱାଟ୍ସଆପ୍ ପ୍ଲାଟଫର୍ମ ସିମ୍ ବାଇଣ୍ଡିଂ ସେବା ଯୋଡିଛି ଏବଂ ସଦ୍ୟତମ ବିଟା ଅପଡେଟରେ ଏହାର ପରୀକ୍ଷଣ ଆରମ୍ଭ ହୋଇଛି। ଏହି ସୂଚନା ୱାବେଟାଇନଫୋ ଦ୍ୱାରା ସେୟାର କରାଯାଇଛି। ସାଇବର ଠକେଇକୁ ରୋକିବା ପାଇଁ, ଭାରତ ସରକାରଙ୍କ ଯୋଗାଯୋଗ ବିଭାଗ ଅଧିକାଂଶ ଓଟିଟି ଆପ୍ ପାଇଁ ସିମ୍-ବାଇଣ୍ଡିଂ ନିୟମ ଘୋଷଣା କରିଛି। ୱାବେଟାଇନଫୋ ପୋଷ୍ଟ କରିଛି ଯେ, ମେସେଜିଂ ଆପ୍ ସିମ୍ ବାଇଣ୍ଡିଂ ନାମକ ଏକ ନୂତନ ନିୟମ ସହିତ କାମ କରିବା ଆରମ୍ଭ କରିଛି। ଏହା ନିଶ୍ଚିତ କରିବ ଯେ ହ୍ୱାଟ୍ସଆପ୍ ଆକାଉଣ୍ଟଗୁଡ଼ିକ ସୁରକ୍ଷିତ ରହିବେ ଏବଂ କେବଳ ସକ୍ରିୟ ସିମ୍ କାର୍ଡଗୁଡ଼ିକରେ କାମ କରିବ । ହ୍ୱାଟ୍ସଆପ୍ ବିଟାର ଆଣ୍ଡ୍ରଏଡ୍ ୨.୨୬.୮.୬ ଅପଡେଟ୍ ପ୍ରକାଶ କରିଛି ଯେ ଏହା ଭାରତର ବାଧ୍ୟତାମୂଳକ ସିମ୍ ଲିଙ୍କିଂ ନିୟମ ଉପରେ କାମ କରୁଛି। ସିମ୍ ବାଇଡିଂ ନିୟମ କ'ଣ?
ସିମ୍-ବାଇଣ୍ଡିଂ ଏଭଳି ଏକ ସେବା ଯାହା ଯେ କୌଣସି ମେସେଜିଂ କିମ୍ବା ଯୋଗାଯୋଗ ଆପ୍ କେବଳ ପଞ୍ଜିକୃତ ନମ୍ବର ସହିତ ଜଡିତ ସିମ୍ କାର୍ଡ ସହିତ କାମ କରିବାକୁ ଅନୁମତି ଦିଏ। ଯଦି ସ୍ମାର୍ଟଫୋନରୁ ସିମ୍ କାଢ଼ି ଦିଆଯାଏ କିମ୍ବା ବଦଳାଇ ଦିଆଯାଏ ତେବେ ହ୍ୱାଟ୍ସଆପ୍ ମଧ କାମ କରିବା ବନ୍ଦ କରିଦେବ । ୟୁପିଆଇ ଆପ୍ସରେ ସିମ୍ ବାଇଣ୍ଡିଂ ପୂର୍ବରୁ ସମର୍ଥିତ। ୱାବେଟାଇନଫୋ ସ୍କ୍ରିନସଟ୍ ଜାରି କରିଛି, ଯାହା ପୋଷ୍ଟରେ ଦେଖାଯାଇପାରିବ। ଭାରତରେ ନୂତନ ନିୟମ ପାଳନ କରିବା ପାଇଁ ଇନଷ୍ଟାଣ୍ଟ ମେସେଜିଂ ଆପ୍ ବୈଷୟିକ ପଦକ୍ଷେପ କାର୍ଯ୍ୟକାରୀ କରିବ। ବର୍ତ୍ତମାନ, ୟୁଜରମାନେ ସମୟ ସମୟରେ ୬-ଅଙ୍କ ବିଶିଷ୍ଟ ଯାଞ୍ଚ କୋଡ୍ ପ୍ରବେଶ କରି ହ୍ୱାଟସଆପ୍ ବ୍ୟବହାର କରିପାରୁଛନ୍ତି। ଲଗ୍ ଇନ୍ ହେବା ପରେ, ସିଷ୍ଟମ୍ ଆଉ ସିମ୍ ସକ୍ରିୟ ଅଛି କି ନାହିଁ ଯାଞ୍ଚ କରିବ ନାହିଁ। ସିମ୍ ବାଇଣ୍ଡିଂ ସହିତ ଏହା ଘଟିବ ନାହିଁ। ଭାରତ ସରକାରଙ୍କ ଦୂରସଂଚାର ବିଭାଗ ଅନୁଯାୟୀ, ସିମ୍ ବାଇଣ୍ଡିଂ ସିଷ୍ଟମ୍ ବିଚ୍ଛିନ୍ନ କିମ୍ବା ପୁନଃବିକ୍ରି ହୋଇଥିବା ଫୋନ୍ ନମ୍ବରଗୁଡ଼ିକର ଅପବ୍ୟବହାରକୁ ରୋକିବା ପାଇଁ ଉଦ୍ଦିଷ୍ଟ। ଏହା ସାଇବର ସ୍କାମରମାନଙ୍କୁ ରୋକିବାରେ ମଧ ସାହାଯ୍ୟ କରିବ।




# ଚୀନର ଅଭିଯୋଗ ପରେ ଭାରତ ବିରୁଦ୍ଧରେ ପ୍ୟାନେଲ ଗଠନ କଲା ଡବ୍ଲୁଟିଓ ସଂଗଠନ




**ନୂଆଦିଲ୍ଲୀ:** ଭାରତ ବିରୁଦ୍ଧରେ ଚୀନର ଅଭିଯୋଗକୁ ଗ୍ରହଣ କଲା ବିଶ୍ୱ ବାଣିଜ୍ୟ ସଂଗଠନ। ଅଟୋମୋଟିଭ୍ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତର ପଦକ୍ଷେପକୁ ନେଇ ଚୀନ ଯେଉଁ ଅଭିଯୋଗ କରିଥିଲା, ତା ଉପରେ ଡବ୍ଲୁଟିଓ କାର୍ଯ୍ୟାନୁଷ୍ଠାନ ନେଇଛି। ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ମଙ୍ଗଳବାର ବିଶ୍ୱ ବାଣିଜ୍ୟ ସଂଗଠନର ବିବାଦ ସମାଧାନ ସଂସ୍ଥା ଏନେଇ ଭାରତ ବିରୁଦ୍ଧରେ ଏକ ପ୍ୟାନେଲ ଗଠନ କରିଛି। ଡବ୍ଲୁଟିଓର ତତ୍ତ୍ୱାବଧାନରେ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଦୁଇ ଦେଶ ସମାଧାନ କରିବାରେ ବିଫଳ ହେବା ପରେ ପ୍ୟାନେଲ ଗଠନ କରାଯାଇଛି। ଗତ ବର୍ଷ ଅକ୍ଟୋବରରେ, ବେଜିଂ ଅଭିଯୋଗ କରିଥିଲା ଯେ ଉନ୍ନତ ରସାୟନ ସେଲ୍ ବ୍ୟାଟେରୀ, ଅଟୋମୋବାଇଲ୍ ଏବଂ ବୈଦ୍ୟୁତିକ ଯାନବାହାନ ନିର୍ମାଣକୁ ପ୍ରୋତ୍ସାହିତ କରିବା ନୀତି ପାଇଁ ଭାରତର ପ୍ରଡକ୍ସନ ଲିଙ୍କ୍ ଇନସେଣ୍ଟିଭ୍ (ପିଏଲ୍‌ଆଇ) ଯୋଜନାରେ କିଛି ସର୍ତ୍ତ ଚୀନ୍ ସାମଗ୍ରୀ ପ୍ରତି ପକ୍ଷପାତିତା କରି ବିଶ୍ୱ ବାଣିଜ୍ୟ ନିୟମକୁ ଉଲ୍ଲଂଘନ କରୁଛି। ଚୀନର ଦ୍ୱିତୀୟ ଅନୁରୋଧରେ, ବିବାଦ ସମାଧାନ ସଂସ୍ଥା (ଡବ୍ଲୁଟିଓ) ଏହାର ବୈଠକରେ ଅଟୋମୋଟିଭ୍ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ କିଛି ଭାରତୀୟ ପଦକ୍ଷେପ ଯାଞ୍ଚ କରିବା ପାଇଁ ଏକ ପ୍ୟାନେଲ ପ୍ରତିଷ୍ଠା କରିବାକୁ ରାଜି ହୋଇଛି ବୋଲି ଜେନେଭାସ୍ଥିତ ଅଧିକାରୀ କହିଛନ୍ତି। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ) ସହ କରାଯାଇଥିବା ଆଲୋଚନାରେ, ଚୀନ୍ କହିଛି ଯେ ପାରସ୍ପରିକ ସହମତ ସମାଧାନ ପାଇଁ ୨୫ ନଭେମ୍ବର, ୨୦୨୫ ଏବଂ ୬ ଜାନୁଆରୀ, ୨୦୨୬ ଆଲୋଚନା ହୋଇଥିଲା। ଦୁର୍ଭାଗ୍ୟବଶତଃ, ସେହି ପରାମର୍ଶଗୁଡ଼ିକ ବିବାଦର ସମାଧାନ କରିବାରେ ବିଫଳ ହୋଇଥିଲା। ଡବ୍ଲୁଟିଓ ନିୟମ ଅନୁଯାୟୀ ବିବାଦ ସମାଧାନ ପ୍ରକ୍ରିୟାର ପ୍ରଥମ ପଦକ୍ଷେପ ହେଉଛି ପରାମର୍ଶ ଲୋଡ଼ିବା। ଯଦି ଅଭିଯୋଗକାରୀଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ପରାମର୍ଶ ଏକ ସନ୍ତୋଷଜନକ ସମାଧାନରେ ପରିଣତ ନହୁଏ, ତେବେ ଅଭିଯୋଗକାରୀ ସେ ଉଠାଯାଇଥିବା ପ୍ରସଙ୍ଗର ନିଷ୍ପତ୍ତି ନେବା ପାଇଁ ଏକ ପ୍ୟାନେଲ ଗଠନ କରିବାକୁ ଡବ୍ଲୁଟିଓକୁ ଅନୁରୋଧ କରିପାରିବେ। ଭାରତ ଏବଂ ଚୀନ୍ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ର ସଦସ୍ୟ। ଯଦି କୌଣସି ସଦସ୍ୟ ଦେଶ ଅନୁଭବ କରେ ଯେ ଅନ୍ୟ ସଦସ୍ୟ ରାଷ୍ଟ୍ରର କୌଣସି ସମର୍ଥିତ ନୀତି କିମ୍ବା ଯୋଜନା ଏହାର କିଛି ସାମଗ୍ରୀର ରପ୍ତାନିକୁ କ୍ଷତି ପହଞ୍ଚାଉଛି, ତେବେ ସେ ଡବ୍ଲୁଟିଓର ବିବାଦ ସମାଧାନ ବ୍ୟବସ୍ଥା ଅଧୀନରେ ଅଭିଯୋଗ ଦାଖଲ କରିପାରିବେ। ଚୀନ୍ ହେଉଛି ଭାରତର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟିକ ଅଂଶୀଦାର। ଗତ ଆର୍ଥିକ ବର୍ଷରେ, ଭାରତର ଚୀନକୁ ରପ୍ତାନି ୧୪.୫ ପ୍ରତିଶତ ହ୍ରାସ ପାଇ ୧୪.୨୫ ବିଲିୟନ ଡଲାର ହୋଇଛି। ଯାହା୨୦୨୩-୨୪ ରେ ୧୬.୬୬ ବିଲିୟନ ଡଲାର ଥିଲା। ତଥାପି, ୨୦୨୪-୨୫ ଆର୍ଥିକ ବର୍ଷରେ ଆମଦାନୀ ୧୧.୫୨ ପ୍ରତିଶତ ବୃଦ୍ଧି ପାଇ ୧୧୩.୪୫ ବିଲିୟନ ଡଲାର ହୋଇଛି, ଯାହା ୨୦୨୩-୨୪ରେ ୧୦୧.୭୩ ବିଲିୟନ ଡଲାର ଥିଲା। ୨୦୨୪-୨୫ ମଧ୍ୟରେ ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ ୯୯.୨ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି।

# ଇଏସଆଇସି ୭୫ ତମ ଫାଉଣ୍ଡେସନ ଦିବସ

**ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ):** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି), ଆଞ୍ଚଳିକ କାର୍ଯ୍ୟାଳୟ, ଓଡିଶା ପକ୍ଷରୁ ଏହାର ୭୫ତମ ସ୍ଥାପନା ଦିବସ (ପ୍ଲାଟିନମ୍ ଜୟନ୍ତୀ) ଉତ୍ସାହ ଓ ଗର୍ବର ସହିତ ପାଳନ କରାଯାଇଛି। ବୀମାଭୁକ୍ତ ବ୍ୟକ୍ତି ଓ ସେମାନଙ୍କ ପରିବାରଙ୍କୁ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ଯାତ୍ରାରେ ଇଏସଆଇସି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଏମ୍. ଏବଂ ଆଇ.ଆର୍. ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ଼ା. ବିଜୟ କୁମାର ସୁନ୍ଦରାୟ, ଇଏସଆଇସିର ପୂର୍ବତନ ଏସ୍.ଏମ୍.ସି. (ଅବସରପ୍ରାପ୍ତ) ଡ଼ା. ଆର୍. କେ. ପାଢ଼ି, ନାଲକୋର ସଭାପତି ଶ୍ରୀ ମଦନ ମୋହନ ଧଳ, ଓଡ଼ିଶା ରାଜ୍ୟ ନିର୍ମାଣ ମଜଦୁର ମହାସଂଘର ସଭାପତି ଶ୍ରୀ ମନୋଜ ବସନ୍ତରାଇ ଏବଂ ଇଏସଆଇ ଯୋଜନାର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଜେ.ଜେ. ପତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଅନ୍ୟାନ୍ୟ ପ୍ରମୁଖ ହିତାଧିକାରୀ ଓ ବିଭାଗୀୟ ଅଧିକାରୀମାନେ ମଧ ଏହି ପ୍ଲାଟିନମ୍ ଜୟନ୍ତୀ ଉତ୍ସବରେ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ଇଏସଆଇସି ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ରୁଦ୍ରଦୀପ ଦତ୍ତ ନିଗମର ପ୍ରମୁଖ ଲାଭ ଓ ସେବା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆରମ୍ଭରୁ ଇଏସଆଇସି ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ପାଇଁ ଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଗଠନରେ ଅଗ୍ରଣୀ ଭୂମିକା ନିଭାଇଆସୁଛି। ଏହି ଅବସରରେ ସ୍ଥାୟୀ ଅକ୍ଷମତା ଲାଭ ପ୍ରାପ୍ତକର୍ତ୍ତା, ନିର୍ଭରଶୀଳ ଲାଭ ପ୍ରାପ୍ତକର୍ତ୍ତା, ବୀମାଭୁକ୍ତ ବ୍ୟକ୍ତି, ପ୍ରମୁଖ ନିଯୁକ୍ତିଦାତା ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ହିତାଧିକାରୀ ଓ ପ୍ରମୁଖ ନିଯୁକ୍ତିଦାତାମାନେ ଇଏସଆଇସି ଦ୍ୱାରା ପ୍ରଦାନ କରାଯାଉଥିବା ସେବା ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ଲାଟିନମ୍ ଜୟନ୍ତୀ ଉତ୍ସବର ଅଂଶରୂପେ ୧୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଏକ ବିଶେଷ ସେବା ପକ୍ଷ ପାଳନ କରାଯିବ। ଏହାର ଅନ୍ତର୍ଗତ ସେମିନାର/ ଜାଗୃତି ଶିବିର, ସ୍ୱଚ୍ଛତା ଅଭିଯାନ, କର୍ମଚାରୀ/ନିର୍ଭରଶୀଳ ଓ ନିଯୋଜକମାନଙ୍କ ପାଇଁ ସୁବିଧା ସମାଗମ, ପ୍ରତିରୋଧକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହିତ ଯୋଗ ଓ ଆୟୁଷ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହେବ।

# ବ୍ୟବସାୟ ପ୍ରତି ମୁହଁ ମୋଡୁଛନ୍ତି କମ୍ପାନୀ, ନ୍ୟାସଲେ ବିକ୍ରି କରିବ ବିଜ୍‌ନେଶ

**ନୂଆଦିଲ୍ଲୀ:** ଧୀରେ ଧୀରେ କମୁଛି ଆଇସକ୍ରିମ ବ୍ୟବସାୟ। ବଡ଼ ବଡ଼ କମ୍ପାନୀଗୁଡ଼ିକ ଏବେ ଏହି ବ୍ୟବସାୟ ପ୍ରତି ମୁହଁ ମୋଡ଼ିଲେଣି। ବିଶ୍ୱର ସର୍ବବୃହତ ଖାଦ୍ୟ ଏବଂ ପାନୀୟ କମ୍ପାନୀ ନେସଲେ ମଧ ଏହାର ଆଇସକ୍ରିମ ବ୍ୟବସାୟକୁ ବିକ୍ରି କରିବାକୁ ବାହାରିଛି। କମ୍ପାନୀ ପୂର୍ବରୁ ଏହାର ଆଇସକ୍ରିମ ବ୍ୟାବସାୟର କିଛି ଶେୟାର ବିକ୍ରି କରି ସାରିଥିଲା।
ଆଉ ଏବେ ଅବଶିଷ୍ଟ ଶେୟାରକୁ ଜଏଣ୍ଟ ଭେଞ୍ଚରରେ ପାର୍ଟନର ଥିବା ଫ୍ରୋନେରିକୁ ବିକ୍ରି କରିବାକୁ ଚାହୁଁଛି। ଏନେଇ ଦୁଇ କମ୍ପାନୀ ମଧ୍ୟରେ ଆଲୋଚନା ଜାରି ରହିଛି। ଏଇ କିଛି ବର୍ଷ ହେବ ବିଶ୍ୱ ଏଫଏମସିଜି କ୍ଷେତ୍ରରେ ଏକ ଏହି ଧାରା ପରିଲକ୍ଷିତ ହେଉଛି। ବଡ଼ ବଡ଼ କମ୍ପାନୀଗୁଡ଼ିକର ସେମାନଙ୍କ ଆଇସକ୍ରିମ ବ୍ୟବସାୟ ପ୍ରତି ମୋହ ଭଙ୍ଗ ହେଉଛନ୍ତି। ଯେଉଁଥିରେ ନେସ୍ଲେ ବି ସାମିଲ୍ ହୋଇଛି। ନେସଲ କରିବାକୁ ଯାଉଥିବା ଡିଲ୍‌ରେ କମ୍ପାନୀର ହାଗେନ ଡାଜ୍ ଓ ଡ୍ରମଷ୍ଟିକ ଭଳି ବ୍ରାଣ୍ଡ ମଧ ରହିଛି। ଯାହାର ମୋଟ ଭାଲ୍ୟୁ ୧.୩ ବିଲିଅନ ଡଲାର (ପାଖାପାଖି ୧୧ ହଜାର କୋଟି ଟଙ୍କା) ଆକଳନ କରାଯାଇଛି। ନେସଲେ ଏହି ବ୍ରାଣ୍ଡଗୁଡ଼ିକୁ ନିଜ ପାର୍ଟନର ଫ୍ରୋନେରିକୁ ବିକ୍ରି କରିବାକୁ ଚାହୁଁଛି। କିନ୍ତୁ କମ୍ପାନୀ ଜଏଣ୍ଟ ଭେଞ୍ଚରରେ ରହିବାକୁ ଚାହୁଁଛି।

# କମିବ ଖାଇବା ତେଲ ଦର!



**ନୂଆଦିଲ୍ଲୀ,୨୫।୨:** ବର୍ତ୍ତମାନର ମହଙ୍ଗା ଯୁଗରେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ଖୁସି ଖବର ଦେଇଛନ୍ତି। କ୍ରମାଗତ ଭାବରେ ବର୍ଦ୍ଧିତ ମୂଲ୍ୟ ହେତୁ ଚିନ୍ତାରେ ଥିବା ଗ୍ରାହକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ, ଅଶୋଧିତ ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂଆ ନିୟମ ୩୧ ମେରୁ ସାରା ଦେଶରେ କାର୍ଯ୍ୟକାରୀ ହେବ। କେନ୍ଦ୍ର ଏ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିସାରିଛି। ଯାହା ଫଳରେ ଆଗାମୀ ଦିନରେ ତେଲର ମୂଲ୍ୟରେ ଯଥେଷ୍ଟ ହ୍ରାସ ହେବାର ସମ୍ଭାବନା ରହିଛି। ବର୍ତ୍ତମାନର ନିୟମ ଅନୁଯାୟୀ, ଅଶୋଧିତ ପାମ୍ ତେଲ, ଅଶୋଧିତ ସୋୟାବିନ୍ ତେଲ ଓ ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ୨୦ ପ୍ରତିଶତ ଆମଦାନୀ ଟିକସ ଲାଗୁ ହେବ। ବର୍ତ୍ତମାନ, ଏହି ଟିକସକୁ ଅଧା କରି ୧୦ ପ୍ରତିଶତ କରାଯାଇଛି। ଭାରତ ତାର ରନ୍ଧନ ତେଲ ଆବଶ୍ୟକତାର ୧୦ ପ୍ରତିଶତ ପର୍ଯ୍ୟନ୍ତ ଅନ୍ୟ ଦେଶ ଉପରେ ନିର୍ଭର କରେ। ଏହାର ମୁଖ୍ୟ କାରଣ ହେଉଛି ଆମ ଦେଶରେ ତୈଳବୀଜର କମ୍ ଉତ୍ପାଦନ। ବିଦେଶରୁ ଅଶୋଧିତ ତେଲ ଉପରେ ଟିକସ ହ୍ରାସ ସ୍ଥାନୀୟ ବଜାରରେ ମୂଲ୍ୟ ହ୍ରାସ କରିବ। ଆମ ଦେଶ ମୁଖ୍ୟତଃ ଇଣ୍ଡୋନେସିଆ, ମାଲେସିଆ ଓ ଥାଇଲ୍ୟାଣ୍ଡରୁ ପାମ୍ ଓଏଲ ଆମଦାନୀ କରେ। ଆମେ ସୂର୍ଯ୍ୟମୁଖୀ ତେଲ ପାଇଁ ଆର୍ଜେଣ୍ଟିନା, ବ୍ରାଜିଲ, ରୁଷ ଓ ୟୁକ୍ରେନ ଭଳି ଦେଶ ଉପରେ ମଧ ନିର୍ଭର କରୁ। ଆମଦାନୀ ଶୁଳ୍କ ହ୍ରାସ ସହିତ, ଏହି ତିନି ପ୍ରକାରର ତେଲ ଉପରେ ମୋଟ ଟିକସ ବୋଝ ୨୭.୫ ପ୍ରତିଶତରୁ ୧୬.୫ ପ୍ରତିଶତକୁ ହ୍ରାସ ପାଇବ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୧,୮୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୮,୪୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୧,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୮,୪୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୬୧,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ଦର ୧,୪୮,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୬୨,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୮,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୨,୮୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୧,୮୯୦ ଓ ୧,୪୮,୪୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୫ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି ।

ବନ୍ଧୁକ ମୁନରେ ନବବଧୂ ଅପହରଣ ଘଟଣା

## ସମ୍ବଲପୁରରୁ ଧରାପଡ଼ିଲେ ପ୍ରେମିକ ସଞ୍ଜୀବ ଓ ନବବଧୂ ରଶ୍ମୀ



**ସୁବର୍ଣ୍ଣପୁର,୨୫।୨ (ସଂଚାର ବ୍ୟୁରୋ):** ସୋନପୁର ଜିଲ୍ଲା ତରଭା ଠାରେ ଘଟିଥିବା ଘଟଣା ବରକୁ ବନ୍ଧୁକ ଦେଖାଇ ନବବିବାହିତା ପ୍ରେମିକାକୁ ଅଧବାଟରୁ ଅପହରଣ କରିନେବା ଘଟଣାରେ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ କୁ ସଫଳତା ମିଳିଛି । ତରଭା ଥାନା ପୁଲିସ ସମ୍ବଲପୁରରୁ ଅଭିଯୁକ୍ତ ପ୍ରେମିକ ଓ ନବବିବାହିତା ଯୁବତୀଙ୍କୁ ଠାବ କରିବାରେ ସକ୍ଷମ ହୋଇଛି । ନବବଧୂ କୁ ଧରି ଫେରାର ମାରିବା ପରେ ସେମାନେ ସମ୍ବଲପୁର ଅଇଁଠାପାଲି ଥାନା ବୁଢ଼ାରଜା ପ୍ରଫେସର୍ କଲୋନୀରେ ଜଣେ ସମ୍ପର୍କୀୟ ଭାଇଙ୍କ ଘରେ ଲୁଚିଥିଲେ । ସୋନପୁର ପୁଲିସ ସମ୍ବଲପୁର ପୁଲିସକୁ ଯୋଗାଯୋଗ କରିବା ପରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଠାବ କରାଯାଇଥିଲା । ଗତକାଲି ବିଳମ୍ବିତ ରାତି ପ୍ରାୟ ୩ ଟା ବେଳେ ଅଇଁଠାପାଲି ପୁଲିସ ସହାୟତାରେ ତରଭା ପୁଲିସ ସେମାନଙ୍କୁ ଉକ୍ତ ଘରୁ ଉଠାଇ ଆଣିଥିଲା। ସେମାନଙ୍କ ଠାରୁ ପୁଲିସ ଗୋଟିଏ ସୁନା ହାର, ଗୋଟିଏ ସୁନା ଚେନ, ହଳେ କାନ ରିଙ୍ଗ, ହଳେ ରୁପା ଗୋଡ଼ ମୁଦି, ଗୋଟିଏ ମୋବାଇଲ ଜବତ କରିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନାର ରଶ୍ମି ପୁଟେଲ ଓ ତାଙ୍କ ପ୍ରେମିକ ସଞ୍ଜୀବ ସାହୁ (୩୬) ଙ୍କୁ ତରଭା ପୁଲିସ ଅଧିକ ପଚରାଉଚୁରା ଜାରି ରଖିଛି। ରଶ୍ମି ଓ ସଞ୍ଜୀବ ପରସ୍ପରକୁ ପ୍ରେମ କରୁଥିଲେ କିନ୍ତୁ ଘର ଲୋକ ସେମାନଙ୍କ ସଂପର୍କରେ ରାଜି ନହେବାରୁ ଅପହରଣର ନାଟକ ରଚିଥିବା ସଞ୍ଜୀବ କହିଛି ।

ସୂଚନାଯୋଗ୍ୟ, ଗତ ୨୨ତାରିଖ ବଲାଙ୍ଗିର ଜିଲ୍ଲାର କାମାକ୍ଷୀନଗରରୁ ହରିବନ୍ଧୁ ପୁଟେଲଙ୍କ କଣ୍ଟାମାଳ ଥାନା ବନ୍ଧପାଲିରେ ବିବାହ ସମ୍ପନ୍ନ ହେବା ପରେ ନବବଧୂଙ୍କୁ ସାଙ୍ଗରେ ଧରି ଘରକୁ ଫେରୁଥିଲେ। ଏହି ସମୟରେ ବାଟରେ ତରଭା ବଡ଼ବନ୍ଧ ନିକଟରେ ଗୋଟିଏ କାର୍‌ରେ ଚାଳକ ଓ ତିନିଜଣ ଯୁବକ ପହଞ୍ଚି ସିନେମା ଷ୍ଟାଇଲରେ ବନ୍ଧୁକ ଦେଖାଇ ଧମକଚମକ ଦେଇ ନବବିବାହିତା ରଶ୍ମିଙ୍କୁ ଅପହରଣ କରି ନେଇଥିଲେ । ମଙ୍ଗଳବାର ସନ୍ଧ୍ୟାରେ ଏ ନେଇ ତରଭା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍‌ପି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନାନୁଯାୟୀ, ରବିବାର ଭୋରରେ ଉକ୍ତ ଘଟଣା ଘଟିବା ପରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରି ଦେଇଥିଲା । ଏସପି ଶ୍ରୀ ନାଏକ ଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ଅନିତା କିଡୋଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଟିମ୍‌ରେ ତରଭା ଥାନାର ଏସ୍‌ଆଇ ପ୍ରସଂଜିତ୍ ବେହେରା, କନେଷ୍ଟବଳ କୈଳାସ ଭୋଇ, ଧନପତି ମୁଣ୍ଡା ଓ ସୀମା ବିଶ୍ୱାଳ ସାମିଲ ହୋଇଥିଲେ । ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ଓ ରଶ୍ମୀ କୁ ବୁଧବାର କୋର୍ଟଚାଲାଣ କରାଯିବ।

# ବେଆଇନ ଇଟାଭାଟି ଉପରେ ବୁଲିଲା ଜେସିବି

**କାକଟପୁର/ଅସ୍ତରଙ୍ଗ,୨୫।୨ (ସଂଚାର ବ୍ୟୁରୋ):** ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଅସାଧୁ ଇଟା ଭାଟି ମାଲିକ । ପୁରୀ ଜିଲ୍ଲା କାକଟପୁର ତହସିଲ ଅଞ୍ଚଳରେ ବେଧଡକ ଇଟା ଭାଟି ମାଲିକ । ଧୂଆଁରେ ପରିବେଷ ପ୍ରଦୂଷଣ ହେଉଛି। ଗ୍ରୀଷ୍ମ ଆରମ୍ଭ ରୁ ହିଁ ଗରମ ଏବଂ ଗୁଳୁଗୁଳି ରେ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇଯାଉଛି। ଯାହାକୁ ନେଇ ପୁରୀ ଜିଲ୍ଲା କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଆକ୍ସନ ମୋଡ଼ରେ।ବୁଧବାର ଅଚାନକ ସୁହାଗପୁର ପଂଚାୟତ ସୁହାଗପୁର ଓ ହାସିନପୁର ଅଂଚଳରେ ଥିବା ବେଆଇନି ଇଟା ଭାଟି ଭାଙ୍ଗି ମାଟିରେ ମିଶାଇଲେ ପ୍ରଶାସନ।

ଖବର ମୁତାବକ ଗ୍ରୀଷ୍ମଋତୁ ତେଣୁ ଇଟାଭାଟି ଗୁଡ଼ିକ ଯୋଗୁଁ ପ୍ରଦୂଷଣ ସହ ତାପମାତ୍ରା ପରିମାଣରେ ମଧ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ନିର୍ଦ୍ଦେଶ କ୍ରମେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଙ୍କ ଉପସ୍ଥିତ ରେ ବୁଧବାର ବାର ମଧ୍ୟାହ୍ନ ରେ ପୁଲିସ ଫୋର୍ସ ଓ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ସହଯୋଗରେ ଚଢ଼ାଉ କରି ସୁହାଗପୁର ପଂଚାୟତ ରେ



ଥିବା ୨ଗୋଟି ବେଆଇନ ଇଟାଭାଟି ଗୁଡିକୁ ଜେସିବି ସହାୟତା ଓ ଅଗ୍ନିଶମ ବାହିନୀ ମିଳିତ ଉଦ୍ୟମ ରେ ଭାଙ୍ଗି ନଷ୍ଟ କରାଯାଇଥିବା ସୂଚନା ମିଳିଛି।କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଏହି ଘଟଣା କୁ ନେଇ ପ୍ରତିକ୍ରିୟା ରେ କହିଛନ୍ତି ବେଆଇନି ଇଟା ଭାଟି ଚାଲୁଥିବା ଶହ ପ୍ରଦୂଷଣ ବିଭାଗର ନିୟମକୁ ଉଲ୍ଲଘନ କରି ସରକାରୀ ଜମି ରେ ବେଆଇନି ଭାବେ ଇଟା ପ୍ରସ୍ତୁତ କରୁଥିଲେ। ଆଗାମୀ ଦିନ ରେ ଅନ୍ୟ ସ୍ଥାନରେ ଥିବା ଇଟା ଭାଟି ଭଙ୍ଗାଯିବ। ଗଢିଉଠିଥିବା ବେଆଇନି ଇଟା ଭାଟିକୁ ତହସିଲଦାର ଅଙ୍କିତା ଅନିନ୍ଦିତା, ରାଜସ୍ୱ ନିରୀକ୍ଷକ କର୍ମରାଜ ମାଝୀ, କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ,ଅସ୍ତରଙ୍ଗ ଅଗ୍ନିଶମ ଷ୍ଟେସନଅଧିକାରୀ ପ୍ରହଲ୍ଲାଦ ରାୟ, କାକଟପୁର ଥାନା ପୁଲିସ ସମେତ ଏକ ପ୍ଲାଟୁନୁ ଫୋର୍ସ ଙ୍କ ଉପସ୍ଥିତିରେ ଅଗ୍ନିସଂଯୋଗ ହୋଇଥିବା ଇଟା ଭାଟିକୁ ଜେସିବି ସହାୟତା ରେ ଭଙ୍ଗା ଯାଇଥିଲା।

**ଖୁବ୍‌ଶୀଘ୍ର ବନ୍ଦ ହେବ ଅନ୍ୟ ଇଟାଭାଟି**

**ଆକ୍ସନ ମୁଡ଼ରେ କାକଟପୁର ତହସିଲଦାର**

ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଏବଂ ସରକାରୀ ନିୟମ କାନୁନକୁ ଉଲ୍ଲଂଘନ କରି ବ୍ୟବସାୟ ପାଇଁ ଇଟା ନିର୍ମାଣ ଚାଲିଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରାଜ୍ୟରେ ମାଟି ତିଆରି ଇଟା ଭାଟି ଉପରେ ନିଷେଧାଦେଶ ଜାରି କରିଛନ୍ତି। କେବଳ ଫ୍ଲାଇ ଆସରେ ଇଟା ନିର୍ମାଣକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଇଟାର ଚାହିଦା ମେଣ୍ଟାଇବା ପାଇଁ ଫ୍ଲାଇ ଆସ ଇଟା ନିର୍ମାଣକୁ ସରକାର ପ୍ରୋତ୍ସାହନ ଦେବାକୁ ସବୁଜ ସଙ୍କେତ ଦେଇଛନ୍ତି। ଏହା ପୂର୍ବରୁ ଜନବସତି ଠାରୁ ୧କିଲୋମିଟର ଏବଂ ସର୍ବସାଧାରଣ ଯାତାୟାତ କରୁଥିବା ରାସ୍ତାର ୫ଶହ ମିଟର ମଧ୍ୟରେ ଇଟାଭାଟି ସ୍ଥାପନ ଉପରେ ସରକାର କଟକଣା ଜାରି କରିବା ସହିତ କେବଳ ସ୍ଥାୟୀ ଚିମିନି ଥିବା ଇଟାଭାଟି ସ୍ଥାପନ ପାଇଁ ଆଇନ ପ୍ରଣୟନ କରିଛନ୍ତି। ବେଆଇନ ଇଟାଭାଟି ବୃଦ୍ଧି ପାଉଥିବାରୁ ସରାକାରଙ୍କ ରାଜସ୍ୱ ହାନୀ ହେଉଛି। ତେଣୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହି ଅନ୍ୟ ସବୁ ବେଆଇନି ଇଟା ଭାଟି ଭଙ୍ଗାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

## ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ, ଜନ ଆରୋଗ୍ୟ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ




**ବାରିପଦା,୨୫।୨ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ ଶହୀଦ୍ ସ୍ମୃତି ଭବନ, ବାରିପଦା ଠାରେ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ମୂଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ ।

"ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ବିଷୟରେ ଆଲୋଚନା କାଳରେ ଜିଲ୍ଲାପାଳ ଶ୍ରୀ ସୟ୍ ଶିଶୁମାତୃ ମୃତ୍ୟୁହାରକୁ ସର୍ବନିମ୍ନ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ବିଭିନ୍ନ ସଚେତନତା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଆଶା ଓ ଗାଁ କଲ୍ୟାଣ ସମିତିର ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଜିଲ୍ଲାର ଜଣେ ଶ୍ରେଷ୍ଠ ଆଶାଙ୍କୁ ୧୦,୦୦୦/-ଟଙ୍କା (ପ୍ରଥମ ପୁରସ୍କାର), ୪ଜଣ ଶ୍ରେଷ୍ଠ ଆଶା (ଦ୍ୱିତୀୟ) ପୁରସ୍କାର ୯୦୦୦/-ଟଙ୍କା, ଜଣେ ଶ୍ରେଷ୍ଠ ଆଶାଙ୍କୁ (ତୃତୀୟ ପୁରସ୍କାର), ୮୦୦୦/- ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରାଯିବ । ପ୍ରତ୍ୟେକ ୨୬ ଟି ଗାଁ କଲ୍ୟାଣ ସମିତିକୁ ୧୦୦୦୦/-ଟଙ୍କା ଏବଂ ୨୨ଟି ଜନଆରୋଗ୍ୟ ସମିତିକୁ ୧୩୦୦୦/- ଟଙ୍କା ବ୍ୟାଙ୍କ ଏକାଉଣ୍ଟକୁ ଦିଆଯାଇଛି । ସେହିପରି 'ଶ୍ରେଷ୍ଠ ଆଶା ପୁରସ୍କାର, ସୁସ୍ଥ ଗାଁ ପୁରସ୍କାର, ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ପୁରସ୍କାର ବିତରଣ କରାଯାଇଥିଲା ।

ଆଜିର ସମ୍ମିଳନୀର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ସୁନନ୍ଦା ମିଶ୍ର, ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରୀକା ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଟ) ଡାଃ ଶାନ୍ତନୁ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ) ଡାକ୍ତର ବି.କେ ଦାଶ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଏନ୍‌ଏଚ୍‌ଏମ) ଅନିଲ୍ କୁମାର ମହାନ୍ତି, ଶ୍ରୀରାମ ମହାନ୍ତି, ଅଜିତ କୁମାର କୁଅଁର, ସ୍ୱର୍ଣ୍ଣଲୀକା ମହାନ୍ତି, କହ୍ନେଇ ନାୟକ, ଧନୁରାମ ମୁର୍ମୁ ଉପସ୍ଥିତ ରହିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର ସମସ୍ତ ଆଶା, ଗାଁ କଲ୍ୟାଣ ସମିତି(ଅଙ୍ଗନୱାଡି ୱାର୍କର, ୱାର୍ଡ ମେମ୍ବର), ଜନ ଆରୋଗ୍ୟ ସମିତିର ସଦସ୍ୟବୃନ୍ଦ ଓ ସରପଞ୍ଚ ଯୋଗ ଦେଇଥିଲେ ।

## ଗୋପବନ୍ଧୁ ଛକରେ ଉଠା ଦୋକାନୀଙ୍କ ପାଇଁ ଟ୍ରାଫିକ ଜାମ



**ଯାଜପୁର ରୋଡ଼,୨୫।୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌର ସହରର ଗୋପବନ୍ଧୁ ଛକ ଠାରେ ଥିବା ରେଲୱେ ଗଳି ପୋଲରେ ଆଜି ଦିର୍ଘ ସମୟ ଧରି ଟ୍ରାଫିକ ସମସ୍ୟାକୁ ଲୋକମାନେ ଭୋଗୁଥିବା ଦେଖିବାକୁ ମିଳିଥିଲା। ଏହି ଛକ ଠାରେ ଅସ୍ଥାୟୀ ଭାବରେ ରେଲୱେ ଜାଗାରେ ବେପାର ବଣିଜ କରୁଥିବା କିଛି ଉଠାଦୋକାନୀ ମାନଙ୍କ ଦୋକାନ ସମ୍ମୁଖରେ ଗ୍ରାହକ ମାନଙ୍କ ଗାଡ଼ି ଓ ସେମାନଙ୍କ ଭିଡ଼ ଯୋଗୁଁ ଏହି ଛକରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଜନସାଧାରଣଙ୍କ ପାଇଁ ଉପୁଜିଥାଏ ବୋଲି ଦେଖିବାକୁ ମିଳିଥାଏ। ତେବେ ଏହି ଛକ ଦେଇ ଯଦି କେହି ଅସୁସ୍ଥ ବ୍ୟକ୍ତି ଯାଆନ୍ତି ଜାମର ବିଭିନ୍ନ ବାଧାବିଘ୍ନକୁ ସମ୍ମୁଖୀନ କରି ଅତିକ୍ରମ କରିଥାଆନ୍ତି। ତେଣୁ ଯାଜପୁର କେନ୍ଦୁଝର ରୋଡ଼ ରେଳଷ୍ଟେସନର ରେଲୱେ ପ୍ରଶାସନ ପକ୍ଷରୁ ଏପରି ସମସ୍ୟାର ସମାଧାନ ଦିଗପ୍ରତି ଧ୍ୟାନ ଦେବାକୁ ଅଂଚଳର ବୁଦ୍ଧିଜୀବୀ ମହଲ ତରଫରୁ ଦାବି କରାଯାଉଛି।

## ଜାତୀୟ ସବ୍‌ଜୁନିୟର ଭଲିବଲ୍ ଚାମ୍ପିୟନସିପ୍‌ରେ ଟିଏସ୍‌ଏଫ୍‌ର ୬ ଖେଳାଳି



**ମେରାମଣ୍ଡଳୀ,୨୫।୨(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ କ୍ରୀଡ଼ାବିତ୍ ସୃଷ୍ଟି କରିବା ଓ ଉତ୍ତମ ପ୍ରଶିକ୍ଷଣ ମାଧ୍ୟମରେ ଜାତୀୟସ୍ତରରେ ସେମାନଙ୍କ ପରିଚୟ ସୃଷ୍ଟି କରିବାରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ)। ପଶ୍ଚିମବଙ୍ଗରେ ଆୟୋଜିତ ଜାତୀୟ ସବ୍ ଜୁନିୟର ଭଲିବଲ୍ ଚାମ୍ପିୟନସିପ୍‌ରେ ଖେଳିବା ପାଇଁ ଓଡ଼ିଶା ଟିମ୍‌ରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟ ଆଖପାଖ ଗ୍ରାମର ୬ଜଣ ଯୁବ ଭଲିବଲ୍ ଖେଳାଳି ସାମିଲ ହୋଇଛନ୍ତି। ୨୪ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

ଓଡ଼ିଶା ଟିମ୍ ପାଇଁ ମନୋନୀତ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି, ପାଇକ ପୁରୁଣାକୋଟ ଗ୍ରାମର ସୋମ୍ୟା ସନ୍ଦୀପା ଗଡନାୟକ, ସ୍ୱାତୀ ଭୋଇ, ବାଦଲ ନାଏକ, ଗଛିଗାଡ଼ିଆର ଅରୁଷ ନାଏକ ଏବଂ ତାଳବାହାଳ ଗ୍ରାମର ରୋଜାଲିନ ନାଏକ ଓ ମିକି ନାଏକ। ଏହି ଖେଳାଳିମାନେ ପୂର୍ବରୁ ୧୪ ବର୍ଷରୁ କମ୍ ବର୍ଗର ଟିମ୍‌ରେ ସାମିଲ ହୋଇ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ। ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ୨୦୧୯ରେ ମାତ୍ର ୧୧ ଜଣ ଖେଳାଳିଙ୍କୁ ନେଇ ଟିଏସ୍‌ଏଫ୍ ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପ୍ଲାଣ୍ଟ ପରିସରରୁ ୧୫ କିଲୋମିଟର ମଧ୍ୟରେ ଥିବା ବିଭିନ୍ନ ଗ୍ରାମର ୫୭୫ ପୁରୁଷ ଓ ୧୨୦ ମହିଳା ଖେଳାଳି ଏଠାରେ ପ୍ରଶିକ୍ଷଣ ନେଉଛନ୍ତି। ତିନିଟି ଗ୍ରାସରୁଟ୍ କୋଚିଂ ସେଣ୍ଟର ଓ ଗୋଟିଏ ୟୁଥ୍ ଡେଭେଲପମେଣ୍ଟ ସେଣ୍ଟର ମାଧ୍ୟମରେ ଇଣ୍ଟରନ୍ୟାସନାଲ ଭଲିବଲ ଫେଡେରେସନର ଲେଭଲ୍-୨ ପ୍ରଶିକ୍ଷକ ଆଶୁତୋଷ ପାତ୍ରଙ୍କ ନେତୃତ୍ୱରେ ୪ ଜଣ ପ୍ରଶିକ୍ଷକ ନିୟମିତ ପ୍ରଶିକ୍ଷଣ ଦେଉଛନ୍ତି।

ଗତ ଦୁଇ ବର୍ଷରେ ୧୩୫ ଜଣ ଜିଲ୍ଲା ଓ ୮୪ ଜଣ ରାଜ୍ୟସ୍ତରୀୟ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିବାବେଳେ ୨୩ ଜଣ ଜାତୀୟସ୍ତରରେ କ୍ରୀଡ଼ା ପ୍ରଦର୍ଶନ କରିଛନ୍ତି। ଟିଏସଏମ୍‌ର ୟୁନିଟ୍ ଲିଡ୍ କୁମାର ସୌରଭ କହିଛନ୍ତି, ଜାତୀୟ ସବ୍ ଜୁନିୟର ଭଲିବଲ୍ ଚାମ୍ପିୟନସିପ୍‌ରେ ମେରାମଣ୍ଡଳୀରୁ ୬ଜଣ ସାମିଲ ହେବା, ତୃଣମୂଳସ୍ତରରେ କ୍ରୀଡ଼ାବିତ୍ ସୃଷ୍ଟି କରିବା ଦିଗରେ ଆମ ପ୍ରୟାସର ପ୍ରତିଫଳନ। ଆଗାମୀ ଦିନରେ ଆମେ ଏହି କ୍ରୀଡ଼ା ପରିବେଶକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିବଦ୍ଧ।

## ତୋଷାଳୀ ସ୍ୱଦେଶୀ ମେଳାରେ ଚତୁର୍ଥ ସ୍ଥାନ ପାଇଲେ ବାଲେଶ୍ୱରର ରମେଶ




**ନୀଳଗିରି,୨୫।୨(ସଂଚାର ବ୍ୟୁରୋ):** ଭବ୍ୟ ତୋଶାଳୀ ସ୍ୱଦେଶୀ ମେଳାରେ ଚତୁର୍ଥ ସ୍ଥାନ ପାଇ ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଲେ କୁମ୍ଭକାର କାରିଗର ରମେଶ। ଏହି ସଫଳତା ପାଇଁ ରମେଶଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନସୁଅ ଛୁଟିଥିବା ଜଣାପଡିଛି। ସୂଚନାଯୋଗ୍ୟ ଔପଦା ବ୍ଲକ ଇଶ୍ୱରପୁର ପଂଚାୟତ ଚିନ୍ତାମଣିପୁର ଗ୍ରାମର ପ୍ରସିଦ୍ଧ ଶିଳ୍ପୀ ରମେଶ ଚନ୍ଦ୍ର ମୁଦୁଲି ଙ୍କ ମେଗା ପଟ୍ ମେକିଂ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅର୍ଜନ କରି ସମଗ୍ର ଓଡ଼ିଶା ତଥା ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବିଶାଳ "ଭବ୍ୟ ତୋଶାଳୀ ସ୍ୱଦେଶୀ ମେଳା ପ୍ରତିଯୋଗିତାରେ ଓଡିଶାର ୧୦୦୦ ଉର୍ଦ୍ଧ ପ୍ରତିଭାଶାଳୀ କୁମ୍ଭ କାର କାରିଗର ଅଂଶଗ୍ରହଣ କରିଥିଲେ।

ଏହି ପ୍ରତିଯୋଗିତାରେ ନିର୍ଦ୍ଧାରିତ ୧ ଘଣ୍ଟା ସମୟ ସୀମା ମଧ୍ୟରେ ସର୍ବାଧିକ ସଂଖ୍ୟକ ମାଟି ପାତ୍ର ହାଣ୍ଡି ,ଘଟ ତିଆରି କରିବା ଥିଲା ପ୍ରଧାନ ଲକ୍ଷ୍ୟ। ଶ୍ରୀ ମୁଦୁଲି ତାଙ୍କର ଦକ୍ଷତା, ଦୃଢ଼ ସଂକଳ୍ପ ଓ ଦୀର୍ଘ ଅନୁଭବର ପ୍ରମାଣ ଦେଇ ଉଲ୍ଲେଖନୀୟ ୨୩୦ ସଂଖ୍ୟକ ପାତ୍ର ତିଆରି କରି ଚତୁର୍ଥ ସ୍ଥାନ ହାସଲ କରିଥିଲେ। ତାଙ୍କର ଏହି ସଫଳତା କେବଳ ବ୍ୟକ୍ତିଗତ ଗୌରବ ନୁହେଁ, ଏହା ସମଗ୍ର ବାଲେଶ୍ୱର ଜିଲ୍ଲା ତଥା ଓଡ଼ିଶାର ପାଇଁ ଗୌରବର ବିଷୟ। ଶ୍ରୀ ରମେଶ ଚନ୍ଦ୍ର ମୁଦୁଲି ଦୀର୍ଘ ବର୍ଷ ଧରି ପାରମ୍ପରିକ ମାଟି ଶିଳ୍ପକଳାରେ ନିଯୁକ୍ତ ଅଛନ୍ତି। ଗ୍ରାମୀଣ ସ୍ତରରୁ ଆରମ୍ଭ କରି ରାଜ୍ୟ ଓ ଜାତୀୟ ସ୍ତରରେ ତାଙ୍କର କୃତିତ୍ୱ ସମ୍ମାନିତ ହୋଇଛି। ତାଙ୍କ ନିର୍ମିତ ଶିଳ୍ପ କୃତିଗୁଡ଼ିକ ପାରମ୍ପରିକ ଓ ପରିବେଶ-ମିତ୍ର ହେବା ସହିତ ସୃଜନଶୀଳତାର ଉତ୍କୃଷ୍ଟ ଦୃଷ୍ଟାନ୍ତ ଭାବେ ପରିଚିତ।ଏହି ଅବସରରେ ଗ୍ରାମବାସୀ, ପଞ୍ଚାୟତ ବାସୀ, ଜିଲ୍ଲାବାସୀମାନେ ଶ୍ରୀ ମୁଦୁଲି ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ଯୁବ ପିଢ଼ୀଙ୍କୁ ପାରମ୍ପରିକ କଳା ଓ ସଂସ୍କୃତି ପ୍ରତି ଆକୃଷ୍ଟ କରିବାରେ ପ୍ରେରଣା ଦେବ ବୋଲି ଶ୍ରୀ ମୁଦୁଲି ମତ ପ୍ରକାଶ କରିଛନ୍ତି।

ଏହି ସମ୍ମାନ ତାଙ୍କ ପାଇଁ ସେ ଏକ ନୂତନ ଉତ୍ସାହ ଓ ପ୍ରେରଣା ପାଇଛନ୍ତି। ଆଗାମୀ ଦିନରେ ସେ ଓଡ଼ିଶାର ପାରମ୍ପରିକ ହସ୍ତ ଶିଳ୍ପକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆହୁରି ପରିଚିତ କରାଇବା ପାଇଁ ପ୍ରୟାସ ଜାରି ରଖିବେ ନିଜ ପତିକ୍ରିୟା ରେ ରମେଶ କହିଛନ୍ତି।

## ବନମାଳୀ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ



**ନୀଳଗିରି,୨୫।୨ (ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ ନୀଳଗିରି ଅଞ୍ଚଳ କମିଟି କାର୍ଯ୍ୟାଳୟରେ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ନୀଳଗିରି ପ୍ରଜା ଆନ୍ଦୋଳନର ସଶସ୍ତ୍ର ବିପ୍ଳବୀ ବନମାଳୀ ଦାଶଙ୍କର ୧୮ତମ ଶ୍ରାଦ୍ଧ ବାର୍ଷିକ ପୂର୍ବତନ ସରପଞ୍ଚ କରୁଣାକର ପରିଡାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାର ପ୍ରାରମ୍ଭରେ କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶା ରାଜ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟ ନିରଞ୍ଜନ ବାରିକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ତାଙ୍କ ଫଟୋ ଚିତ୍ରରେ ଓଡ଼ିଶା ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର କଣ୍ଟ୍ରୋଲ କମିଶନର ମାୟାଧର ନାୟକ, ବାଲେଶ୍ୱର ଜିଲ୍ଲା ସମ୍ପାଦକ ଭଗବତ ପ୍ରତିହାରୀ, ଜୋନ ସମ୍ପାଦକ ବିଜୟ ସ, ଜିଲ୍ଲା କମିଟି ସଦସ୍ୟା ବାସନ୍ତୀ ନାୟକ, ସମେତ ବହୁ ବନମାଳୀ ଦାଶ ପ୍ରେମୀ ଏହି ସଭାରେ ଭାଗ ନେଇ ଫୋଟ ଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ ।

## ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ ଉପରେ ଜିଲ୍ଲାସ୍ତରୀୟ ସଚେତନତା ଶିବିର




**ସୁବର୍ଣ୍ଣପୁର,୨୫।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧକ୍ଷତାରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭାରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ର ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ତରଭା ପରିଚାଳନା କରିଥିଲେ।ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ କହିଥିଲେ ଯେ ଆଜିକାଲି ଅଧିକାଂଶ ସମସ୍ୟାର ମୂଳ କାରଣ ହେଉଛି ଯୁବ ଓ ବରିଷ୍ଠ ପିଢ଼ି ମଧରେ ଥିବା ଚିନ୍ତାଧାରାର ବ୍ୟବଧାନ। ସେମାନେ ପରସ୍ପରକୁ ଗ୍ରହଣ କଲେ ଅନେକ ସମସ୍ୟାର ସମାଧାନ ସମ୍ଭବ ହେବ। ଆମେ ଆଇନର ସହାୟତା ନ ନେଇ ମଧ ବରିଷ୍ଠ ନାଗରିକଙ୍କ ସହିତ ବୁଝାମଣାରେ ରହିପାରିବା ବୋଲି ସେ କହିଥିଲେ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ହେଲ୍ପପେଜ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଉପସ୍ଥିତ ଥିଲେ। ଶିବିରରେ ଭରଣପୋଷଣ ବରିଷ୍ଠ ନାଗରିକ ଆଇନ, ୨୦୦୭ ବିଷୟରେ ଉପସ୍ଥିତ ଅଧିକାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା।

ପ୍ରତ୍ୟେକ ଜିଲ୍ଲାରେ ୧୫୦ କ୍ଷମତାସମ୍ପନ୍ନ ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ ରହିବା ଓ ଏହାର ତଦାରଖ ଜିଲ୍ଲାପାଳ କରିବେ ବୋଲି ସୂଚନା ଦିଆଯାଇଥିଲା। ଫର୍ମ-ଏ ପୂରଣ କରି ମାମଲା ରୁଜୁ କରିବା ଏବଂ ସଠିକ ପରିଚାଳନା ମାଧମରେ ପୀଡ଼ିତଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା ଥିବା ସଚେତନ କରାଯାଇଥିଲା।ଜିଲ୍ଲା ନାଗରିକ କଲ୍ୟାଣ କମିଟି ପ୍ରତିମାସରେ କମରେ ଥରେ ବୈଠକ କରିବା ଆବଶ୍ୟକ ଓ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବ୍ଲକ୍‌କୁ ପହଞ୍ଚାଯିବ ବୋଲି କୁହାଯାଇଥିଲା। କେହି ବରିଷ୍ଠ ନାଗରିକ କିମ୍ବା ପିତାମାତା ଅସୁବିଧାର ସମ୍ମୁଖୀନ ହେଲେ ଏଲଡରଲାଇନ ହେଲ୍ପଲାଇନ ୧୪୫୬୭ ରେ ସହାୟତା ନେଇପାରିବେ।

## ଢେଙ୍କାନାଳ ଆକାଂକ୍ଷା ଜିଲ୍ଲା ଓ ବ୍ଲକ୍ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ




**ଢେଙ୍କାନାଳ,୨୫।୨(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଢେଙ୍କାନାଳ ଆକାଂକ୍ଷା ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଟେମଜେନୱାପାଞ୍ଚ ଆଓ ଜିଲ୍ଲାର ସମସ୍ତ ବ୍ଲକରେ ହେଉଥିବା ଯୋଜନାଗୁଡ଼ିକର ରୂପାୟନ ସଂପର୍କରେ ଅବଗତ ହୋଇଥିଲେ । ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ପୌଷ୍ଟିକତା, ଯକ୍ଷ୍ମା ନିରାକରଣ ଓ ଟୀକାକରଣ କାର୍ଯ୍ୟକ୍ରମ, ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟକାରିତା, ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଋଣ ପ୍ରଦାନ ଓ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଣ, ଶ୍ରୀଅନ୍ନ ଅଭିଯାନ, ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନିର୍ମାଣ, ଯାନବାହାନ ଚଳାଚଳ ଓ ନିୟମ ଉଲଙ୍ଘନ ଯୋଗୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଚାଷୀମାନଙ୍କ ପାଇଁ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା, ଚାଷକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସାର ଓ ବିଭିନ୍ନ କିସମର ବିହନ ଯୋଗଣରେ ଉପୁଜୁଥିବା ସମସ୍ୟା, ଚାଷୀଙ୍କ ଠାରୁ ଧାନ ସଂଗ୍ରହ, ମତ୍ସ୍ୟଚାଷ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଭାଗିଦାରୀ ଓ ମତ୍ସ୍ୟ ପୋଖରୀ ଯୋଜନାର ସଫଳ କାର୍ଯ୍ୟକାରିତା, ଗୋପାଳନ, ଛେଳି ଓ କୁକୁଡ଼ା ଚାଷ ଓ ବୀମା ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସମସ୍ତ ସହରାଞ୍ଚଳ ଓ କଙ୍କଡ଼ାହାଡ଼ ବ୍ଲକରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ, ଶିଳ୍ପୀ ଉନ୍ନତି ଯୋଜନାରେ ଯୁବପିଢୀଙ୍କୁ ଟ୍ରେନିଂ ପ୍ରଦାନ କାର୍ଯ୍ୟ, ହସ୍ତଶିଳ୍ପାଦି ଓ ଅନ୍ୟାନ୍ୟ ସାମଗ୍ରୀର ଅନ୍ ଲାଇନ୍ ବିକ୍ରି ସୁବିଧା, ଅଣସଂଗଠିତ ଓ ନିର୍ମାଣ ଶ୍ରମିକମାନଙ୍କ ପାଇଁ କଲ୍ୟାଣମୂଳକ ଯୋଜନା କାର୍ଯ୍ୟ, ବସୁନ୍ଧରା ଯୋଜନା ଜରିଆରେ ବାସଜମି ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ, ମିଶନ ଶକ୍ତି ମାଧମରେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକ୍ରମ, ରାଜସ୍ବ ଆଦାୟ ଆଦି କାର୍ଯ୍ୟକ୍ରମର ସେ ସମୀକ୍ଷା କରିଥିଲେ । କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପର ଫଟୋଚିତ୍ର ଓ ଭିଡ଼ିଓ ସହିତ ଡକ୍ୟୁମେଣ୍ଟ ପ୍ରସ୍ତୁତ ରଖିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପୁନର୍ବାସିତ ପରିବାର ପାଇଁ ଜୀବିକା ସହାୟତା ଆରମ୍ଭ




**ଅନୁଗୁଳ ,୨୫।୨ (ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲର ସିଏସଆର ଶାଖା, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରୁ ସ୍ୱେଚ୍ଛାକୃତ ଭାବରେ ପୁନର୍ବାସିତ ହୋଇଥିବା ପରିବାରଗୁଡ଼ିକୁ ସମର୍ଥନ ଦେବା ପାଇଁ ଧଉରାଗୋଠ ଗାଁରେ ଏକ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମଣିଷ ଓ ବନ୍ୟପ୍ରାଣୀଙ୍କ ମଧରେ ସଂଘର୍ଷ କମାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗରେ ଏହି ପୁର୍ନବାସ ଉଦ୍ୟମ ହୋଇଥିଲା । ଏହି ପଦକ୍ଷେପ ବିଶେଷ ଭାବରେ ଜଙ୍ଗଲଜାତ ବୃତ୍ତିରୁ ବାହାରିବା ପରେ ଜୀବିକା ପୁନରୁଦ୍ଧାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିବାରଗୁଡ଼ିକୁ ସଶକ୍ତ କରିବ।

ଏହି କାର୍ଯ୍ୟକ୍ରମ ଜରିଆରେ ଅଂଶଗ୍ରହଣକାରୀମାନେ ଛତୁ ଚାଷର ପୂର୍ବ ପ୍ରସ୍ତୁତି, ଚାଷ ପଦ୍ଧତି, ରକ୍ଷଣାବେକ୍ଷଣ, ଅମଳ ଏବଂ ମୌଳିକ କିଣାବିକାର କୌଶଳ ଉପରେ ବ୍ୟବହାରିକ ତାଲିମ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଅଧିବେଶନରେ ଛତୁର ପୁଷ୍ଟିକର ମୂଲ୍ୟ ଏବଂ ଦୃଢ଼ ଆୟର ସମ୍ଭାବନା ଉପରେ ମଧ ଆଲୋକପାତ କରାଯାଇଥିଲା, ଯାହା ପାରମ୍ପରିକ ଅଭ୍ୟାସ ତୁଳନାରେ ଯଥେଷ୍ଟ ଅଧିକ ଲାଭ ପ୍ରଦାନ କରିଥାଏ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପୁନର୍ବାସିତ ସମୁଦାୟ ମଧରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ ଦେବା। ପରିବାରଗୁଡ଼ିକୁ ଉପଯୋଗୀ ଜୀବିକା କୌଶଳ ପ୍ରଦାନ କରି, ନିରନ୍ତର ଆୟ ସୁନିଶ୍ଚିତ କରିବା ସହିତ ଅଞ୍ଚଳର ସଂରକ୍ଷଣ ପ୍ରୟାସକୁ ମଧ ସମର୍ଥନ କରିବାକୁ ଜିନ୍ଦଲ ଫାଉଣ୍ଡେସନ୍ ଚେଷ୍ଟା କରୁଛି।

ବନଖଣ୍ଡ ଅଧିକାରୀ ଅଧିକାରୀ (ଡିଏଫଓ) ଶ୍ରୀ ଗଦାଧର ପାତ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଜିନ୍ଦଲ ଷ୍ଟିଲର ଉପାଧକ୍ଷ (ସିଏସଆର) ଶ୍ରୀଯୁକ୍ତ ରିଷି ପଠାନିଆ, ଜିନ୍ଦଲ ଷ୍ଟିଲର ମହାପ୍ରବନ୍ଧକ (ସିଏସଆର) ଶ୍ରୀଯୁକ୍ତ ଜୟନ୍ତ କୁମାର ମହାନ୍ତି ଏବଂ ଗ୍ରାମ କମିଟିର ସଭାପତିମାନେ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ ଯେ, ଜିନ୍ଦାଲ ଫାଉଣ୍ଡେସନ୍ ପକ୍ଷରୁ ଗତ ଏକ ବର୍ଷ ଧରି ପ୍ରାୟ ୧,୦୦୦ ଜଙ୍ଗଲବାସୀ ପରିବାରଙ୍କୁ ଶୁଖିଲା ରାସନ୍ ସହାୟତା ପ୍ରଦାନ କରିଆସୁଛି।



# ସିନେମା





# ୪୦ ବର୍ଷ ପରେ କମଲଙ୍କୁ ଭେଟିଲେ ବିଗ୍ ବି

ନୂଆଦିଲ୍ଲୀ: ବଲିଉଡର ମହାନାୟକ ଅମିତାଭ ବଚ୍ଚନ ୮୩ ବର୍ଷ ବୟସରେ ମଧ୍ୟ ଖୁବ୍ ଆକ୍ଟିଭ୍। ସେ ଏବେ ନାଗ ଅଶ୍ୱିନଙ୍କ ଫିଲ୍ମ ' କଲକି ୨୮୯୮ ଏଡି'ର ସିକ୍ୱେଲ ପାଇଁ ଶୁଟିଂ ଆରମ୍ଭ କରି ଦେଇଛନ୍ତି। ଫିଲ୍ମ 'କଲକି'ରେ ଅମିତାଭ ବଚ୍ଚନ ପୌରାଣିକ ଚରିତ୍ର ଅଶ୍ୱତ୍ଥାମାର ଭୂମିକାରେ ନଜର ଆସିଥିଲେ। ଏବେ ଅମିତାଭ 'କଲକି-୨' ର ଶୁଟିଂ ଆରମ୍ଭ କରିଦେଇଛନ୍ତି। ଅମିତାଭ ବଚ୍ଚନ ଫିଲ୍ମ 'କଲକି-୨' ର ସେଟ୍ରୁ ତାଙ୍କର ଅନେକ ସୁନ୍ଦର ଫଟୋ ସେୟାର କରିଛନ୍ତି। ଏହି ଫଟୋ ଗୁଡ଼ିକରୁ ଗୋଟିଏ ସେ କମଲ ହାସନଙ୍କୁ ଆଲିଙ୍ଗନ କରିବାର ନଜର ଆସୁଛନ୍ତି। ପରଦା ପଛରେ ଏହି ସବୁ ଫଟୋକୁ ସେୟାର କରି ସେ ୪୦ ବର୍ଷ ପରେ କମଲ ହାସନଙ୍କ ସହ ପୁଣି କାମ କରିବା ନେଇ ଖୁସି ବ୍ୟକ୍ତ କରିଛନ୍ତି। ଅମିତାଭ ପାଖାପାଖି ୪ ଦଶନ୍ଧି ପରେ ପୁଣି ଥରେ କମଲ ହାସନଙ୍କ ସହ ସ୍କ୍ରିନ ସେୟାର କରିବେ। ଅମିତାଭ ଏହି ସବୁ ଝଲକ ଗୁଡ଼ିକୁ ସେୟାର କରି ଲେଖିଛନ୍ତି, ମହାନ କମଲ ହାସଲଙ୍କ ସହ ସାକ୍ଷାତ୍... ଆମେ ଅନେକ ବର୍ଷ ପରେ ଏକାଠି କାମ କରିବୁ। ସେ କହିଛନ୍ତି ଯେ,ଶେଷ ଥର ଫିଲ୍ମ 'ଗିରଫତାର'ରେ ଦୁହେଁ ଏକାଠି କାମ କରିଥିଲେ। ଅର୍ଥାତ୍ ଏହା ସ୍ପଷ୍ଟ ଯେ, ଗତ ଫିଲ୍ମର ସୁଟିଂ ବେଳେ ଉଭୟ ଆକ୍ଟରଙ୍କ ସାକ୍ଷାତ୍ ହୋଇ ପାରି ନାହିଁ। ଅମିତାଭ ଫିଲ୍ମକୁ ନେଇ କହିଛନ୍ତି , 'କଲକି-୨' କାମ ଆରମ୍ଭ କରି ଦେଇଛନ୍ତି ...ଏବଂ ରବିବାର ତାଙ୍କର ଉପସ୍ଥିତିର ପ୍ରତୀକ୍ଷାରେ ସର୍ବଦା ଭଲ ପାଇବା ଓ ଶ୍ରଦ୍ଧାକୁ ସଜେଇ ରଖିବା ...କିନ୍ତୁ ଆଶା ଯେ, ଆଗାମୀ ରବିବାର ଆମେ ସମସ୍ତଙ୍କ ସାଥିରେ ଥିବା। କହି ରଖୁଛୁ କି ଏହି ଶୁଟିଂ କାରଣରୁ ଗତ ରବିବାର ଅମିତାଭ ନିଜର ପ୍ରଶଂସକଙ୍କୁ ଭେଟିବା ପାଇଁ ଘରୁ ବାହାରି ନଥିଲେ ଏବଂ ବର୍ଷ ବର୍ଷର ପରମ୍ପରା ଭାଙ୍ଗି ଯାଇଥିଲା। ସୂଚନା ଯେ, କମଲ ହାସନ ଓ ଅମିତାଭ ବଚ୍ଚନ ଦୁହେଁ ' କଲକି ୨୮୯୮ ଇଡି'ରେ ଅଭିନୟ କରିଥିଲେ। ଫିଲ୍ମରେ କମଲ ହାସଲ ମୁଖ୍ୟ ଭିଲେନ ସୁପ୍ରିମ ୟାସ୍କିନର ଭୂମିକାରେ ରହିଥିଲେ।

# 'ଦ କେରଳ ଷ୍ଟୋରୀ-୨'ରେ ଚାଲିଲା ସେନ୍ସର ବୋର୍ଡର କଇଁଚି

ନୂଆଦିଲ୍ଲୀ: 'କେରଳ ଷ୍ଟୋରୀ-୨'ର ଟ୍ରେଲର ରିଲିଜ ମାତ୍ରେ ବିବାଦ ଘେରକୁ ଆସିଛି। ଫିଲ୍ମର ପ୍ରମାଣପତ୍ର ଓ କେରଳକୁ କୁ ଭୁଲ ଢଙ୍ଗରେ ଉପସ୍ଥାପନ କରିବାକୁ ନେଇ କେରଳ ହାଇକୋର୍ଟରେ ଆବେଦନ ଦାଖଲ ହୋଇଛି। ଆବେଦନକର୍ତ୍ତାଙ୍କ ଅଭିଯୋଗ, ଫିଲ୍ମ ରାଜ୍ୟର ଛବିକୁ କ୍ଷତି ପହଞ୍ଚାଇପାରେ। ମଙ୍ଗଳବାର ଶୁଣାଣିରେ କେରଳ ହାଇକୋର୍ଟ କହିଥିଲେ, କେରଳ ଏକ ଶାନ୍ତ ଓ ସୌହାର୍ଯ୍ୟପୂର୍ଣ୍ଣ ରାଜ୍ୟ । କିନ୍ତୁ ଫିଲ୍ମରେ ଏହାକୁ ଭୁଲ ଢଙ୍ଗରେ ପ୍ରଦର୍ଶନ କରାଯାଇଛି, ଯାହା ଦ୍ୱାରା ରାଜ୍ୟର ଛବି ପ୍ରଭାବିତ ହୋଇପାରେ। ଅନ୍ୟପକ୍ଷରେ ସେନ୍ସର ବୋର୍ଡ ଫିଲ୍ମଟିକୁ ସେନ୍ସର ସାର୍ଟିଫିକେଟ୍ ସହିତ ଅନୁମୋଦନ କରିଛି। କିନ୍ତୁ ଏଥିରେ ୧୫ ଟି କଟ୍ କରାଯାଇଛି ଏବଂ କିଛି ଦୃଶ୍ୟକୁ ହଟାଇ ଦିଆଯାଇଛି। ସେନ୍ସର ବୋର୍ଡ "ଦି କେରଳ ଷ୍ଟୋରି ୨" କୁ ଇୟୁ/ଏ ୧୬+ ସାର୍ଟିଫିକେଟ୍ ଦେଇଛି। ବଳାତ୍କାର ଏବଂ ଲିପ୍-ଲକ୍ ଦୃଶ୍ୟ ସମେତ ଅନେକ ଦୃଶ୍ୟକୁ କଟ୍ କରାଯାଇଛି। "ଦି କେରଳ ଷ୍ଟୋରି ୨ ଗୋଜ୍ ବିୟଣ୍ଡ" ଲଭ୍ ଜିହାଦ ଏବଂ ଧାର୍ମିକ ପରିବର୍ତ୍ତନ ଭଳି ପ୍ରସଙ୍ଗକୁ ନେଇ ଗଠନ ହୋଇଛି । ଫିଲ୍ମରେ ଜଣେ ମହିଳାଙ୍କୁ ଗୋମାଂସ ଖାଇବାକୁ ବାଧ କରାଯାଉଥିବା ଦୃଶ୍ୟ ମଧ ରହିଛି। ଯାହା ବହୁତ ହଇଚଇ ସୃଷ୍ଟି କରିଛି। ଫିଲ୍ମ ଉପରେ ନିଷେଧ ପାଇଁ ଦାବି କରାଯାଉଥିବା ବେଳେ ଏବଂ ଅନେକ ଆବେଦନ ଦାଖଲ ହୋଇଛି। ଏହାକୁ ନେଇ ରାଜନୈତିକ ବିତର୍କ ମଧ ତୀବ୍ର ହୋଇଛି। ଦ୍ୱିପ୍ରହର ପରେ ମାମଲାର ପୁନଃ ଶୁଣାଣିରେ ନିର୍ମାତା ଫିଲ୍ମର ଟିଜରକୁ ହଟାଇବାକୁ ପ୍ରସ୍ତୁତ ବୋଲି



ଓକିଲ କୋର୍ଟରେ କହିଲେ । ତା'ପରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ବୁଧବାର ଅର୍ଥାତ୍ ଆଜି ହେବ ବୋଲି କୋର୍ଟ କହିଲେ। ଆବେଦନକାରୀ ଫିଲ୍ମର କିଛି ଦୃଶ୍ୟରେ ପରିବର୍ତ୍ତନ ଦାବି କରିଛନ୍ତି। ଏଥିରେ ଫିଲ୍ମର ଶୀର୍ଷକ ବଦଳାଇବା ମଧ ସାମିଲ । ଫିଲ୍ମର ଟିଜର୍ ଓ ଟ୍ରେଲର୍ରୁ ବିବାଦ ଆରମ୍ଭ ହୋଇଛି । ଏଥିରେ ଭିନ୍ନ ଭିନ୍ନ ରାଜ୍ୟର ମହିଳାଙ୍କ କାହାଣୀ ପ୍ରଦର୍ଶିତ ହୋଇଛି ।'ଦି କେରଳ ଷ୍ଟୋରି ୨' ଏହି ଶୁକ୍ରବାର, ଫେବୃଆରୀ ୨୭ ତାରିଖରେ ଥିଏଟରରେ ମୁକ୍ତିଲାଭ କରିବ। 'ବଲିଉଡ୍ ହଙ୍ଗାମା'ର ଏକ ରିପୋର୍ଟ ଅନୁଯାୟୀ, ସେନ୍ସର ବୋର୍ଡ ଫିଲ୍ମରେ ୧୬ କଟ୍ କିମ୍ବା ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛି। ଚୁମ୍ବନ ଦୃଶ୍ୟ ୫୦% ହ୍ରାସ, ଏବଂ ଲିପ୍-ଲକ୍ ଦୃଶ୍ୟ ୭ ସେକେଣ୍ଡ କଟା ଯାଇଛି।



## ଉଦୟପୁରରେ ଚାଲିଛି ବିରୋଶଙ୍କ ବିବାହ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ: ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା ବର୍ତ୍ତମାନ ଉଦୟପୁରରେ ଅଛନ୍ତି। ଯେଉଁଠାରେ ସେମାନଙ୍କର ବିବାହ ପୂର୍ବ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଅତିଥିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଜାପାନୀ ରାତ୍ରୀଭୋଜନ, ଭଲିବଲ୍ ଏବଂ କ୍ରିକେଟ୍ ମ୍ୟାଚ୍ ପରେ, ଏହି ଦମ୍ପତି ମଙ୍ଗଳବାର ରାତିରେ ଏକ ଭବ୍ୟ ସଙ୍ଗୀତ ସମାରୋହର ଆୟୋଜନ କରିଥିଲେ। ଯଦିଓ ସମାରୋହର କୌଣସି ଫଟୋ ଏପର୍ଯ୍ୟନ୍ତ ସୋସିଆଲ ମିଡିଆରେ ସେୟାର କରାଯାଇ ନାହିଁ, କିନ୍ତୁ ଏକ ରିପୋର୍ଟ ଅନୁଯାୟୀ, ବିଜୟ ଦେବରକୋଣ୍ଡାଙ୍କ ମାଆ ମାଧବୀ ଦେବରକୋଣ୍ଡା ସଙ୍ଗୀତ ରାତିରେ ପରମ୍ପରା ଅନୁଯାୟୀ ରଶ୍ମିକାଙ୍କୁ ପାରମ୍ପରିକ ଚୁଡ଼ି ଉପହାର ଦେଇଛନ୍ତି। ଗଣମାଧମ ରିପୋର୍ଟ ଅନୁସାରେ, ରଶ୍ମିକା ଏବଂ ବିଜୟ ଦୁଇଟି ପୃଥକ ଉତ୍ସବରେ ବିବାହ କରିବେ। ସେମାନଙ୍କର ପ୍ରଥମ ବିବାହ ଉତ୍ସବ ପାରମ୍ପରିକ ତେଲୁଗୁ ହିନ୍ଦୁ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ, ଯାହା ବିଜୟ ଦେବରକୋଣ୍ଡାଙ୍କ ଐତିହ୍ୟକୁ ପ୍ରତିଫଳିତ କରିବ।ଏହି ସ୍ୱତନ୍ତ୍ର ଉତ୍ସବ ଫେବୃଆରୀ ୨୬ ତାରିଖ ସକାଳେ ଅନୁଷ୍ଠିତ ହେବ। ଏହା ପରେ ସନ୍ଧ୍ୟାରେ ରଶ୍ମିକାଙ୍କ ପରମ୍ପରା ଅନୁଆୟୀ କରି କୋଡାଭା ସମାରୋହ ହେବ।



# 'କିଏ ଜାଣିଛି ଆଗକୁ କ'ଣ ହେବ'

ମୁମ୍ବାଇ: ପ୍ଲେବ୍ୟାକ୍ ଗାୟନରୁ ଅବସର ଘୋଷଣା କରି ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଥିଲେ ଅରିଜିତ ସିଂହ । ସେ କାହିଁକି ଏହି ନିଷ୍ପତ୍ତି ନେଲେ ତାହାକୁ ନେଇ ଫ୍ୟାନ୍ସ ନିରାଶ ହୋଇଛନ୍ତି। ହେଲେ ଏବେ ବି ତାଙ୍କର ଗୀତଗୁଡ଼ିକ ରିଲିଜ୍ ହେବା ଜାରି ରହିଛି। ସମ୍ପ୍ରତି, ସେ ଆମିର ଖାନଙ୍କ ସହ "ଏକ ଦିନ" ଫିଲ୍ମରେ କାମ କରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ଅନେକଙ୍କୁ ତାଙ୍କର ଅବସର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛି। ଏବେ, ଅରିଜିତ ଅବସର ପରେ ଗୀତ ରିଲିଜ କରିବାର ନିଷ୍ପତ୍ତି ସ୍ପଷ୍ଟ କରି ଏକ ବିବୃତ୍ତି ଜାରି କରିଛନ୍ତି। ସେ ତାଙ୍କର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ତାଙ୍କର ଚିନ୍ତାଧାରା ଏବଂ ଗୀତ ରିଲିଜ୍ ପ୍ରକ୍ରିୟା ସେୟାର କରିଛନ୍ତି।ତାଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ଭାବପ୍ରବଣ ପୋଷ୍ଟରେ, ଅରିଜିତ ପ୍ରକାଶ କରିଛନ୍ତି ଯେ ତାଙ୍କର ଅନେକ ଗୀତ ବାକି ଅଛି ଏବଂ ଆଗାମୀ ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ରିଲିଜ୍ ହେବ। ସେ ଏହି ନିଷ୍ଠୁର ଏବଂ ନିର୍ଦ୍ଦୟ ଦୁନିଆରେ ତାଙ୍କ ପ୍ରଶଂସକମାନଙ୍କୁ ସେମାନଙ୍କ ପ୍ରେମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଫେସବୁକ୍ ହ୍ୟାଣ୍ଡେଲରେ ଗାୟକ ବ୍ୟାଖ୍ୟା କରିଛନ୍ତି ଯେ ସେ ତାଙ୍କର ଅବସର ଘୋଷଣା କରିବା ପୂର୍ବରୁ କିଛି ପ୍ରୋଜେକ୍ଟ ହାତକୁ ନେଇଥିଲେ, ତେଣୁ ସେଗୁଡ଼ିକୁ ସମାପ୍ତ କରିବା ଗୁରୁତ୍ୱପୂର୍ଣ୍ଣ। ଅରିଜିତ ପ୍ରଶଂସକମାନଙ୍କୁ ସୂଚନା ଦେଇଛନ୍ତି ଯେ ସେ ନୂତନ ପ୍ରୋଜେକ୍ଟ ନେବା ବନ୍ଦ କରିଦେଇଛନ୍ତି ଏବଂ ଅବସର ନେବାର ନିଷ୍ପତ୍ତି ନେଇ ଗମ୍ଭୀର। ସେ ଲେଖିଛନ୍ତି, "ଏହି ବାର୍ତ୍ତା କେବଳ ମୋ ଶ୍ରୋତାଙ୍କ ପାଇଁ। ଯଦି ଆପଣ ମୋର ଶ୍ରୋତା ନୁହଁନ୍ତି ଦୟାକରି ଏହାକୁ ପଢ଼ନ୍ତୁ ନାହିଁ ଏବଂ ସ୍ୱାଇପ୍ କରନ୍ତୁ। ଏହା ଏକ ବିନମ୍ର ଅନୁରୋଧ। ନମସ୍କାର ପ୍ରିୟ ବନ୍ଧୁଗଣ! ମୁଁ ଆପଣମାନଙ୍କୁ ସମସ୍ତଙ୍କୁ କହିବାକୁ ଚାହୁଁଛି ଯେ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଭଲ ପାଏ। ଏହି ନିଷ୍ଠୁର ଦୁନିଆରେ ଆପଣଙ୍କ ଦୟା ପାଇଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ।"



# ନମସ୍ତେ ବାଫ୍ଟା...

ନମସ୍କାର! ଅଗ୍ଲା ଆୱାର୍ଡ ଏକ୍ ଐସୀ ଫିଲ୍ମ କେ ଲିୟେ ହୈ, ଜୋ ଅଂରେଜୀ ମେଁ ନହିଁ ହୈ ।' ଏହା ଥିଲା ବାଫ୍ଟା ମଞ୍ଚରେ ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟଙ୍କ ପ୍ରଥମ ସମ୍ବୋଧନ । ଏହି ଅନ୍ତର୍ଜାତୀୟ ପୁରସ୍କାର ମଞ୍ଚରେ ଜଣେ ପ୍ରେଜେଣ୍ଟର୍ ଭାବେ ସେ ପ୍ରଥମେ ହିନ୍ଦୀରୁ ନିଜ ଭାଷଣ ଆରମ୍ଭ କରିଥିଲେ। ତା'ପରେ ଇଂରାଜୀରେ କହିଲେ 'ମୁଁ ହିନ୍ଦୀରେ କହିଲି ଯେ ପରବର୍ତ୍ତୀ ପୁରସ୍କାର ଏଭଳି ଏକ ଫିଲ୍ମ ପାଇଁ ଯାହା ଇଂରାଜୀ ଭାଷାର ନୁହେଁ। ଫିଲ୍ମ ଅଗଣିତ ଭାଷା କହେ, କିନ୍ତୁ ଆମେ ସର୍ବଦା ସିନେମାର ଭାଷାକୁ ସେଲିବ୍ରେଟ୍ କରୁ ଏବଂ ତାକୁଆମେ ବହୁତ ଭଲ ଭାବେ କହୁ । ଶ୍ରେଷ୍ଠ ଅଣ-ଇଂରାଜୀ ଚଳଚ୍ଚିତ୍ର ପୁରସ୍କାର ପାଇଁ ନୋମିନି ହେଉଛନ୍ତି- ଇଟ୍ ୱାଜ୍ ଜଷ୍ଟ ଆନ୍ ଆକ୍ସିଡେଣ୍ଟ, ଦ ସିକ୍ରେଟ୍ ଏଜେଣ୍ଟ, ସେଣ୍ଟିମେଣ୍ଟାଲ ଭାଲ୍ୟୁ, ସିରତ୍ ଓ ଦ ଭଏସ୍ ଅଫ୍ ହିନ୍ଦ ରଜବ୍ ।''ସେଣ୍ଟିମେଣ୍ଟାଲ ଭାଲ୍ୟୁ' ଏହି ପୁରସ୍କାର ହାସଲ କଲା । ଆଲିୟାଙ୍କ ହିନ୍ଦୀଭାଷଣ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବିଶ୍ୱ ମଞ୍ଚରେ ନିଜମୂଳକୁ ଉପସ୍ଥାପନ କରିଥିବାରୁ ଫ୍ୟାନ୍ ତାଙ୍କୁ ପ୍ରଶଂସା କରୁଛନ୍ତି ।ତାଙ୍କ ଲୁକ୍ ପୁରୁଣା ହଲିଉଡ୍ ଓ ସମସାମୟିକ ଷ୍ଟାଇଲ୍ର ମିଶ୍ରଣଥିଲା । ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ସେକ୍ୱିନ୍ସ ଗୁଚିଗାଉନ୍ ସହିତ ଧଳା ମଖମଲି ଆବରଣ ଜରିଆରେ ସେ ଭିଣ୍ଟେଜ୍ଲୁ ।ମର୍ ଆଣିଥିଲେ । ମର୍ଲିନ ମୁନ୍ରୋଙ୍କ ଦ୍ୱାରା ପ୍ରେରିତ ତାଙ୍କ ଲୁକ୍ୱାଫ୍ଟାର ଅନ୍ୟତମ ସବୁଠୁ ବଡ଼ ଆକର୍ଷଣ ଥିଲା ।





# ରଣବୀରଙ୍କ 'ରାମାୟଣ'ର ଟେଷ୍ଟ ସ୍କ୍ରିନିଂ

ମୁମ୍ବାଇ: ବଲିଉଡର ସବୁଠାରୁ ବହୁପ୍ରତିକ୍ଷିତ ଏବଂ ମେଗା ବଜେଟ୍ ଚଳଚ୍ଚିତ୍ର 'ରାମାୟଣ' କୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ଏହି ପୌରାଣିକ ଡ୍ରାମାର ପ୍ରଥମ 'ଟେଷ୍ଟ ସ୍କ୍ରିନିଂ' ଆମେରିକାର ଲସ୍ ଆଞ୍ଜେଲସଠାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ, ପ୍ରଥମ ଝଲକ ଦେଖିବା ପରେ ଦର୍ଶକଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ରିପୋର୍ଟ ଅନୁଯାୟୀ, ଲସ୍ ଆଞ୍ଜେଲସର ସିନେମାର୍କ ପ୍ଲାୟା ଭିଷ୍ଟାଠାରେ ଏକ ସ୍ୱତନ୍ତ୍ର ସ୍କ୍ରିନିଂ ଆୟୋଜନ କରାଯାଇଥିଲା । ଏଥିରେ ୧୮ରୁ ୬୦ ବର୍ଷ ବୟସର ବିଭିନ୍ନ ବର୍ଗର ଦର୍ଶକ ସାମିଲ ହୋଇଥିଲେ। ଫିଲ୍ମର ଭିଜୁଆଲ୍ ଇଫେକ୍ଟସ (ଭିଏଫଏକ୍ସ), ଭାବପ୍ରବଣ କାହାଣୀ ଏବଂ ଏହାର ବିଶାଳ ସ୍କେଲ୍କୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଛନ୍ତି । ବିଶେଷ କରି ଫିଲ୍ମର ପୂରା କାହାଣୀ ସମସ୍ତଙ୍କୁ ଚକିତ କରିଦେଇଛି। ଫିଲ୍ମ ରିଲିଜ୍ ପୂର୍ବରୁ ଦର୍ଶକଙ୍କ ମନୋଭାବ ଜାଣିବା ପାଇଁ ନିର୍ମାତାମାନେ ଏହି ଟେଷ୍ଟ ସ୍କ୍ରିନିଂ କରିଛନ୍ତି । ଯଦି କୌଣସି ସ୍ଥାନରେ ପରିବର୍ତ୍ତନର ଆବଶ୍ୟକତା ଥାଏ, ତେବେ ତାହା ରିଲିଜ୍ ପୂର୍ବରୁ ଠିକ୍ କରାଯାଇପାରିବ । କେବେ ହେବ ରିଲିଜ୍ ? ଫିଲ୍ମର ଦୁଇଟି ଭାଗ ପାଇଁ ପାଖାପାଖି ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଭୁ ରାମ ଭୂମିକାରେ ରଣବୀର କପୁର, ମାତା ସୀତା ଭୂମିକାରେ ସାଇ ପଲ୍ଲବୀ ନଜର ଆସିବେ । ଫିଲ୍ମଟି ଦୁଇଟି ଭାଗରେ ମୁକ୍ତିଲାଭ କରିବ। ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ରିଲିଜ୍ ହେବାର ଯୋଜନା ରହିଛି। ସୂଚନାନୁସାରେ, ଏହି ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ଅସ୍କାର ବିଜେତା ଏ.ଆର. ରହମାନ ଏବଂ ହାନ୍ସ ଜିମର । ଫ୍ୟାନମାନେ ଏବେ ଚଳଚ୍ଚିତ୍ରର ଟ୍ରେଲରକୁ ଅପେକ୍ଷା କରି ରହିଛନ୍ତି। ସାରା ବିଶ୍ୱରେ ଏହି ଫିଲ୍ମ ଏପରି ଏକ ରେକର୍ଡ କରିବାକୁ ଯାଉଛି ଯାହା ଆଜି ପର୍ଯ୍ୟନ୍ତ କୌଣସି ଭାରତୀୟ ଫିଲ୍ମ କରିପାରି ନାହିଁ। ରିପୋର୍ଟ ଅନୁଯାୟୀ, 'ରାମାୟଣ' ବିଶ୍ୱବ୍ୟାପୀ ପ୍ରାୟ ୪୦ ହଜାରରୁ ଅଧିକ ସ୍କ୍ରିନରେ ମୁକ୍ତିଲାଭ କରିବ । ଭାରତରେ ପ୍ରାୟ ୧୦ ହଜାରରୁ କମ୍ ସିନେମା ହଲ୍ ଥିବାବେଳେ, କେବଳ 'ରାମାୟଣ' କୁ ୭ ହଜାରରୁ ଅଧିକ ସ୍କ୍ରିନ୍ ମିଳିବାକୁ ଯାଉଛି। ଦେଶର ବଡ଼ ବଡ଼ ଫିଲ୍ମ କମ୍ପାନୀଗୁଡ଼ିକ ମିଶି ଏହି ଚଳଚ୍ଚିତ୍ରକୁ ସର୍ବବୃହତ ରିଲିଜ୍ ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।

# ସୌର ପ୍ରକଳ୍ପ ଅଚଳ ପ୍ରଶାସନ ଜାଣି ବି ଚୁପ୍



କନ୍ଧମାଳ, ୨୫।୨ (ସଂଚାର ବ୍ୟୁରୋ): ଆଗକୁ ଗ୍ରୀଷ୍ମ ଋତୁ ଆସୁଛି ହେଲେ ଆରମ୍ଭ ରୁ ହିଁ ଜଳ ସଙ୍କଟ ଦେଖା ଦେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ପ୍ରିଏଡ଼ି ୱାର୍ଡ଼ ସିପାଡ଼ି ଗ୍ରାମର ସୌର ପ୍ରକଳ୍ପ ଦୀର୍ଘ ଏକ ମାସ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। ମରାମତି କରିବା ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଫିରିଙ୍ଗିଆ ଆରଡବ୍ଲୁଏସଏସ ଜେଇ ମରାମତି କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ସିପାଡ଼ି ଗ୍ରାମର ସ୍ଥାନୀୟ ବାସିନ୍ଦା ଫୋନ ରେ ଯୋଗାଯୋଗ କରିଥିଲେ ମଧ୍ୟ ଫିରିଙ୍ଗିଆ ବ୍ଲକ ର କନିଷ୍ଠ ଯନ୍ତ୍ରୀ ଫୋନ୍ ରିସିଭ୍ କରି ନାହାନ୍ତି।ସ୍ଥାନୀୟ ବାସିନ୍ଦା ମରାମତି କରିବା ପାଇଁ ଜେଇ ସାର୍ ଙ୍କୁ ଫୋନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଯେକୌଣସି ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଦୃଷ୍ଟି ଦେଇ ନାହାନ୍ତି। କାଲିଯିବି ବୋଲି କହି କେବେ ଯାଉ ନାହାଁନ୍ତି ହେଲେ କାରଣ କଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ସିପାଡ଼ି ଗ୍ରାମବାସୀଙ୍କୁ ଧୂଆଁ ବୁଲାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଯାହା ଫଳରେ ସିପାଡ଼ି ଗ୍ରାମବାସୀ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ପ୍ରସାରଣ ପରେ ପ୍ରଶାସନ କେବେ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠି ଏହି ସମସ୍ୟାର ସମାଧାନ କରୁଛନ୍ତି ତାହା ଅପେକ୍ଷା ରେ ଗ୍ରାମବାସୀ।

### ମନୁଷ୍ୟକୃତ ଯୋଗୁଁ ନିଆଁରେ ଜଳିପୋଡି କାନ୍ଦୁଛି ଜଙ୍ଗଲ

# କଳାହାଣ୍ଡି ପାଲଟିବ ମରୁଭୂମି; ଉଦ୍ଧାର କରିବ କିଏ ?



କଳାହାଣ୍ଡି,୨୫।୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ସାଧାରଣତଃ ଶୀତ ଋତୁର ଶେଷଆଡ଼କୁ ଜଙ୍ଗଲରେ ବଡ଼ ବଡ଼ ଗଛରୁ ପତ୍ର ଝଡ଼ିବା ଆରମ୍ଭ କରେ ଏବଂ ଗଛମୂଳରେ ଝଡ଼ାପତ୍ର, ଶୁଖିଲା ଡାଳ ଗଦାହୋଇ ଶୁଷ୍କ ପରିବେଶ ସୃଷ୍ଟି କରେ। ବାରୁଦରେ ନିଆଁ ଲାଗିଲା ଭଳି ସାମାନ୍ୟ ଅଗ୍ନି ସ୍ଫୁଲିଙ୍ଗ ସମଗ୍ର ଜଙ୍ଗଲକୁ ଧ୍ୱଂସ ସ୍ତୂପରେ ପରିଣତ କରିଦିଏ। କଥାରେ ଅଛି ଘରପୋଡ଼ିଠାରୁ ବିପତ୍ତି ନାହିଁ। କିନ୍ତୁ ଘର ପୋଡ଼ି ଠାରୁ ଜଙ୍ଗଲ ପୋଡ଼ି ଆହୁରି ମାରାତ୍ମକ। ଘରଟିଏ ପୋଡ଼ିଗଲେ ମାସେ, ଦୁଇମାସ, ଛ'ମାସ କିମ୍ବା ବର୍ଷକ ଭିତରେ ନୂଆ ଘରଟିଏ ତିଆରି କରିହେବ। କିନ୍ତୁ ଜଙ୍ଗଲରେ ନିଆଁ ଲାଗି ଗଛ ଗୁଳ୍ମାଦି ନଷ୍ଟ ହୋଇଗଲେ, ସେମିତି ସବୁଜ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି କରିବା ପାଇଁ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଲାଗିଯାଇ ପାରେ। ଘରପୋଡ଼ି ବା କୋଠାବାଡ଼ି ପୋଡ଼ିକୁ ଅଗ୍ନି ନିର୍ବାପକ ସଂସ୍ଥା ଦ୍ୱାରା ଲିଭାଯାଇପାରେ। କିନ୍ତୁ ଜଙ୍ଗଲରେ ଥରେ ନିଆଁ ଲାଗିଲେ ତାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼େ। ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ହୋଇଯାଏ; ଧନ ଜୀବନ ହାନି ସହ ପଶୁପକ୍ଷୀ, କୀଟପତଙ୍ଗଙ୍କର ପ୍ରାଣହାନି ହୁଏ। ମୋଟାମୋଟି କହିବାକୁ ହେଲେ ବନାଗ୍ନି ଦ୍ୱାରା ଉଦ୍ଭିଦ ଜଗତ, ପ୍ରାଣୀ ଜଗତ, ଜୈବ ବିବିଧତା ଓ ପାରିବେଶିକ ପରିସଂସ୍ଥା ନଷ୍ଟ ହୋଇଯାଏ। ନିଆଁ ଦାଉରେ ଅନେକ ଜନ୍ତୁ ଗାଁ ମୁହାଁ ହେଉଛନ୍ତି ଲୋକଙ୍କ ଦ୍ୱାରା ଶିକାର ହେଉଛନ୍ତି। ମୂଲ୍ୟବାନ ଗଛ, ଔଷଧୀୟ ଗଛଲତା, ଗୁଳ୍ମ ଜଳି ପୋଡ଼ି ପାଉଁଶ ହୋଇଯାଉଛି। ଜୀବ ଜନ୍ତୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ଜୀବନ ପାଇଁ ଦୂରକୁ ଦୂରକୁ ପ୍ରାଣ ବିକଳରେ ପଳାୟନ କରନ୍ତି। ସାପ, ଠେକୁଆ, ଝିଙ୍କ, ଗୋଧି ଇତ୍ୟାଦି ସରୀସୃପ ଗୁଡ଼ିକ ଭଗ୍ନ ଅନଳରେ ଜିଅନ୍ତା ଜଳିଯାନ୍ତି। ଭୂଇଁରେ ଶୁଖୁଲା ପତ୍ର ଓ ଗଛବସାରେ ପକ୍ଷୀ ଦେଇଥିବା ଅଣ୍ଡାଗୁଡ଼ିକ ଜଳିଯାଏ। ବର୍ଷା କାଳରେ ହସି ଉଠିଥିବା ଏଇ ବନ ଇଲାକାରେ ସ୍ତୂପୀକୃତ ପାଉଁଶର ପାହାଡ଼ଗୁଡ଼ିଏ ଛିଡ଼ା ହୁଏ। ବନର ଅଗ୍ନିକାଣ୍ଡ କୌଣସି ଭୌତିକ କାରଣରୁ ଘଟି ନ ଥାଏ। ଅଗ୍ନିକାଣ୍ଡ କେବଳ ମନୁଷ୍ୟକୃତ। ମହୁଲ ଫୁଲ ଓ ଶାଳମଞ୍ଜି ସଂଗ୍ରହ ପାଇଁ ସ୍ଥାନୀୟ ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି। କାରଣ ଗଛମୂଳ ସଫା ରହିଲେ ଫୁଲ ଓ ମଞ୍ଜି ସଂଗ୍ରହ କରିବା ସହଜ ହୋଇଥାଏ। କେନ୍ଦୁପତ୍ର ଓ ଶାଳପତ୍ର ତୋଳିବା ଏବଂ ବିଭିନ୍ନ ଫୁଲ ଫଳ ସଂଗ୍ରହ କରିବାକୁ ଯାଉଥିବା ଲୋକେ ବି ଅନେକ ସମୟରେ ନିଆଁ ଲଗାଇଥାନ୍ତି। ବନାଗ୍ନିର ଦୂରୀକରଣ ପାଇଁ ରାଜ୍ୟ ବନ ବିଭାଗ ଯେତିକି ସତର୍କତା ମୂଳକ ବ୍ୟବସ୍ଥା ଗ୍ରହଣ କରିବା କଥା, ତାହା କରୁନି। ନା ଜନସଚେତନତା, ନା ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା। କେବଳ ନିଆଁ ଲାଗିଲା ପରେ ଦମକଳ ବାହିନୀକୁ ଡାକି ନିଆଁ ଲିଭାରେ ନିୟୋଜିତ କରାଯାଉଛି ଓ ବନ ବିଭାଗୀୟ ବ୍ୟକ୍ତିଙ୍କୁ ଏବଂ ଓଡ୍ରାଫ ଟିମ୍ବୁ ଡାକି ନିଆଁକୁ ଡାଳରେ ପିଟି ପିଟି ଆୟତ୍ତ କରିବାକୁ ଚେଷ୍ଟା କରାଯାଉଛି।

## ସୂଚନା ଅଧିକାର ଆଇନ ଉପରେ ତାଲିମ ଓ ସଚେତନତା କର୍ମଶାଳା



ସୁବର୍ଣ୍ଣପୁର, ୨୫।୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ସୂଚନା ଅଧିକାର ଆଇନ ୨୦୦୫ ଉପରେ ଜିଲ୍ଲାର ସମସ୍ତ ଜନ ସୂଚନା ଅଧିକାରୀ ଓ ଅତିରିକ୍ତ ଜନ ସୂଚନା ଅଧିକାରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ, ଅତିରିକ୍ତ ଜନ ସୂଚନା ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦାନ କରିଥିଲେ। ଘାସିରାମ ପଣ୍ଡା ଓ ସ୍ୱାଧୀନ ମେହେର ସାଧନ କର୍ମୀ, ପ୍ରଶିକ୍ଷକ ବା ତାଲିମ ଦାତା ଭାବେ ଯୋଗଦାନ କରି ଜନ ସୂଚନା ଅଧିକାରୀ, ଅତିରିକ୍ତ ଜନ ସୂଚନା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସୂଚନା ଅଧିକାର ଆଇନ ୨୦୦୫ ଉପରେ ବିଶଦ ଭାବେ ତାଲିମ ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନ ୨୦୦୫ ଓ ସୂଚନା ଅଧିକାରୀ ନିୟମାବଳୀ ୨୦୦୫ ରେ ଥିବା ସମସ୍ତ ବ୍ୟବସ୍ଥା ସମ୍ବନ୍ଧୀୟ ସନ୍ଦେହ ଗୁଡିକୁ ତାଲିମ ଦାତା ଓ ଅତିରିକ୍ତ ଜନ ସୂଚନା ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ପରସ୍ପର କ୍ରିୟାଶୀଳ ବା ସଂଯୋଗ ରକ୍ଷା ବିଶଦ ଭାବେ ଆଲୋଚନା କରି ଦୂରୀଭୂତ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ସମସ୍ତ ଜନ ସୂଚନା ଅଧିକାରୀ, ଅତିରିକ୍ତ ଜନ ସୂଚନା ଅଧିକାରୀ ଓ କର୍ମଚାରୀ ମାନଙ୍କ ପାଇଁ ଉପାଦେୟ ହେବା ସହିତ ସେମାନଙ୍କ କାର୍ଯ୍ୟ ଓ ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ନିଶ୍ଚିତ ସହାୟକ ହେବ ବୋଲି ମତାମତ ପ୍ରକାଶ ପାଇଥିଲା।

## ଷ୍ଟେସନରେ ଅପରାଧ ନିୟନ୍ତ୍ରଣ ପାଇଁ ଜିଆରପି ପୋଷ୍ଟ ଖୋଲିବା ଦାବି



ସୁବର୍ଣ୍ଣପୁର, ୨୫।୨ (ସଂଚାର ବ୍ୟୁରୋ): ସୋନପୁର ରେଲଷ୍ଟେସନ ୨୦୨୪ ନିର୍ବାଚନ ପୂର୍ବରୁ ଋଳାଚଳ କରୁଥିବା ସତ୍ୱେ ଆଜି ପର୍ଯ୍ୟନ୍ତ ରେଳ ଷ୍ଟେସନ ରେ ଏଜଚ ପୋଲିସ ଷ୍ଟେସନ ଯାହାକି ଡ଼ି ଜି ପୋଲିସ ଖୋଲିବା ନିୟମ ତାହା ଖୋଲାଯାଇନି। ଏଥି ସଂକ୍ରାନ୍ତ ରେ ଡ଼ି.ଜି, ଡ଼ି. ଆଇ. ଜି, ଓଡ଼ିଶା, ଏସ. ପି ସୁବର୍ଣ୍ଣପୁର ଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ବି ଓଡିଶା ଡ଼ି. ଜି ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିବା କ୍ଷୋଭର ବିଷୟ। ଜି ଆର ପି ଥାନା ନଥିବା ଯୋଗୁଁ ରେଳ ଷ୍ଟେସନ ରେ ଆଜି ପର୍ଯ୍ୟନ୍ତ ଯାହା ସବୁ ଅପରାଧ ଘଟୁଛି ସେଥି ରେ କିଛି ଅପରାଧୀ ଧରାପଡ଼ି ରେଳ ଯୋଗେ ବଲାଙ୍ଗୀର ଚାଲାଣ କରାଯାଇ ବଲାଙ୍ଗୀର ଜି ଆର ପି ରେ ମୋକଧମା ପଞ୍ଜିକରଣ କରାଯାଇ ବଲାଙ୍ଗୀର କୋର୍ଟ ରେ ମାମଲା ର ବିଚାର କରାଯାଉଛି। ଚିନ୍ତାର ବିଷୟ ଯେ ଆଜି ପର୍ଯ୍ୟନ୍ତ ସୋନପୁର ଭଳି ଏକ ଛୋଟ ନୂଆ ଷ୍ଟେସନ ରେ ୪୪ ଟି ଅପରାଧିକ ଘଟଣାରେ ସଫଳତାର ସହିତ ଆସାମୀ ଧରା ପଡ଼ି ବଲାଙ୍ଗୀର କୋର୍ଟ କୁ ଚାଲାଣ କରାଯାଇଛି ଏବଂ ନୂଆ ଷ୍ଟେସନ ଯୋଗୁଁ ରେଳ ଦପ୍ତର ଆର ପି ଏଫ ଥାନା ମଧ୍ୟ ଖୋଲି ନାହାନ୍ତି। ଏଥି ସଂକ୍ରାନ୍ତରେ ଶ୍ରମିକ ନେତା ଶ୍ରୀ ଗୋବିନ୍ଦ ମହାରଣା ଡିଜି ପୋଲିସ, ଜି ଏମ ପୂର୍ବ ତଟ ରେଳବାଇ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜି ଆର ପି ଏବଂ ଆର ପି ଏଫ ଥାନା ସୋନପୁର ରେଳ ଷ୍ଟେସନ ରେ ଖୋଲା ନ ଯିବା ଦୁଃଖର ବିଷୟ। ତୁରନ୍ତ ଜି ଆର ପି, ଓ ଆର ପି ଏଫ ଥାନା ସୋନପୁର ରେଳ ଷ୍ଟେସନ ରେ ଖୋଲିବା ପାଇଁ ଶ୍ରୀ ଗୋବିନ୍ଦ ମହାରଣା ଙ୍କ ସମେତ ବୁଦ୍ଧିଜୀବି ଦୃଢ଼ ଦାବୀ କରିଛନ୍ତି।

## ମାତୃଭାଷା ଦିବସ ପାଳନ

ବଲାଙ୍ଗୀର,୨୫।୨(ସଂଚାର ବ୍ୟୁରୋ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଲେଜଛକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡାଃ ଗୋଦାବରୀଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ରବୀନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀ ପ୍ରଶାନ୍ତ କୁମାର ତ୍ରିପାଠୀ ଓଡ଼ିଆ ଅଧ୍ୟାପକ ଖପ୍ରାଖୋଲ ମହାବିଦ୍ୟାଳୟ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ମାତୃଭାଷାର ମହତ୍ତ୍ୱ ସମ୍ବନ୍ଧେ ମାର୍ଗଦର୍ଶନ କରିଥିଲେ। ଡାଃ ଗୋଦାବରୀଶ ରଥ, ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ଶ୍ରୀ ନିଳାଞ୍ଚଳ ଚିର୍ଗୁନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିରରେ ନୂତନ ନଳକୂପ ଖୋଳିବାକୁ ଅଞ୍ଚଳବାସୀଙ୍କ ଦାବି



କନ୍ଧମାଳ, ୨୫।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅନ୍ତର୍ଗତ ସାସିପଡ଼ା ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ଠାରେ ନୂତନ ନଳକୂପ ଖୋଳିବା ପାଇଁ ଅଞ୍ଚଳ ବାସୀ ଦାବି ଜଣାଇଛନ୍ତି। ପାନୀୟ ଜଳର ତୀବ୍ର ସମସ୍ୟା ଦେଖାଦେଇଥିବାରୁ ଏହି ଦାବି ଜୋର ଧରିଛି। ପ୍ରତିବର୍ଷ ଏଠାରେ ଶୀତଳଷଷ୍ଠୀ ଯାତ୍ରା ବିଶେଷ ଧୁମଧାମରେ ପାଳିତ ହୋଇଥାଏ। ଏହି ଅବସରରେ ଅଞ୍ଚଳ ଓ ଜିଲ୍ଲାର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସି ବାବାଙ୍କ ଦର୍ଶନ କରିଥାନ୍ତି। କିନ୍ତୁ ମନ୍ଦିର ପରିସରରେ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଭକ୍ତମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁସାରେ, ଯାତ୍ରା ସମୟରେ ତୀବ୍ର ଗରମ ଓ ଭିଡ଼ ହେତୁ ପାନୀୟ ଜଳର ଆବଶ୍ୟକତା ଅଧିକ ହୋଇପଡ଼େ। ନଳକୂପ ନଥିବାରୁ ଦୂର ଥିବା ଜଳସ୍ରୋତରୁ ପାଣି ଆଣିବାକୁ ପଡୁଛି, ଯାହା ଭକ୍ତ ଓ ଗ୍ରାମବାସୀ ଉଭୟଙ୍କ ପାଇଁ କଷ୍ଟସାଧ୍ୟ ହେଉଛି। ଏହି ପରିପ୍ରେକ୍ଷିତରେ ସନ୍ତୋଷ ଜେନା, ଲବ ଶତପଥୀ, ତ୍ରିନାଥ ସାହୁ, ରଘୁ ପୁଷ୍ଟି, ଅଶୋକ ଜେନା, ଖଲିଚନ୍ଦ୍ର ନାୟକ ଓ ବିରେନ୍ ପାତ୍ର ସମେତ ବହୁ ସଚେତନ ନାଗରିକ ମନ୍ଦିର ପରିସରରେ ଶୀଘ୍ର ଏକ ନୂତନ ନଳକୂପ ସ୍ଥାପନ କରିବାକୁ ପ୍ରଶାସନଙ୍କ ନଜର ଆକର୍ଷଣ କରିଛନ୍ତି। ଗ୍ରାମବାସୀମାନେ ଆଶା ବ୍ୟକ୍ତ କରିଛନ୍ତି ଯେ, ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ, ଯାହା ଫଳରେ ଭକ୍ତମାନଙ୍କୁ ସୁବିଧା ମିଳିବ ଏବଂ ଯାତ୍ରା ସୁଚାରୁ ଭାବେ ସମ୍ପନ୍ନ ହେବ।

# ଚାଉଳ ଯୋଗାଣ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ସୁବର୍ଣ୍ଣପୁର,୨୫।୨(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାରେ ଏଫସିଆଇକୁ ୨୦୨୪-୨୫ ବର୍ଷ ପାଇଁ କଗଝ ଚାଉଳ ଯୋଗାଣ ପ୍ରକ୍ରିୟା ୬ ଫେବୃୟାରୀ ରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ସମସ୍ୟା ଉପରେ ଆଜି ସୁବର୍ଣ୍ଣପୁର ଜିଲ୍ଲାର ରାଇସ ମିଲର୍ସ ସଂଘ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏସନ୍ ପକ୍ଷରୁ ଲିଖିତ ଭାବେ ଜଣାଇଛନ୍ତି ଯେ ୨୦୨୪-୨୫ ର ରବି ମାସରେ ୧୮, ୮୨, ୯୯୨.୪୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରଯାଇଥିବା ବେଳେ ୮, ୬୩, ୯୩୧.୨୩ କ୍ୱିଣ୍ଟାଲ ଚାଉଳ ଯୋଗାଇଛନ୍ତି ଯାହା ପ୍ରାୟ ୬୭% ଏବଂ ୪, ୧୬, ୫୦୩.୬୨ କ୍ୱିଣ୍ଟାଲ ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗାଣ କରିନାହାନ୍ତି। ପୂର୍ବ କାର୍ଯ୍ୟଦକ୍ଷତାକୁ ଦେଖିଲେ ୨୦୨୪-୨୫ ବର୍ଷର ଶତ ପ୍ରତିଶତ ଚାଉଳ ଯୋଗାଣ ପାଇଁ ଆଉ ୩ ମାସ ସମୟ ଲାଗିବ। ଭାରତ ସରକାର ୨୦୨୬ ଏପ୍ରିଲ ସୁଦ୍ଧା ୨୦୨୪-୨୫ ର ଉଗଜ ଯୋଗାଣ ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି। କିନ୍ତୁ ବର୍ତ୍ତମାନ ସୁବର୍ଣ୍ଣପୁର ଜିଲ୍ଲାର ଉଉଓ କୁ ଚାଉଳ ଯୋଗାଣ ୬ ଫେବୃୟାରୀ ରୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଛି। ଯେତେବେଳେ ଆମର ପଡ଼ୋଶୀ ଜିଲ୍ଲା ବରଗଡ଼ ଏବଂ ସମ୍ବଲପୁରରେ ଏଫସିଆଇ ଚାଉଳ ଯୋଗାଣ ନିୟମିତ ଭାବରେ ଜାରି ରହିଛି। ଏହି ସମ୍ପର୍କରେ ଫେବୃଆରୀ ୧୬ ତାରିଖରେ ସୁବର୍ଣ୍ଣପୁରର ଉଉଝଙ୍କୁ ମିଲର୍ସ ପ୍ରତିନିଧିତ୍ୱ ଦାଖଲ କରିଥିଲେ ଏବଂ ମିଲର ସଂଘର ସଦସ୍ୟମାନେ ଓଉଝଓଡ ଲିମିଟେଡର ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟିଥିବା ବେଳେ ସେ କହିଥିଲେ ଯେ ଚାଉଳ ବିତରଣ ଗୋଟିଏ ସପ୍ତାହ ମଧ୍ୟରେ ପୁଣି ଆରମ୍ଭ ହେବ। ରାଜ୍ୟ ସ୍ତରରେ ୧୬ ତମ ପ୍ରୁଡେଣ୍ଟ ପ୍ଲାନ୍ କମିଟି ବୈଠକ ଫେବୃୟାରୀ ୨୦ ରେ ହୋଇଥିଲା ବେଳେ ଏଫସିଆଇ ଚାଉଳ ବିତରଣ ଲକ୍ଷ୍ୟ ୮ଟି ଜିଲ୍ଲାକୁ ଦିଆଯାଇଛି କିନ୍ତୁ ସେଥିରେ ସୁବର୍ଣ୍ଣପୁର ଜିଲ୍ଲାର ନାଁ ନ ଥିବା ଦୁର୍ଭାଗ୍ୟ ବୋଲି ସଂଘ ମତ ରଖିଛି। ମିଲର୍ ସମୂହ ଜିଲ୍ଲା ପ୍ରଶାସନ କୁ ରାଜ୍ୟ ସରକାର ଙ୍କୁ ଧାନ ସଂଗ୍ରହ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ ମାତ୍ର ୨୦୨୫-୨୬ ବର୍ଷ ପାଇଁ ଖରିଫରେ ୩୭, ୬୮, ୪୦୩.୨୧ କ୍ୱିଣ୍ଟାଲ ଧାନ ସଫଳତାର ସହ ସଂଗ୍ରହ କରାଯାଇଛି।

## ପିଲା ଚୋରୀ ଓ ଡାହାଣୀ ସନ୍ଦେହର ଅପପ୍ରଚାରରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ



ବୈଶିଙ୍ଗା ,୨୫।୨(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାରେ ପିଲା ଚୋରୀକୁ ନେଇ ଗୁଜବ ଉଠିବା ଏବଂ ଏଥିରେ ନିରୀହ ଲୋକ ମୃତାହତ ହେବା ଓ ଡାହାଣୀ ସନ୍ଦେହ ରେ ଜୀବନରୁ ମାରି ଦିଆଯାଉଥିବା ଘଟଣା କୁ ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହେବା ପରେ ସାଧାରଣ ଲୋକଙ୍କ ମନରେ ଆତଙ୍କ ଖେଳି ଯାଇଛି। ଏଥିରୁ ନିବୃତ୍ତ ରହିବା ସହିତ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଗତକାଲି ମଙ୍ଗଳବାର ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ବରିଷ୍ଠ ନାଗରିକ ମଞ୍ଚରେ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏଥି ସହିତ ପ୍ରତି ଥାନା ଇଲାକାରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବୈଶିଙ୍ଗା ପୋଲିସ ପକ୍ଷରୁ ସାଧାରଣ ଜନତା, ନିର୍ବାଚିତ ପ୍ରତିନିଧି ଏବଂ ସାମ୍ବାଦିକ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଥାନାର ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ହୋଇଥିଲା। ଥାନାଧିକାରୀ ବାରିଣି ଦାସ ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି ଗୁଜବରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ନିଜ ନିଜ ପିଲାମାନଙ୍କ ପ୍ରତି ଯତ୍ନବାନ ହେବା ପାଇଁ ଅଭିଭାବକ ଙ୍କୁ ପରାମର୍ଶ ଦେଇଥିଲେ।

## କଂପ୍ୟୁଟର ଡିଲର ସଂଘ ବୈଠକ

ଜୟପୁର,୨୫।୨(ସଂଚାର ବ୍ୟୁରୋ): କଂପ୍ୟୁଟର ଡିଲର ସଂଘର ବୈଠକ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପି.ଗୌତମ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡିଲରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଲୋଚନା କରାଯିବା ସହ ସରକାରୀ ଟେଣ୍ଡରର ପ୍ରକ୍ରିୟାରେ ଜୟପୁରର ଦୋକାନ ମାଲିକ ମାନେ କିପରି ସାମିଲ ହେବେ ସେନେଇ ଆଲୋଚନା କରାଯାଇଥିଲା। ଠିକରେ ବ୍ୟବସାୟ କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା, ଉପଯୁକ୍ତ ସେବା ଯୋଗାଇଦେବା, ସୁଲଭ ମୂଲ୍ୟରେ କଂପ୍ୟୁଟର ପ୍ରଦାନ କରିବା ପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଜୟପୁର ସହରରେ ସେଲସ ସର୍ଭିସରେ ଆଇ ଟି ହବ ହେବ ସେଥିନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ବ୍ୟବସାୟୀ ମାନେ ନିଜ ନିଜ ମତ ଦେଇଥିଲେ।

## ଗାରିମା ଯୋଜନା ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ମୋବାଇଲ ବଣ୍ଟନ

ଜୟପୁର,୨୫।୨(ସଂଚାର ବ୍ୟୁରୋ): ଜୟପୁର ପୌରପାଳିକା ଅଧିନରେ କାମ କରୁଥିବା ଗାରିମା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ୧୧ଜଣ କର୍ମଚାରୀ ମାନଙ୍କୁ ଆଜି ମୋବାଇଲ ପ୍ରଦାନ କରାଯାଇଛି। ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୌରଉପାଧ୍ୟକ୍ଷ ବି. ସୁନିତା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ପ୍ରମୁଖ ଉପସ୍ଥିତ ରହି ମୋବାଇଲ ଏବଂ ସିମ ପ୍ରଦାନ କରିଥିଲେ। ଗାରିମା ଅନ୍ତର୍ଭୁକ୍ତ ଥିବା କର୍ମଚାରୀ ମାନେ ଠିକ ସମୟରେ ଏହି ମୋବାଇଲର ବ୍ୟବହାର କରିବେ। ସମସ୍ତେ ସେଫଟି କିଟି ବ୍ୟବହାର କରୁଛନ୍ତି କି ନାହିଁ ସେନେଇ ମଧ୍ୟ ମୋବାଇଲ ମାଧ୍ୟମରେ ଜଣା ପଡ଼ିବ।

## ସରକାରୀ କର୍ମଚାରୀଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର

ଭଦ୍ରକ,୨୫।୨(ସଂଚାର ବ୍ୟୁରୋ): ଚକ୍ଷୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସାଲନ୍ଦି ସଭାଗୃହରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସରକାରୀ କର୍ମଚାରୀଙ୍କ ପାଇଁ ଆୟୋଜିତ ହେଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଦ୍ୱାରା ଉଦ୍ଘାଟିତ ଏହି ଶିବିରଟି ଜିଲ୍ଲା ରେଡ୍ କ୍ରସ୍ ସମିତି, ଭଦ୍ରକଙ୍କ ଆନୁକୂଲ୍ୟରେ ଆୟୋଜିତ ହେଇଯାଇଛି। ଜଗଦୀଶ ପ୍ରସାଦ ମହାପାତ୍ର, ସେଂଟର ହେଡ୍, ଡା. ଅଗରୱାଲ୍ସ ଆଇ କ୍ଲିନିକ୍, ଭଦ୍ରକଙ୍କ ସହଯୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଶିବିର ଆୟୋଜିତ ହେଇଛି।

## ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରାକୁ ସ୍ୱାଗତ

ଭଦ୍ରକ,୨୫।୨(ସଂଚାର ବ୍ୟୁରୋ): ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଏକ ଲୋକ ଅଧିକାର ଯାତ୍ରା ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁରରୁ ଆରମ୍ଭ ହୋଇ ଜଗତସିଂପୁର, ଯାଯପୁର ଜିଲ୍ଲା ଅତିକ୍ରମ କରି ଭଦ୍ରକରେ ପହଞ୍ଚିଥିଲା। ଏହି ଅଭିଯାତ୍ରୀ ଦଳକୁ ଭଦ୍ରକବାସୀଙ୍କ ପକ୍ଷରୁ ଫୁଲ ତୋଡା ଦିଆଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅଭିଯାତ୍ରୀ ଦଳରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଗଣ ଆନ୍ଦୋଳନର ନେତା ନରେନ୍ଦ୍ର ମହାନ୍ତି, ପଶ୍ଚିମ ଓଡ଼ିଶାର କୃଷକ ନେତା ଲିଙ୍ଗରାଜ ପ୍ରଧାନ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିଶ୍ୱଜିତ୍ ରାୟ, ପରିବେଶ ନ୍ୟାୟ କେନ୍ଦ୍ର ସମ୍ପାଦକ ସର୍ବେଶ୍ୱର ସାହୁ, ଆଦିବାସୀ ନେତା ସୁକାନ୍ତ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଭଦ୍ରକ ଜିଲ୍ଲାବାସୀଙ୍କ ପକ୍ଷରୁ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କଂଗ୍ରେସ ଦଳିତ ସେଲ ର ସମ୍ପାଦକ ରାଜେନ୍ଦ୍ର ଯେନା, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ବରିଷ୍ଠ ଆଇନଜୀବି ପବନ ଶର୍ମା, ଗାନ୍ଧୀବାଦୀ ବୁଦ୍ଧିଜୀବି ସେକ୍ ଫାରୁକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ରୋଟାରୀ କ୍ଲବ ସଭାପତି ନାସିର ବକ୍ସ, ସଂଖ୍ୟାଲଘୁ ସେଲ ର ସମ୍ପାଦକ ସେକ୍ କଲାମ, ସେକ୍ ସବୀର ପ୍ରମୁଖ କଚେରୀ ବଜାର ଠାରେ ଉପସ୍ଥିତ ହୋଇ ଏହି ଯାଠାକୁ ସ୍ୱାଗତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ପରିବେଶ ଆଇନକୁ ଯେଭଳି ଉଲଙ୍ଘନ କରାଯାଇ ଦେଶୀ ବିଦେଶୀ ବହୁଜାତୀୟ ପୁଞ୍ଜିପତି ମାନଙ୍କୁ ଆମ ଦେଶର ଜଙ୍ଗଲ, ସମୁଦ୍ର, ଖଣି, ନଦୀ, ଝରଣା ଆଦିକୁ ଯେଭଳି ବିକ୍ରିକରାଯାଉଛି, ତାହା ବିରୁଧରେ ଲଢେଇ କରିବାକୁ ଏକଜୁଟ ହେବାକୁ ଲୋକ ଅଧିକାର ଯାତ୍ରା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

## କେନ୍ଦୁପତ୍ର ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୨୫।୨ (ସଂଚାର ବ୍ୟୁରୋ): ଆଜି ମାଲକାନଗିରି କେନ୍ଦୁପତ୍ର ସଙ୍ଘ ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ୧୧୧ ଗୋଟି ପଞ୍ଚାୟତରେ କେନ୍ଦୁପତ୍ର ସ୍ଥାନୀୟ ବ୍ୟବସାୟୀ ମାନେ କେନ୍ଦୁପତ୍ର କ୍ରୟ କରିବାକୁ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ବିଗତ ବର୍ଷ ବାହାରୁ କେନ୍ଦୁପତ୍ର ବ୍ୟବସାୟୀ ମାନେ କେନ୍ଦୁପତ୍ର କ୍ରୟ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇନଥିବା ଉଲ୍ଲେଖ କରିଥିଲେ। କେନ୍ଦୁପତ୍ର ସଂଘ ସଭାପତି ଘନଶ୍ୟାମ ମାଡକାମୀ, ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟମାନେ ଏ ସମ୍ପର୍କରେ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଦାବି ପତ୍ର ଦେବା ସହିତ ଆଲୋଚନା କରିଥିଲେ। ପ୍ରକାଶ ଥାଉକି କେନ୍ଦୁପତ୍ର କ୍ରୟ ଲାଗି କେନ୍ଦୁପତ୍ର ବ୍ୟବସାୟୀ ମାନେ ପୂର୍ବରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ କରୁଥିଲେ। ବର୍ତ୍ତମାନ କେନ୍ଦୁପତ୍ର କ୍ରୟ ଲାଗି ପଞ୍ଚାୟତ କାର୍ଯ୍ୟାଳୟକୁ ନଯାଇ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟଙ୍କା ଓ ଆବେଦନ ପତ୍ର ପୈଠ କରାଯିବ ବୋଲି ସଂଘ ଦାବି ପତ୍ର ରେ ଉଲ୍ଲେଖ କରିଛି। ସମ୍ପୃକ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ କେଉଁ ବ୍ୟବସାୟୀ କେଉଁ ପଞ୍ଚାୟତରେ କେନ୍ଦୁପତ୍ର କ୍ରୟ କରିବ ବିଜ୍ଞପ୍ତି ପ୍ରକାଶ କରି ନିଷ୍ପତି ଗ୍ରହଣ କରିବେ। ଗତବର୍ଷ କେନ୍ଦୁପତ୍ର କେରି ପ୍ରତି ସରକାରୀ ସ୍ତରରେ ୩ ଟଙ୍କା ୨୦ ପଇସା, ବୋନସ ୮୦ ପଇସା ରେ କ୍ରୟ କରାଯାଇଥିବା ବେଳେ ଘରୋଇ ବ୍ୟବସାୟୀମାନେ ୫ ଟଙ୍କାରେ କେନ୍ଦୁପତ୍ର କେରି କ୍ରୟ କରୁଥିଲେ। ଚଳିତ କେନ୍ଦୁପତ୍ର କ୍ରୟ ଲାଗି କେରି ପ୍ରତି ସରକାରୀ ସ୍ତରରେ ମୂଲ୍ୟ ନିର୍ଦ୍ଧାରଣ ହୋଇ ନଥିବା ବେଳେ ଆଗାମୀ ଦିନରେ ଦର ଧାର୍ଯ୍ୟ ହେବ ବୋଲି କୁହାଯାଉଛି।

## ପରସ୍ପର ମଧ୍ୟରେ ଭାଇଚାରା ସହ ସଶକ୍ତ ହେଉଛି ବିଜେଡି

### ଦଳ ତରଫରୁ କର୍ମୀ ସମ୍ମିଳନୀ



କାକଟପୁର/ଅସ୍ତରଙ୍ଗ, ୨୫।୨ (ସଂଚାର ବ୍ୟୁରୋ): ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା ସହ ଖୁସିରେ ସମୟ ଅତିବାହିତ କରିବା ଉଦେଶ୍ୟରେ କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ବିଜୁ ଜନତା ଦଳର କର୍ମୀ ମାନଙ୍କୁ ନେଇ ପୁରୁଣାକୁଣ୍ଡ ସ୍ଥିତ ଠାକୁରାଣୀ ଙ୍କ ନିକଟରେ ଏକ କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ସଭାପତି ପ୍ରମୋଦ ବେହେରା ଙ୍କ ସଭାପତିତ୍ୱ ରେ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ଙ୍କ ଶତାଧିକ କର୍ମୀ ଯୋଗଦେଇଥିଲେ।ଆଗକୁ ପଞ୍ଚାୟତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତି କରିବା ସହ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଅନେକ ସମସ୍ୟା ରେ ରହିଛନ୍ତି ସାଧାରଣ ଜନତା।ସମସ୍ତେ ମିଳିମିଶି ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା, ଆଗାମୀ ଦିନରେ ବିଜୁ ଜନତା ଦଳକୁ ସଶକ୍ତ ଓ ସୁଦୃଢ଼ କରିବା ସେ ନେଇ ଆଲୋଚନା ହୋଇଥିଲା। ବିଜେଡି ସଂଗଠନ କୁ ମଜଭୁତ କରିବା, ଦଳର ସମସ୍ତ କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ଲୋକମାନଙ୍କ ନିକଟରେ ପହଂଚି ସମସ୍ୟା ବୁଝିବା ସମ୍ପର୍କ ରେ ଅତିଥି ମତପ୍ରକାଶ କରିଥିଲେ। ଏହି ବୈଠକ ରେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜେନା, ସତ୍ୟ ପ୍ରକାଶ ସ୍ୱାଇଁ, ଦେବୀ ପ୍ରସାଦ ମିଶ୍ର ଙ୍କ ସହ ଶତାଧିକ ବିଜୁ ଜନତା ଦଳର କର୍ମୀ ଯୋଗ ଦେଇ ସରିପୁର ପଞ୍ଚାୟତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଶ୍ରୀ ଶ୍ରୀ ରାଧାଗୋବିନ୍ଦ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଭଦ୍ରକ, ୨୫।୨ (ସଂଚାର ବ୍ୟୁରୋ): ଭଦ୍ରକ ବ୍ଲକ ରାନ୍ଧିଆ ଗ୍ରାମ ପଓଠାୟତ ଅନ୍ତର୍ଗତ କୋରଂଟ (ବ୍ରାହ୍ମଣସାହି) ଗ୍ରାମରେ ଏକ ପବିତ୍ର ଓ ଆନନ୍ଦମୟ ପରିବେଶରେ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ଉତ୍ସବ ଭବ୍ୟ ଭାବରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ବାପୁଜୀ ପାଣିଗ୍ରାହୀ ଙ୍କ ବାସଭବନରେ ଆୟୋଜିତ ଏହି ଆଧ୍ୟାତ୍ମିକ ଅବସର ଗ୍ରାମବାସୀଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିଲା।

## ଖଡ଼ିଆଳରେ କୋସଲି ଦିନ ପାଳିତ

ନୂଆପଡ଼ା, ୨୫।୨ (ସଂଚାର ବ୍ୟୁରୋ): କୋସଲି ରତ୍ନ ପ୍ରାୟଗଦତ ଜୋଶୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଖଡ଼ିଆଳ ଠାରେ କୋସଲି ଦିନ ଆଜି ପାଳିତ ହୋଇଯାଇଛି। ଖଡ଼ିଆଳ ପ୍ରାୟଗଦତ ଜୋଶୀ ଛକ ଠାରେ ଥିବା ତାଙ୍କ ପ୍ରତି ଛବିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଖଡ଼ିଆଳ ସେଲ୍ଫି ପଏଣ୍ଟ ପାଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡଃ ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ରରେ କେଶବ ବେହେରା, କୋସଲୀ ମଞ୍ଚର ଜିଲ୍ଲା ସଂଯୋଜକ ରଞ୍ଜିତ ସିଂ ମହାରଥା, ଗୌତମ ପ୍ରସାଦମୁଣ୍ଡ, କୁଞ୍ଜଲତା ସିଂ ମହାରଥା, ପ୍ରାୟଗଦତ ଜୋଶୀଙ୍କ କନ୍ୟା ପ୍ରଭାସିନୀ ଦୋଷୀ, ଚୈତନ୍ୟ ତାଣ୍ଡି, ଭବାନୀଶଙ୍କର ପଣ୍ଡା, ସୁଷମା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କୋସଲୀ ଭାଷାକୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଚଳନ କରିବା, କୋସଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବା, କୋସଲ ଅଞ୍ଚଳ ପ୍ରତି ସରକାରଙ୍କ ଅବହେଳା ବନ୍ଦ କରିବା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା।